R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫୯
ତିଥି: ପ୍ରତିପଦ
୨୬ ଜୁନ୍ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 259
26 June 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



## ୪୧ ବର୍ଷ ପରେ ପୁଣି ଗୌରବମୟ ମୁହୂର୍ତ୍ତ

# ମହାକାଶ ଗଲେ ଶୁଭାଂଶୁ



ନୂଆଦିଲ୍ଲୀ, ୨୫।୬: ଭାରତର ମହାକାଶ ଯାତ୍ରାରେ ନୂଆ ଅଧ୍ୟାୟ ଯୋଡି ହୋଇଛି। ୧୯୮୫ରେ ଜନ୍ମ ଗ୍ରହଣ କରିଥିବା ଶୁଭାଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶ ଯାତ୍ରା ଆରମ୍ଭ କରିଛନ୍ତି। ୧୯୮୪ରେ ସ୍କାଡନ ଲିଡର ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶ ଯାଇଥିଲେ। ରାକେଶ ଶର୍ମାଙ୍କ ଯାତ୍ରାର ବର୍ଷକ ପରେ ଜନ୍ମ ହୋଇଥିବା ଶୁଭାଶୁ ଆଜି ମହାକାଶକୁ ଯାଇଛନ୍ତି। ଆନ୍ତର୍ଜାତୀୟ ଏୟାର ସ୍ପେଶ ଷ୍ଟେସନ୍ ମିଶନରେ ସାମିଲ ହେବାର କୀର୍ତ୍ତିମାନ ମଧ୍ୟ ହାସଲ କରିଛନ୍ତି।

କାନ୍ଧରେ ତ୍ରିରଙ୍ଗା ରହିଛି। ମହାକାଶରୁ ସେ ବାର୍ତ୍ତା ଦେଇ କହିଛନ୍ତି ଯେ ଏହା ଏକ ଆମୋଦଦାୟକ ଯାତ୍ରା। ଆମେ ପୃଥିବୀ ଚାରିପଟେ ପ୍ରତି ସେକେଣ୍ଡରେ ୭.୫ କିଲୋମିଟର ବେଗରେ ଘୁରୁଛୁ। ମୋ କାନ୍ଧରେ ତ୍ରିରଙ୍ଗା ରହିଛି ମୁଁ ସବୁ ଦେଶବାସୀଙ୍କ ସହ ରହିଛି।

### ୧୪ ଦିନ ସେଠାରେ ରହିବେ

### ବାହୁରେ ତ୍ରିରଙ୍ଗା, ମୁହଁରେ ଜୟ ଭାରତ, ଜୟ ହିନ୍ଦ

ଏହି ଯାତ୍ରା ମୋର ନୁହେଁ, କିନ୍ତୁ ଏହା ଭାରତର ମାନବ ମହାକାଶ କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ମୁଁ ଚାହୁଁଛି ଆପଣମାନେ ସମସ୍ତେ ଏହି ଯାତ୍ରାରେ ସାମିଲ ହୁଅନ୍ତୁ। ଆପଣଙ୍କ ଛାତି ଗର୍ବରେ ଚଉଡା ହେଉ। ସେ ଜୟ ହିନ୍ଦ୍ ଓ ଜୟ ଭାରତ କହି ତାଙ୍କର ଏହି ଯାତ୍ରା ଆରମ୍ଭ କରିଛନ୍ତି। ୪୧ ବର୍ଷ ପୂର୍ବେ ସ୍କାଡେନ୍ ଲିଡର ରାକେଶ ଶର୍ମା ସେଉଜଟି-୧୧ ଇଞ୍ଜିନ୍ ଝଡ ଭଳି ଶବ୍ଦ କରି ଉଡାଣ ଭରି ଥିଲେ। ପ୍ରଥମ ଭାରତୀୟ ଭାବେ ମହାକାଶକୁ ଉଡାଣ କରିବାରେ ରେକର୍ଡ କରିଥିଲେ। ସେହି ସମୟର ଅନୁଭୂତି ବେଶ ସ୍ମରଣୀୟ ହୋଇ ରହିଥିଲା। ଦ୍ୱିତୀୟ ଭାରତୀୟ ଭାବେ ଶୁଭାଶୁ ଆଜି ଆକ୍ସିଅମ୍ ମିଶନ ୪ ମିଶନରେ ସାମିଲ ହୋଇଛନ୍ତି। ଭାରତୀୟ ସମୟ ଦିନ ୧୨.୧ରେ ଏହି ମିଶନ ଲଞ୍ଚ ହୋଇଛି। କେନେଡି ସ୍ପେଶ ସେଣ୍ଟରର ଲଞ୍ଚ କମ୍ପ୍ଲେକ୍ସ ୨୯୩୯ ଏରୁ ସ୍ପେଶ ଏକ୍ସର ଶକ୍ତିଶାଳି ଫାଲକନ୍-ଏନ ରକେଟ୍ ଉତ୍କ୍ଷେପଣ ହୋଇଛି। ଡ୍ରାଗନ ସ୍ପେଶ କ୍ୟାପସୁଲରେ ସ୍ପେଶ ଷ୍ଟେସନକୁ ଯାଇଛନ୍ତି ୪ (୯ ପୃଷ୍ଠାରେ)

## ଆଜି ନବଯୌବନ ଦର୍ଶନ

ପୁରୀ, ୨୫।୬ (ସବ୍ୟୁ) : ପନ୍ଦର ଦିନ ଧରି ଜ୍ୱରରେ ପୀଡିତ ହୋଇ ଅନବସର ଥିବା ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହ ମାନେ ଏବେ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇଛନ୍ତି।

ଆଉ ଦିନକ ପରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା। ଆଜି ନବ ଯୌବନ ନୀତି। ନବ ଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି। ଏଥି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନୀତି କାନ୍ତି ଚୂଡ଼ାନ୍ତ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ନବ ଯୌବନ ବେଶ ପାଇଁ ସ୍ୱତନ୍ତ୍ର ପରିମାଣିକ ଟିକେଟ ବ୍ୟବସ୍ଥା କରା ଯାଇଛି। ପରିମାଣିକ ଦର୍ଶନ ଟିକେଟଧାରି ମାନେ ସକାଳ ୮ ଟା ରୁ ୯ ପର୍ଯ୍ୟନ୍ତ ଦର୍ଶନ କରିବେ। ସେହିପରି ସର୍ବସାଧାରଣ ବା ସାହାଣ ମେଳା ଦର୍ଶନ ୯ ଟା ରୁ ୧୦ ଟା ୩୦ ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭକ୍ତମାନେ ଧାଡ଼ିରେ ମନ୍ଦିର ଭିତରକୁ ପ୍ରବେଶ କରି ଦର୍ଶନ କରିବେ। ପରେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ।

## ୨୦୨୬ରୁ ସିବିଏସ୍ଇରେ ଦୁଇଟି ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ, ୨୫।୬: ଆସନ୍ତା ଶିକ୍ଷାବର୍ଷ ୨୦୨୬ରୁ ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷା ଦଶମ ଶ୍ରେଣୀରେ ଅନୁଷ୍ଠିତ ହେବ। ୨୦୨୬ରୁ ସିବିଏସ୍ଇ ପ୍ରଥମଥର ଲାଗି ଏହି ନିୟମ ଲାଗୁ କରିଛି। ନିୟମ ଘୋଷଣା ଅନୁଯାୟୀ ପ୍ରଥମ ବୋର୍ଡ ପରୀକ୍ଷା ଫେବୃଆରୀରେ ଅନୁଷ୍ଠିତ ହେବ। ଏହା ବାଧ୍ୟତାମୂଳକ ରହିବ। ପ୍ରଥମ ବୋର୍ଡ ପରୀକ୍ଷା ପରେ ମେ ମାସରେ ପିଲାଙ୍କୁ ଆଉ ଏକ ପରୀକ୍ଷାର ସୁଯୋଗ ମିଳିବ। ଯାହା ସମ୍ପୂର୍ଣ୍ଣ ଇଚ୍ଛାଦିନର ଶୁଭେଚ୍ଛା ରହିବ।

ଯେଉଁ ପିଲାମାନେ ଚାହିଁବେ ଏହି ପରୀକ୍ଷା ଦେଇପାରିବେ। ନିଜର ନମ୍ବର ବଢ଼ାଇବା ପାଇଁ ଏହା ଏକ (୯ ପୃଷ୍ଠାରେ)

### ଜରୁରୀ ପରିସ୍ଥିତି ଘୋଷଣାର ୫୦ ବର୍ଷ ପୂର୍ତ୍ତି ପାଳନ

## କେନ୍ଦ୍ର କ୍ୟାବିନେଟରେ ସଂକଳ୍ପ ଗୃହୀତ

ନୂଆଦିଲ୍ଲୀ, ୨୫।୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଜରୁରିକାଳୀନ ପରିସ୍ଥିତି ଘୋଷଣାର ୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକ ସଂକଳ୍ପ ଗୃହୀତ ହୋଇଛି । ସାହସିକତାର ସହିତ ଜରୁରିକାଳୀନ ପରିସ୍ଥିତି ଏବଂ ଭାରତୀୟ ସମ୍ବିଧାନର ଆତ୍ମାକୁ ନଷ୍ଟ କରିବା ଲାଗି ହୋଇଥିବା ଉଦ୍ୟମକୁ ବିରୋଧ କରିଥିବା ଅଗଣିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଜଣାଇବା ଏବଂ ସ୍ମୃତିଚାରଣ କରିବା ଏହି ସଂକଳ୍ପର ଉଦ୍ଦେଶ୍ୟ । ୧୯୭୪ରେ ନବନିର୍ମାଣ ଆନ୍ଦୋଳନ ଏବଂ ସମ୍ପୂର୍ଣ୍ଣ କ୍ରାନ୍ତି ଅଭିଯାନକୁ ଚାପିଦେବା ଲାଗି ଏକ ନିଷ୍ଠୁର ପ୍ରୟାସ ସହିତ ଏହି ଦମନଲୀଳା ଆରମ୍ଭ ହୋଇଥିଲା ।

ଯେଉଁ ଲୋକମାନଙ୍କର ସାମ୍ବିଧାନିକ ଅଧିକାରକୁ ଛଡ଼େଇ ନିଆଯାଇଥିଲା ଏବଂ ଯେଉଁମାନେ ଅକଥନୀୟ ନିର୍ଯାତନାର ଶିକାର ହୋଇଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଆଜିର କ୍ୟାବିନେଟ୍ ବୈଠକରେ ଦୁଇ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇଛି ।ଜରୁରି ପରିସ୍ଥିତିର ଦମନକାରୀ ଉଦ୍ୟମ ପ୍ରତି ଅନୁକରଣୀୟ ସାହସ ପ୍ରଦର୍ଶନ କରିଥିବା ଏବଂ ଏହାକୁ ପ୍ରତିରୋଧ କରିଥିବା ଲୋକମାନଙ୍କ ପ୍ରତି କେନ୍ଦ୍ର କ୍ୟାବିନେଟ୍ ସମ୍ମାନ ପ୍ରଦର୍ଶନ କରିଥିଲା ।

୨୦୨୫ ମସିହାରେ ସମ୍ବିଧାନ ହତ୍ୟା ଦିବସର ୫୦ ବର୍ଷ ପୂରଣ ହେଉଛି। ଏହା ଭାରତୀୟ ଇତିହାସର ଏକ ଅଭୁଲା ଅଧ୍ୟାୟ ଯେଉଁଥିରେ ସମ୍ବିଧାନକୁ ନଷ୍ଟ କରାଯାଇଥିଲା, ଭାରତର ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ଭାବନା ଉପରେ ଆକ୍ରମଣ କରାଯାଇଥିଲା, ସଂଘୀୟ ବ୍ୟବସ୍ଥାକୁ ଅମାନ୍ୟ କରାଯାଇଥିଲା ଏବଂ ମୌଳିକ ଅଧିକାର, ମାନବ ସ୍ୱାଧୀନତା ଓ ମର୍ଯ୍ୟାଦାକୁ ଦମନ କରାଯାଇଥିଲା । କେନ୍ଦ୍ର କ୍ୟାବିନେଟ ଦୃଢ଼ ଭାବେ ଦୋହରାଇଛନ୍ତି ଯେ, ଭାରତର ଲୋକମାନେ ଭାରତୀୟ ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ନୀତିର ସ୍ଥିରତା ଉପରେ ଅତୁଟ ବିଶ୍ୱାସ ରଖିଛନ୍ତି । ଏକଛତ୍ରବାଦୀ ପ୍ରବୃତ୍ତିକୁ ପ୍ରତିରୋଧ କରୁଥିବା ଏବଂ ଆମ ସମ୍ବିଧାନ ଓ ଏହାର ଗଣତାନ୍ତ୍ରିକ ଢାଞ୍ଚାକୁ ରକ୍ଷା କରିବା ପାଇଁ ଦୃଢ଼ (୯ ପୃଷ୍ଠାରେ)

### ଇ-ରେଜିଷ୍ଟ୍ରେସନ ମୋବାଇଲ ଆପ୍ ଉନ୍ମୋଚନ

## ରାଜସ୍ୱ ସେବା ଏବେ ଲୋକଙ୍କ ନିକଟତର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୫।୬ (ସବ୍ୟୁ) : ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡିଶା ଖୁବ ସଫଳ। ଗତ ବର୍ଷ ହୋଇଥିବା ବାତ୍ୟା 'ଦାନାଦ ସମୟରେ ଆମେ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ କରିଥିଲୁ। ଆମର ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବାକୁ ପଡିବ।

ଆଜି ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ ମୋବାଇଲ ଆପର ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ଆପ୍‌ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇ-ରେଜିଷ୍ଟ୍ରେସନ ଆପ୍ ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ ମାଇଲଷ୍ଟୋନ। ଏହି ଆପ୍ ମଧମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ ମାଧ୍ୟମରେ ରେଜିଷ୍ଟ୍ରେସନ ଡିଡ୍ ପାଇଁ ସ୍ଲଟ ବୁକିଙ୍ଗ, ସାର୍ଟିଫାଏଡ କପି ଓ ଇସି ପାଇଁ ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍ ରେ ସବ୍ ରେଜିଷ୍ଟ୍ରାର ଅଫିସ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାସଲେସ ହୋଇପାରିଛି। ଏହାଦ୍ୱାରା ସବ୍ ରେଜିଷ୍ଟ୍ରାର ଅଫିସରେ ଅଯଥା ଭିଡ ମଧ୍ୟ ହ୍ରାସ ହୋଇପାରିବ।

ରାଜସ୍ୱ ବିଭାଗର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବର୍ଷକ ମଧ୍ୟରେ (୯ ପୃଷ୍ଠାରେ)

## ଲଘୁଚାପ ରୂପ ନେବ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୫।୬ (ସବ୍ୟୁ): ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ପ୍ରଭାବରେ ପ୍ରବଳ ବର୍ଷିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ବୁଧବାର ଦିନ ୧୨ଟାରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି । ଫଳରେ ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ବର୍ଷା ଆଉ ୨୪ ଘଣ୍ଟା ପର୍ଯ୍ୟନ୍ତ ହେବ । ତେବେ ୨୭ତାରିଖରୁ ବର୍ଷାର ପରିମାଣ ହ୍ରାସ ପାଇବାର ସମ୍ଭାବନା ରହିଛି ।

ଆଉ ୨୪ ଘଣ୍ଟା ପ୍ରବଳ ବର୍ଷିବ


୨୭ରୁ ଉପକୂଳରେ କମିବ ବର୍ଷା

ଭୁବନେଶ୍ୱରରେ ବର୍ଷିଲା ୫୦ ମିମି

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର କହିବାନୁସାରେ, (୯ ପୃଷ୍ଠାରେ)

## ଆରଏସପି ସମ୍ପ୍ରସାରଣ : ଉଚ୍ଚସ୍ତରୀୟ କମିଟି ପ୍ରସ୍ତାବ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୬(ସବ୍ୟୁ) :ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଥିବା ସମସ୍ୟାର ସମାଧାନ ପାଇଁ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ବୈଠକରେ କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚଡି କୁମାରସ୍ୱାମୀ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଯୋଗ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି ବୈଠକରେ ରାଉରକେଲା ଉସ୍ପାତ୍ କାରଖାନାର ସମ୍ପ୍ରସାରଣ ନେଇ ଥିବା ପ୍ରତିବନ୍ଧକ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । କାରଖାନାର ସମ୍ପ୍ରସାରଣ ନେଇ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ, ଯେଉଁ ପ୍ରସ୍ତାବକୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଗ୍ରହଣ କରିଛନ୍ତି ।ଏଥିପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା (୯ ପୃଷ୍ଠାରେ)




## ଜବରଦଖଲ ଉଚ୍ଛେଦ ; ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ




ବାରିପଦା/କୁଳିଅଣା, ୨୫।୬ (ସବ୍ୟୁ) : ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ତହସିଲଦାର ଦୁର୍ଗାଚରଣ ମୁର୍ମୁଙ୍କୁ ସଂଘବଦ୍ଧ ଭାବେ ପାଣି ବୋତଲରେ ଆକ୍ରମଣ, ସାର୍ଟ ଟାଣି ଛିଡାଇବା ସହ ଘୋଷାରି ଘୋଷାରି ରାସ୍ତାରେ ଟାଣିବା ପରି ଅଭାବନୀୟ ଘଟଣା ଘଟିଯାଇଛି। ଘଟଣାରୁ ପ୍ରକାଶ ଯେ, ଜିଲ୍ଲାପ୍ରଶାସନ ପକ୍ଷରୁ କୁଳିଅଣା ବ୍ଲକର ତିତିରି ଅଞ୍ଚଳରେ ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ ନେଇ ହୋଇଥିବା ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୫ଟି ଘର ଭଙ୍ଗା ଯାଇଥିଲା। ସରକାରୀ ଜାଗାରେ ଦୀର୍ଘବର୍ଷ ଧରି ୧୩୦ରୁ ଉର୍ଦ୍ଧ୍ୱ ଘର ରହିଥିବାବେଳେ ଏମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏହାକୁ ଘୋର ବିରୋଧ କରିଥିଲେ ଅଞ୍ଚଳବାସୀ। ବୁଧବାର କୁଳିଅଣା ତହସିଲଦାର ଟିମ୍‌ଙ୍କ ସହ ଉଚ୍ଛେଦ ପାଇଁ ଯାଇଥିବାବେଳେ ତହସିଲଦାରଙ୍କୁ ଆକ୍ରମଣ କରାଯିବା ସହ କୁଳିଅଣା ଥାନା ପର୍ଯ୍ୟନ୍ତ ୬ଶହ ମିଟର ଘୋଷାରି ଘୋଷାରି ନେଇଥିଲେ ଉତ୍ୟକ୍ତ ଗ୍ରାମବାସୀ (୯ ପୃଷ୍ଠାରେ)



## ଭିଗାନ୍ ସି ଫୁଡ୍

ଗତ କିଛି ଦିନ ଭିତରେ ଗ୍ଲୋବାଲ ସି ଫୁଡ୍ ମାର୍କେଟ ବଢିବାରେ ଲାଗିଛି । ଯାହା ଫଳରେ ସି ଫୁଡ୍ର ବିଭିନ୍ନ ପ୍ରକାରର ଉତ୍ପାଦନ ଉପରେ ପ୍ରେସର ପଡୁଛି । ବେପାରୀମାନେ ଅଧିକ ସି ଫୁଡ ଆମଦାନୀ କରିବାକୁ ଚେଷ୍ଟା କରୁଛନ୍ତି । ଯେଉଁ କାରଣରୁ ଜଳଚର ପ୍ରାଣୀମାନେ ଅନେକ ସମସ୍ୟାର ସାମନା କରିବାରେ ଲାଗିଛନ୍ତି । ଏହା ଜଳଜୈବ ବିବିଧତା ଉପରେ ଖରାପ ପ୍ରଭାବ ପକାଉଛି । ତେବେ ଏହି ଚାଲେଞ୍ଜକୁ ସମାଧାନ କରିବାକୁ ସିଙ୍ଗାପୁର ନ୍ୟାସନାଲ ୟୁନିଭର୍ସିଟିର କିଛି ଗବେଷକମାନେ ଏକ ଉପାୟ ବାହାର କରିଛନ୍ତି । ଏହି ବୈଜ୍ଞାନିକମାନେ ଭେଗାନ୍ ସି ଫୁଡର ନିର୍ମାଣ କରିଛନ୍ତି । ଏହି ଖାଦ୍ୟକୁ ସେମାନେ ବିଭିନ୍ନ ପରିବା କିମ୍ବା କବକରୁ ପ୍ରସ୍ତୁତ କରିଛନ୍ତି । ଏହି ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବା ସି ଫୁଡ୍ର ଟେଷ୍ଟ ଅବିକଳ ମାଛ ପରି, ଯେଉଁଥିରେ ସତ ମାଛର ସମସ୍ତ ସ୍ୱାସ୍ଥ୍ୟକର ଫାଇଦା ମଧ୍ୟ ରହିଛି । ତେଣୁ ବର୍ତ୍ତମାନ ଦେଖିବାକୁ ମିଳୁଥିବା ସିଫୁଡ୍ର ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି । ଏହାର ସ୍ୱାଦ ଓ ଟେକ୍ସଚର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି, ଯେପରି ସି ଫୁଡର ଅବିକଳ ହୋଇପାରିବ । ଏଥିପାଇଁ ସେମାନେ ଥ୍ରୀଡି ପ୍ରିଣ୍ଟିଂର ସାହାଯ୍ୟ ନେଇଛନ୍ତି । ଏଥିରେ ସେମାନେ ପ୍ରୋଟିନ୍ ହେସ୍ଟ ଇଙ୍କ ବ୍ୟବହାର କରାଯାଇଛି । ତେଣୁ ଏହାର ଅନ୍ୟନାମ ଥ୍ରୀଡି ପ୍ରିଣ୍ଟେଡ୍ ଭିଗାନ ସି ଫୁଡ୍ । ବୈଜ୍ଞାନିକଙ୍କର ଏହି ଉଦ୍ଭାବନକୁ ସୋସିଆଲ ମିଡିଆରେ ଖୁବ ପ୍ରଶଂସା କରାଯାଇଛି ।

## ଆଜି ଜନ୍ମଦିନ
# ବଙ୍କିମ ଚନ୍ଦ୍ର ଚାଟାର୍ଜୀ



ଜଣେ ଉପନ୍ୟାସକାର, କବି ତଥା ସାମ୍ବାଦିକଭାବେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କର ରହିଛି ଅନନ୍ୟ କୃତି । ତାଙ୍କ ରଚନା 'ବନ୍ଦେ ମାତରମ୍' ତାଙ୍କୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ । ସଂସ୍କୃତ ଓ ବଙ୍ଗଳା ଭାଷାରେ ରଚନା କରାଯାଇଥିବା ଏହି କବିତାକୁ ୧୯୫୦ରେ ରାଷ୍ଟ୍ରୀୟଗୀତ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । ୧୮୩୮ ମସିହା ଜୁନ୍ ୨୬ରେ କୋଲକାତାରେ ଜନ୍ମ ନେଇଥିଲେ ଏହି ମହାନ କବି । ୧୮୮୨ରେ ପ୍ରକାଶିତ ହୋଇଥିବା ତାଙ୍କର ଉପନ୍ୟାସ 'ଆନନ୍ଦମଠ' ଯାହା ତାଙ୍କୁ ସାରା ବିଶ୍ୱରେ ପରିଚିତ କରାଇପାରିଥିଲା । ଏହି 'ବନ୍ଦେ ମାତରମ୍' ସଙ୍ଗୀତଟି ଆନନ୍ଦମଠ ଉପନ୍ୟାସରେ ସ୍ଥାନିତ । ବଙ୍ଗଳା ଇତିହାସର ଜଣେ ପରିଚିତ ଚେହେରାଥିଲେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ । ତାଙ୍କର ପାଠପଢା ହୁଗଳି କଲେଜ ଓ ପ୍ରେସିଡେନ୍ସି କଲେଜ୍ରେ ହୋଇଥିଲା । ପ୍ରେସିଡେନ୍ସ କଲେଜ୍ରୁ ବି.ଏ ଉପାଧିନେବାରେ ସେ ଥିଲେ ପ୍ରଥମ ଭାରତୀୟ । ତାଙ୍କର ପ୍ରଥମ ରଚନା ଥିଲା 'ରାଜମୋହନସ୍ ୱାଇଫ୍' ଯାହାକୁ ଇଂରାଜୀରେ ରଚନା କରିଥିଲେ । ସେହିଭଳି ତାଙ୍କର ପ୍ରଥମ ବଙ୍ଗଳା ରଚନା ଥିଲା 'ଦୁର୍ଗେଶନନ୍ଦିନୀ' ଯାହା ଲୋକପ୍ରିୟ ଥିଲା । ଏହିଭଳି ଭାବେ ତାଙ୍କର ଅନେକ ରଚନା ରହିଛି ଯାହା ପାଠକଙ୍କ ମହଲରେ ବେଶ୍ ଆଦୃତି ଲାଭ କରିଛି । ଏହି ମହାନ କବିଙ୍କର ମାତ୍ର ୫୫ ବର୍ଷରେ ୧୮୯୪ ଏପ୍ରିଲ ୮ ତାରିଖରେ ଦେହାନ୍ତ ହୋଇଥିଲା ।

## ସୋସିଆଲ କୋଟ୍ସ



"ଫିଲ୍ମ ନିର୍ମାଣ ସମୟରେ ପରିସ୍ଥିତି ଠିକ୍ ଥିଲା । ଅନେକ ଘଟଣା ଆମ ହାତରେ ନଥାଏ । ପ୍ରଯୋଜକ କିଛି ନିଷ୍ପତ୍ତି ନେଇଥିଲେ ଯାହା ଫଳରେ ଏହାକୁ ରିଲିଜ୍ କରାଯିବାର ପ୍ଲାନ ପ୍ରସ୍ତୁତ ହୋଇଛି ।

ଦିଲ୍ଜିତ୍ ଦୋସାଞ୍ଜା, ଅଭିନେତା



"ଦେଶ ସବୁବେଳେ ଆଗ । ବର୍ତ୍ତମାନ ଆମେ ଜାଣିଛୁ ଭାରତ ପାକିସ୍ତାନର ସମ୍ପର୍କ ଠିକ୍ ନାହିଁ । ଏହାପରେ ମଧ୍ୟ କିଛି ଲୋକ ଏହାକୁ ଅଣଦେଖା କରୁଛନ୍ତି, ଯାହା ଠିକ୍ ନୁହେଁ ।

ମିକା ସିଂ, ସିଙ୍ଗର



"ସର୍ଦାର ଜି ୩ ଫିଲ୍ମକୁ ବିରୋଧ କରାଯିବ । ଯଦି ଫିଲ୍ମ ରିଲିଜ୍ ହେଲା ତେବେ ସିନେମା ହଲ୍ର କ୍ଷତି ହେବ ।

ବିରେଶ ସାଣ୍ଡିଲ୍ୟ, ଅଧ୍ୟକ୍ଷ, ଆଣ୍ଟି ଟେରୋରିଷ୍ଟ ଫ୍ରଣ୍ଟ ଇଣ୍ଡିଆ

## ଉପକାରୀ କଙ୍କଡାବିଛା ବିଷ !



କଙ୍କଡା ବିଛା ନାଁ ଶୁଣିଲେ ସମସ୍ତେ ଡରି ଯାଇଥାଆନ୍ତି, କାରଣ ଏହାର ବିଷ ଆମପାଇଁ ଖୁବ କ୍ଷତିକାରକ । ହେଲେ ନିକଟରେ ବ୍ରାଜିଲ ବୈଜ୍ଞାନିକମାନେ କଙ୍କଡା ବିଛାର ବିଷ ମଣିଷପାଇଁ ଲାଭ ଦାୟକ ବୋଲି ଦାବି କରିଛନ୍ତି । ସେମାନଙ୍କ ମତରେ ଏଥିରେ ସ୍ତନ କର୍କଟ ସମସ୍ୟାର ଉପଚାର ରହିଛି ବୋଲି ସୂଚନା ଦେଇଛନ୍ତି । ପ୍ରାଥମିକ ତଦନ୍ତ ଅନୁସାରେ ଏହି ବିଷରେ ବାମାଜ୍ସ୍କଲ୍ପ୍ ୧ ନାମକ ମଲିକ୍ୟୁଲ ମିଳିଛି ଯାହା କ୍ୟାନ୍ସର ଚିକିତ୍ସାରେ ସହାୟକ ହେବ । ଏହି ପ୍ରକ୍ରିୟାର ନାଁ ରହିଛି ହେଟେରୋଲୋଗସ ଏକ୍ସପ୍ରେସନ୍, ଯାହାକୁ ବୈଜ୍ଞାନିକମାନେ ବ୍ୟବହାର କରିଛନ୍ତି । ଏହାକୁ ନେଇ ଗବେଷଣା ଜାରି ରହିଛି, ଆଗକୁ ଆହୁରି ଅନେକ ତଥ୍ୟ ଏ ସମ୍ପର୍କିତ ମିଳିବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି ।

## ଇତିହାସ

୧୮୩୮– ବଙ୍ଗାଳୀ ଔପନ୍ୟାସିକ ଏବଂ ବନ୍ଦେ ମାତରମର ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଜନ୍ମ ।

୧୯୧୮– ପରମବୀର ଚକ୍ରରେ ସମ୍ମାନିତ ଭାରତୀୟ ସୈନିକ ସେକେଣ୍ଡ୍ ଲେଫ୍ଟନାଣ୍ଟ ରାମା ରାଘୋବା ରାଣେଙ୍କ ଜନ୍ମ ।

୧୯୪୫– ସାନ୍ ଫ୍ରାନ୍ସିସ୍କୋରେ ୫୦ଟି ଦେଶ ସଂଯୁକ୍ତ ରାଷ୍ଟ୍ର ଘୋଷଣା ପତ୍ରରେ ସ୍ୱାକ୍ଷର କଲେ ।

୧୯୪୯– ବେଲଜିୟମ୍ର ସଂସଦୀୟ ନିର୍ବାଚନରେ ପ୍ରଥମଥର ମହିଳାମାନଙ୍କୁ ମତଦାନର ଅଧିକାର ମିଳିଲା ।

୧୯୭୬– କାନାଡାର ଟରଣ୍ଟୋସ୍ଥିତ ସିଏମ୍ ଟାୱାରକୁ ଜନତାଙ୍କ ପାଇଁ ଖୋଲାଗଲା । ୧୮୧୫ ଫୁଟ ଏହି କୋଠା ସେତେବେଳେ ବିଶ୍ୱର ସର୍ବୋଚ୍ଚ କୋଠା ରୂପେ ପରିଚିତ ହେଉଥିଲା ।

## ମ୍ୟାଜିକ୍ ମସରୁମ



ଆମ ଆଖପାଖରେ ଅନେକ ଛତୁ ଦେଖିବାକୁ ମିଳିଥାଏ । କିଛି ଛତୁ ଖାଇବାଯୋଗ୍ୟ ହୋଇଥିବାବେଳେ କିଛିକୁ ଖାଇ ହୋଇ ନଥାଏ । ତେବେ ସେହିଭଳି ଏକ ଛତୁ ନିଜର ଔଷଧୀୟ ଗୁଣ ପାଇଁ ବର୍ତ୍ତମାନ ଖୁବ ଚର୍ଚ୍ଚାକୁ ଆସିଛି । ସାଇଲୋସାଇବିନ୍ ନାମରେ ଏକ ଛତୁ ରହିଛି ଯାହାକୁ ଲୋକ ମ୍ୟାଜିକ୍ ମସରୁମ ନାମରେ ଜାଣୁଛନ୍ତି । ଏହି ଛତୁଟି ଡିପ୍ରେସନ ବା ଅବସାଦ ରୋଗ ପାଇଁ ଖୁବ ଉପକାରୀ ବୋଲି ତଥ୍ୟରୁ ଜଣା ପଡିଛି । ଏଥିରେ ଥିବା ସାଇଲୋସାଇବିନ୍ ଅବସାଦରେ ଥିବା ରୋଗୀଙ୍କ ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ଡିପ୍ରେସନ, ଆଙ୍ଗଜାଇଟି ଆଦିର ଉପଶମ ପାଇଁ ସହାୟକ ହୋଇଥାଏ । ଏହାକୁ ନେଇ ବର୍ତ୍ତମାନ ଟ୍ରାଏଲ କରାଯାଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ସେହିଭଳି ସେମାନଙ୍କ ଟ୍ରାଏଲରେ କ୍ୟାନ୍ସର ରୋଗୀଙ୍କୁ ମଧ୍ୟ ସେମାନେ ସାମିଲ କରିଛନ୍ତି । ତେବେ ଆଗକୁ ଏହା ଉପରେ ଆହୁରି ଅଧିକ ଗବେଷଣା ବାକି ଥିବା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି ।

## ମିଶି ନଥିଲା ମନ



ବଲିଉଡ ସେଲିବ୍ରିଟିଙ୍କ ସହିତ କ୍ରିକେଟରଙ୍କ ଯୋଡା ହେବାର ଅନେକ କାହାଣୀ ଦେଖିବାକୁ ମିଳିଥାଏ । ଏହିଭଳି ଅନେକ ଉଦାହରଣ ରହିଛି, ଯେଉଁଥିରେ ସେଲିବ୍ରିଟିମାନେ କ୍ରିକେଟରଙ୍କ ସହିତ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି । ସେହିଭଳି ଜଣେ ଚର୍ଚ୍ଚିତ ଯୋଡି ଥିଲେ ଅଭିନେତ୍ରୀ ଇଶା ଗୁପ୍ତା ଓ ହାର୍ଦ୍ଦିକ ପାଣ୍ଡ୍ୟା । ଉଭୟଙ୍କ ଡେଟିଂ ଏକଦା ଖୁବ ଚର୍ଚ୍ଚା ସାଉଁଟିଥିଲା । ଉଭୟଙ୍କ ପକ୍ଷରୁ ସେତେବେଳେ ଏହାକୁ ନେଇ କୌଣସି ମନ୍ତବ୍ୟ ଦିଆ ଯାଇନଥିଲା ହେଲେ ଫ୍ୟାନ୍ଙ୍କ ଭିତରେ ଖୁବ ଚର୍ଚ୍ଚା କରାଯାଇଥିଲା । ତେବେ ନିକଟରେ ଏ ନେଇ ନିଜେ ଇଶା ଗୁପ୍ତା କଥା ହୋଇଛନ୍ତି । ଘଟଣାର ଏତେ ବର୍ଷ ପରେ ଇଶା ଦେଇଥିବା ମନ୍ତବ୍ୟ ବର୍ତ୍ତମାନ ଖୁବ ଲାଇମ୍ ଲାଇଟ୍ରେ ରହିଛି । ଉଭୟ କିଛି ଦିନ ପାଇଁ କଥା ହେଉଥିବା ଇଶା ପ୍ରକାଶ କରିଛନ୍ତି । ହେଲେ ଏହା ଏକ ଲଭ୍ ରିଲେସନକୁ ପରିବର୍ତ୍ତିତ ହୋଇ ପାରିନଥିଲା । ଖୁବ କମ ଦିନ ଭିତରେ ଏହା ଭାଙ୍ଗିଯାଇଥିବା ଇଶା ପ୍ରକାଶ କରିଛନ୍ତି । କେବେଳ ଉଭୟଙ୍କ ଭିତରେ ବନ୍ଧୁତା ଥିଲା, ଉଭୟ ଚେଷ୍ଟା କରିଥିଲେ ସମ୍ପର୍କକୁ ଆଉ ପାଦେ ଆଗକୁ ନେବାକୁ ହେଲେ ତାହା ସମ୍ଭବ ହୋଇ ପାରିନଥିଲାବୋଲି ଇଶା ପ୍ରକାଶ କରିଛନ୍ତି । ସେହିଭଳି ସେହି ସମୟ ଭିତରେ ଉଭୟ ଖୁବ କମ ଦେଖା ହୋଇଥିବା ମଧ୍ୟ ଇଶା ପ୍ରକାଶ କରିଛନ୍ତି । ଉଭୟଙ୍କ ଭିତରେ କିଛି ଗୁଣ ଏଭଳି ଥିଲା ଯାହା ମିଶି ନଥିଲା ତେଣୁ ଏହି ସମ୍ପର୍କ ଆଗକୁ ଯାଇ ପାରିନଥିଲା । ତେବେ ବର୍ତ୍ତମାନ ୩୯ ବର୍ଷୀୟା ଇଶା ସିଙ୍ଗଲ ଅଛନ୍ତି । ସେହିଭଳି ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ନିକଟରେ ବିବାହ ବିଚ୍ଛେଦ ହୋଇଛି ।

## ପ୍ଲାଷ୍ଟିକ୍ରୁ ପ୍ରସ୍ତୁତ ହେବ ପାରାସିଟାମଲ

ପ୍ଲାଷ୍ଟିକକୁ ରିସାଇକେଲ କରିବା ପାଇଁ ବିଭିନ୍ନ ପ୍ରକାର ଗବେଷଣା ଅନେକ ସମୟରେ କରାଯାଇଥାଏ । ନିକଟରେ ସେହିଭଳି ଏକ ଗବେଷଣାରେ ବୈଜ୍ଞାନିକଙ୍କୁ ଖୁବ ଭଲ ସଫଳତା ମିଳିଥିବା ଜଣା ପଡିଛି । ୟୁକେର ବୈଜ୍ଞାନିକମାନେ ପ୍ଲାଷ୍ଟିକକୁ ରିସାଇକେଲ୍ କରି ଡାକ୍ତରୀ ଔଷଧ ପ୍ରସ୍ତୁତ କରିଥିବା ସୂଚନା ମିଳିଛି । ସେମାନେ ଏକ ସ୍ୱତନ୍ତ୍ର ବ୍ୟାକ୍ଟେରିଆ ଏସରେସିଆ କୋଲାଇକୁ ବ୍ୟବହାର କରି ପ୍ଲାଷ୍ଟିକରେ ମିଳୁଥିବା ପଲିଥିନ୍ ଟେରେଫଥାଲେଟ୍କୁ ଆସିଟାମିନୋଫେନ୍ରେ ପରିବର୍ତ୍ତନ କରାଯିବ । ଆସିଟାମିନୋଫେନ୍ ଅର୍ଥାତ ପାରାସିଟାମଲ । ସାଧାରଣତଃ ଆସିଟାମିନୋଫେନ୍କୁ ପ୍ରସ୍ତୁତ କରିବା ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର କରାଯାଇଥାଏ । ତେଣୁ ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ରହିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ତେବେ ଏହାକୁ ନେଇ ଆହୁରି ଗବେଷଣା ଜାରି ରହିଛି ଯେଉଁଥିରେ ଆହୁରି ତଥ୍ୟ ଜଣା ପଡିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି ।




ତେବେ ଏହାକୁ ବଜାରକୁ ଆଣିବାକୁ ଆହୁରି ସମୟ ଲାଗିବ ବୋଲି ପ୍ରସ୍ତୁତିକାରୀ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । କିନ୍ତୁ ଯଦି ଏହି ପ୍ରକ୍ରିୟା ସଫଳ ହୁଏ ତେବେ ଏହା ପରିବେଶ ପ୍ରଦୂଷଣକୁ ରୋକିବାରେ ଖୁବ ସହାୟକ ହେବ ବୋଲି ସେମାନେ ମତ ଦେଇଛନ୍ତି ।



## ସମ୍ବିଧାନ ହତ୍ୟା ଦିବସ ୨୦୨୫ ପାଳିତ

# ୧୦୮ ଲୋକତନ୍ତ୍ର ସେନାନୀଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ, ଏହି 'ଜରୁରୀ କାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ।

ଜରୁରୀକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେ ସବୁକୁ କେହି ଭୁଲି ପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ୨୫ ଜୁନ ୨୦୨୬ରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି । ଜରୁରୀକାଳୀନ ସମୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସାରା ଭାରତରେ ଲଢେଇ ଜାରି ରଖିଥିଲା । ଦେଶର ସମସ୍ତ ବଡ ବଡ ନେତାଙ୍କ ସହିତ ଅଟଳ ବିହାରୀ ବାଜପେୟୀଜୀ ଓ ଲାଲକୃଷ୍ଣ ଆଡଭାନୀଜୀଙ୍କ ପରି ନେତା ମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକ ନିଜ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡିଲା। ପ୍ରାୟ ୧୦ ହଜାର ସାମ୍ବାଦିକ ଜେଲ ଦଣ୍ଡ ଭୋଗିଲେ।

ଆମ ଓଡିଶାରେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ପରି ଅନେକ ବଡ ବଡ ନେତା ଗିରଫ ହୋଇଥିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ଆଜି ଆମ ସହିତ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନେ ଜାଣିଛନ୍ତି ଯେ କିପରି ଜରୁରୀକାଳୀନ ପରିସ୍ଥିତି ସମୟରେ MISA କୁ ବ୍ୟବହାର କରି ବିନା ବିଚାରରେ ମାସ ମାସ ଧରି ଲୋକଙ୍କୁ ଜେଲରେ ରଖାଯାଉଥିଲା ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ଆଜି ଆମ ସହିତ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସମ୍ମାନିତ କରି ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଆମ ସରକାର ଆସିବା ପରେ ଆମେ ଆମର ଲୋକତନ୍ତ୍ର ସେନାନୀ ମାନଙ୍କ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନସନ ପାଇଁ ଅନୁମୋଦନ ମିଳି ସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀ ମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍ ଶୀଘ୍ର ସେମାନେ ମଧ୍ୟ ପେନସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀ ମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୫୦ ବର୍ଷ ତଳେ ଯେଉଁ ଭୁଲ ହୋଇଥିଲା ତାହା ଆଜିର ପୀଢ଼ି ଜାଣିବା ଦରକାର ଆଉ ଅନ୍ୟର ଭୁଲ ରୁ ମଣିଷ ଶିଖିବା ଭଳି, ଆଜିର ପୀଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଏହି ଜରୁରୀକାଳୀନ ସମୟର ଲୋକତନ୍ତ୍ର ସେନାନୀ ମାନଙ୍କୁ ସମ୍ମାନିତ କରିଥିଲେ। ଏହାସହିତ ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢେଇ ଆଜିର ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିଦ୍ୟାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦେବ, ଓ କାହ୍ନୁଚରଣ ବେହେରା ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।



- 'ଜରୁରୀ କାଳୀନ ପରିସ୍ଥିତି' ସମୟ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ
- ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ

## ଗୋଖାଦ୍ୟ ଗୋଦାମ ଘର ଭାଙ୍ଗିଲେ ହାତୀ

ଭଞ୍ଜନଗର,(ସବ୍ୟୁ): ଏହି ଥାନା ଅନ୍ତର୍ଗତ ଦଦରାଲୁଣ୍ଡା ରାସ୍ତାରେ ଏକ ଗୋଖାଦ୍ୟ ଗୋଦାମ ଘର ଭାଙ୍ଗିଲେ ହାତୀ ପଲ । ହାତୀ ପଲ ଏହାର କାନ୍ଥ ଭାଙ୍ଗି ଭିତରୁ ଗୋଖାଦ୍ୟ ବସ୍ତା ସବୁ ଟାଣି ଆଣି ଖାଇବା ସହ ପ୍ରବଳ ମାତ୍ରାରେ ଏହାକୁ ନଷ୍ଟ କରିଛନ୍ତି । ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ସୂଚନା ପ୍ରକାରେ ଏହି ବନଖଣ୍ଡର ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ଦଦରାଲୁଣ୍ଡା ରାସ୍ତାରେଥିବା ଗୋଖାଦ୍ୟ ଗୋଦାମ ଭିତରେ ପଶି ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ପଲ ଏହାର କାନ୍ଥ ଭାଙ୍ଗିବା ସହ ଗୋଖାଦ୍ୟକୁ ଭିତରୁ ଟାଣି ନେଇ ଖାଇଛନ୍ତି । ଏସଂପର୍କରେ ମୁଜାଗଡ ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ତେବେ କ୍ଷୟକ୍ଷତି ଆକଳନ କରାଯାଇ ଏହାର ରିପୋର୍ଟ ଦାଖଲ ପରେ ବିଭାଗ ପକ୍ଷରୁ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଦୁଇ ମହିଳା ଲୁଟେରାଙ୍କୁ ଲୋକେ ଧରି ପୋଲିସ ଜିମା ଦେଲେ

ଭୁବନେଶ୍ୱର, (ସବ୍ୟୁ) : ଲୋକେ ଧରି ଦେଇଥିବା ଦୁଇ ବିହାରୀ ମହିଳା ଲୁଟେରାଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ବୁଧବାର କୋର୍ଟଚାଲାଣ କରିଛି । ଦୁଇ ମହିଳାଙ୍କ ନିକଟରୁ ଲୁଟ୍ ଗହଣା ଜବତ କରିଛି । ଜବତ ଗହଣା ମଧ୍ୟରେ ଗୋଟିଏ ସୁନା ମୁଦି, ଚେନ ଓ ନେକ୍‌ଲେସ୍ ଥିବା ପୋଲିସ କହିଛି । କ୍ରିଷ୍ଣାମୟୀ ନାୟକ ନାମକ ଜଣେ ବସ୍‌ଯାତ୍ରୀ ମହିଳା ଗହଣା ଲୁଟ୍ ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସଜ୍ୟୋତିଦେବୀ (୨୫) ଓ ରାଣୀଦେବୀ (୨୦) ନାମକ ଦୁଇଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ତାଙ୍କ ଘର ବିହାର ପାଟନାରେ ବୋଲି ଜଣାପଡିଛି ।

୨୫ ତାରିଖ ସକାଳ ପ୍ରାୟ ସାଢେ ୧୦ଟା ବେଳେ ଅଭିଯୋଗକାରିଣୀ ପୁରୀରୁ କଟକ ଅଭିମୁଖେ ଦୁର୍ଗା ବସ୍ ଯୋଗେ ଯାତ୍ରା କରିଥିଲେ । ବସ୍ କଳ୍ପନା ଛକ ଲସି ଦୋକାନ ନିକଟରେ ପହଞ୍ଚିବା ସମୟରେ ସେ ତାଙ୍କ ପାଖରେ ବସିଥିବା ଦୁଇ ଅଜଣା ମହିଳାଙ୍କ ମଧ୍ୟରୁ ଜଣେ ତାଙ୍କ ଭ୍ୟାନିଟ୍ ବ୍ୟାଗ୍ ଭିତରେ ହାତ ପୂରାଇଥିବା ଦେଖିଥିଲେ । ହଠାତ୍ ସେ ତା'ହାତ ଧରି ଜୋର୍‌ରେ ଚିତ୍କାର କରିଥିଲେ । ଭ୍ୟାନିଟ୍ ଯାଞ୍ଚ କରି ଜାଣିଥିଲେ ଯେ, ଗୋଟିଏ ସୁନା ମୁଦି, ସୁନା ଚେନ, ସୁନା ହାର ଓ ନଗଦ ୨ ହଜାର ଟଙ୍କା ଚୋରି ହୋଇଯାଇଛି । ସହଯାତ୍ରୀଙ୍କ ସହାୟତାରେ ଅଭିଯୁକ୍ତ ମହିଳାଙ୍କୁ ପିସିଆର୍ ଭ୍ୟାନ୍ ଡାକି ଧରାଇ ଦେଇଥିଲେ । ପୋଲିସ ଦୁଇ ମହିଳାଙ୍କୁ ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଡକାୟତି ଉଦ୍ୟମ : ଜଣକୁ ଧରିଲେ ଲୋକେ


ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ ବେଳେ ଜଣକୁ ଲୋକେ ଧରି ପୋଲିସ ଜିମା ଦେଇଥିବା ବେଳେ ୪ଜଣ ଖସି ପଳାଇଛନ୍ତି । ସେମାନେ ଆଣିଥିବା କାର୍‌କୁ ଛାଡି ପଳାଇଲେ । ଯାହାକୁ ପୋଲିସ ଜବତ କରିଛି ।


ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାରରେ ରୁହନ୍ତି ସିଆର୍‌ପିଏଫ୍‌ର ଅବସରପ୍ରାପ୍ତ ଯବାନ ଦୟାନିଧି ବାରିକ । ଗତକାଲି ସନ୍ଧ୍ୟାବେଳେ ଦଳେ ଡକାୟତ ତାଙ୍କ ଘର ଗ୍ରୀଲ୍ ଖୋଲି ଭିତରକୁ ଯାଇ କବାଟ ଠକ୍ ଠକ୍ କରିଥିଲେ । ଘରେ ଥିବା ଜଣେ ଛୋଟପିଲା କବାଟ ଖୋଲିବା ପରେ ସେମାନେ ଭିତରକୁ ଯାଇ ତାକୁ କାବୁ କରିନେଇ ଭୟଭୀତ କରାଇଥିଲେ । ସେ ଚିତ୍କାର କରିବାରୁ ଅନ୍ୟ ଘରେ ଥିବା ଦୟାନିଧି ତାଙ୍କ ପାଖରେ ପହଞ୍ଚି ଯାଇଥିଲେ । ଏହା ଦେଖି ଡକାୟତମାନେ ଖସି ପଳାଉଥିବା ବେଳେ ଦୟାନିଧି ବଡପାଟି କରିବାରୁ ସ୍ଥାନୀୟ ଲୋକମାନେ ଜଣେ ଡକାୟତକୁ କାବୁ କରିନେଇଥିବା ବେଳେ ଅନ୍ୟ ୪ଜଣ ପାଖରେ ଥିବା ଜଙ୍ଗଲ ଭିତରକୁ ଖସିଯାଇଥିଲେ । ଘଟଣାସ୍ଥଳରେ ସେମାନେ ଆଣିଥିବା କାର୍‌କୁ ଛାଡି ପଳାଇଲେ । ଯାହାକୁ ପୋଲିସ ଜବତ କରିବା ସହ ଲୋକେ ଧରିଥିବା ଡକାୟତକୁ ହେପାଜତକୁ ନେଇ ପଚରାଉଚରା କରୁଛି । ଘଟଣାସ୍ଥଳରେ ସ୍ପେଶାଲ ସ୍କ୍ୱାଡ୍ ଓ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଛାନ୍‌ଭିନ୍ କରିଥିଲେ ମଧ୍ୟ ଖସିଯାଇଥିବା ଡକାୟତଙ୍କ ପତ୍ତା ମିଳିନାହିଁ । ଲୋକେ ଧରି ଦେଇଥିବା ଡକାୟତଠାରୁ ପୋଲିସ ତଥ୍ୟ ସଂଗ୍ରହ କରିଛି । ଖୁବ୍‌ଶୀଘ୍ର ଫେରାର ୪ଜଣ ଗିରଫ ହେବେ ବୋଲି ପୋଲିସ କହିଛି ।

## ଆସିବ ଓଡ଼ିଶା ଇଭି ନୀତି-୨

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସରକାର ଓଡ଼ିଶା ଇଭି ନୀତି ୨.୦ ଲାଗୁ କରିବାକୁ ଯାଉଛନ୍ତି। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜିକରଣରେ ଅତିକମରେ ୫୦% ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ, ଶକ୍ତି ବିଭାଗ ମିଳିତ ଭାବେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି ନୀତି) ଦୁଇ ଉପରେ ବିଚାର ବିର୍ମଶ କରିଛନ୍ତି।

ଆଜି ଏହି ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ଶକ୍ତି ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ବୈଠକରୁ ଜଣାପଡିଛି ଯେ ଇଭି ଯାନ ପଞ୍ଜିକରଣରୁ ବୃଦ୍ଧି ପାଇଛି। ୨୦୨୧ରେ ୧.୧୬% ଇଭି ପଞ୍ଜିକରଣ ହେଉଥିଲା ବେଳେ ୨୦୨୫ ଜୁନ୍ ୨୦ ସୁଦ୍ଧା ୮.୭୧ ପର୍ଯ୍ୟନ୍ତ ପଞ୍ଜିକରଣ କରାଯାଉଛି। ରାଜ୍ୟରେ ବର୍ତ୍ତମାନ ୫୫୦ରୁ ଅଧିକ ପବ୍ଲିକ୍ ଚାର୍ଜିଂ ସେଣ୍ଟର ରହିଛି। ପରିବହନ ପ୍ରାଧିକରଣ ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ସେଣ୍ଟର ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ଇଭି ନୀତି ୨୦୨୧ ସଂଶୋଧନ ପ୍ରକ୍ରିୟରେ ଅଛି। ବୈଧତା ବୃଦ୍ଧି, ଇଭି କ୍ରେତା ଏବଂ ଚାର୍ଜ ପଏଣ୍ଟରେ ଅପରେଟର ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯିବ। ପ୍ରଥମ ସେବା ଆଧାରରେ ରାଜ୍ୟ ବଜେଟ ପ୍ୟାନେଲରେ ହେଉଥିବା ଚାର୍ଜିଂ ପଏଣ୍ଟକୁ ପ୍ରୋତ୍ସାହନ ଦିଆଯିବ। ଏକ ଉତ୍ସର୍ଗୀକୃତ ଇଭି ପାଣ୍ଠି ସୃଷ୍ଟି କରାଯିବ। ସହରାଞ୍ଚଳ ଏବଂ ଅର୍ଦ୍ଧାସହର ଅଞ୍ଚଳରେ ଚାର୍ଜିଂ ପଏଣ୍ଟକୁ ତ୍ୱରାନ୍ୱିତ କରାଯିବ। ଇଭି ଗ୍ରହଣ ପାଇଁ ଆର୍ଥିକ ସହାୟତା ପ୍ରଦାନ ଲାଗି ଓଡ଼ିଶା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଇ-ଯୋଜନାକୁ ସକ୍ରିୟ ଭାବେ ବ୍ୟବହାର କରିବ। ୨୦୩୬ ସୁଦ୍ଧା ୫୦% ବୈଦ୍ୟୁତିକ ଏବଂ ବିକଳ୍ପ ଇନ୍ଧନ ଯାନ ଗ୍ରହଣ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଇଭି ନୀତି ଦୁଇର ଏକ ସମନ୍ୱିତ ଏବଂ ତଥ୍ୟ ଚାଳିତ ଆଭିମୁଖ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱରୋ କରାଯାଇଥିଲା। ବର୍ତ୍ତମାନର ନୀତି ଶିଳ୍ପ ଇନପୁଟ ଏବଂ ଆନ୍ତବିଭାଗୀୟ ସମନ୍ୱୟର କାର୍ଯ୍ୟା ନୟମରୁ ଅନ୍ତର୍ଦୃଷ୍ଟି ଏହି ସଂଶୋଧିତ ନୀତିର ମୁଳୁଦୁଆ ଭାବେ କାର୍ଯ୍ୟ କରିବ।

## ବିଏମସି କର୍ପୋରେସନ ବୈଠକ
# ଏଣିକି ହ୍ୱାଟ୍ସ ଆପରେ ଟିକସ ଆଦାୟ




ଭୁବନେଶ୍ୱର(ସବ୍ୟୁ): ଏଣିକି ଲୋକମାନେ ବିଭିନ୍ନ ପ୍ରକାର ଟିକସ ଦେବାକୁ ଆଉ ବିଏମ୍‌ସି ଅଫିସ କିମ୍ବା ଓ୍ୱାର୍ଡ ଅଫିସ ଯିବେନି । ମୋବାଇଲ ହ୍ୱାଟ୍ସ ଆପରେ ସେମାନେ ନିଜେ ସମସ୍ତ ପ୍ରକାର ଟିକସ ପୈଠକ କରିପାରିବେ । କେବଳ ସେତିକି ନୁହେଁ, ସାଧାରଣ ଲୋକଙ୍କ ପାଇଁ ବିଏମ୍‌ସି ପକ୍ଷରୁ ଉଭୟ ଓଡିଆ ଓ ଇଂରାଜୀରେ ଏହି ଆପ୍ ପ୍ରସ୍ତୁତ କରାଯାଇଛି । ଏନେଇ ବିଏମ୍‌ସି କର୍ପୋରେସନ ବୈଠକରେ ନିଷ୍ପତ୍ତି ନିଆଯାଇଛି

- ଆବଣ୍ଟିତ ହେବ ସହିଦନଗର ହାଟ ପିଣ୍ଡି
- ସହରରେ ହେବ କୁକୁର ଗଣନା

ସେହିପରି କୁକୁର ବନ୍ଧ୍ୟାକରଣ ଚାଲିଛି । ମାତ୍ର ଦୀର୍ଘ ଦିନ ହେଲା କୁକୁର ଗଣନା ହୋଇନାହିଁ । ଏବେ ବିଏମ୍‌ସି ଅଞ୍ଚଳରେ କୁକୁର ଗଣନା ପାଇଁ ମଧ ନିଷ୍ପତ୍ତି ହୋଇଛି । ଏହାସହ ଆବଣ୍ଟନ ହେବ ସହିଦ ନଗର ହାଟ ପିଣ୍ଡି । ସମସ୍ତ କାମ ପ୍ରାୟ ଶେଷ ହୋଇଯାଇଛି । ତେବେ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସେଡ୍ କରିବାକୁ ବ୍ୟବସ୍ଥା କରାଯାଉଛି । ସେମାନେ ଯେପରି ଖରା ଓ ବର୍ଷାରେ ନିଜର ବ୍ୟବସାୟ କରିପାରିବେ, ସେଥିପାଇଁ ସହିଦ ନଗର ଭବାନୀମଲ ନିକଟରେ ପିଣ୍ଡି କରାଯାଇଛି । ଖୁବ୍‌ଶୀଘ୍ର ସେଗୁଡିକ ଆବଣ୍ଟନ କରାଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛ ।

କେତେକ ବିଜ୍ଞାପନ ସଂସ୍ଥା ସେମାନଙ୍କର ବକେୟା ଅର୍ଥ ଦେଉନାହାନ୍ତି । ସେଥିପାଇଁ ତାଙ୍କୁ ନୋଟିସ କରାଯାଇଛ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ବକେୟା ଅର୍ଥ ପୈଠ ନକଲେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିଭଳି ଡ୍ରେନରୁ ପଙ୍କୋଦ୍ଧାର କରିବା ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ମଧ ବୈଠକରେ ଆଲୋଚନା ହୋଇଥିଲା । ଆଗକୁ ବର୍ଷା ଅଧିକ ହେବାର ସମ୍ଭାବନା ଥିବାରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ନେଇ ଆଲୋଚନା ହୋଇଥିଲା ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ପୋରେସନ ବୈଠକ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଏମ୍‌ସି କମିଶନରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିକାଶ କୁମାର ବେହେରାଙ୍କ ସମେତ ସମସ୍ତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ରେଳ ଷ୍ଟେସନରେ ରଥଯାତ୍ରା ପ୍ରସ୍ତୁତି ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଭୁବନେଶ୍ୱର, (ସବ୍ୟୁ): ପବିତ୍ର ରଥଯାତ୍ରାରେ ତୀର୍ଥଯାତ୍ରୀଙ୍କ ସୁଗମ ପରିବହନ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ବ୍ୟାପକ ଏବଂ ସୁସଜ୍ଜିତ ପ୍ରସ୍ତୁତି କରୁଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ବୁଧବାର ପୁରୀ ରେଳ ଷ୍ଟେସନରେ ତାଙ୍କ ନିରୀକ୍ଷଣରେ ଭକ୍ତଙ୍କ ଆଗମନ ପରିଚାଳନା ପାଇଁ କରାଯାଇଥିବା ବ୍ୟାପକ ବ୍ୟବସ୍ଥା ସମୀକ୍ଷା କରିଛନ୍ତି । ଏହି ଯାଞ୍ଚରେ ଯାତ୍ରୀଙ୍କ ଆରାମ, ଭିଡ଼ ପରିଚାଳନା, ଭିତ୍ତିଭୂମି ପ୍ରସ୍ତୁତି ଏବଂ ତୀର୍ଥଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତିର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଭକ୍ତମାନଙ୍କ ପାଇଁ ରଥଯାତ୍ରା ସମୟରେ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ପୁରୀ ରେଳ ଷ୍ଟେସନ ଏବଂ ଏହାର ଆଖପାଖରେ ବ୍ୟାପକ ଭିତ୍ତିଭୂମି ଉନ୍ନତି ଏବଂ ସେବା ନିୟୋଜିତ କରି ରେକର୍ଡ ଭିଡ଼କୁ ପରିଚାଳନା କରିବାକୁ ପୂର୍ବତଟ ରେଳପଥ ପ୍ରସ୍ତୁତ । ଅସାଧାରଣ ଯାତ୍ରା ଚାହିଦା ପୂରଣ କରିବା ପାଇଁ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ 365 ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହେଉଛି ।

ପୂର୍ବତଟ ରେଳପଥ ପୁରୀରେ ସମର୍ପିତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଏବଂ ମେଳା ସେଡ୍ ପ୍ରତିଷ୍ଠା କରିଛି । ଯାହାର ମିଳିତ କ୍ଷମତା ପ୍ରାୟ ୨୦,୦୦୦ ତୀର୍ଥଯାତ୍ରୀଙ୍କ ବିଶ୍ରାମ ନେବାପାଇଁ ଉପଲବ୍ଧ କରାଯାଇଅଛି । ତାହା ସହିତ ଆଚ୍ଛାଦିତ ଆସନ କ୍ଷେତ୍ର, ମଡ୍ୟୁଲାର୍ ଶୌଚାଳୟ ଏବଂ ପାନୀୟ ଜଳ ବୁଥ୍ , ମୋବାଇଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ଛାଇଯୁକ୍ତ ବିଶ୍ରାମ କ୍ଷେତ୍ର, ଆମ୍ବୁଲାନ୍ସ ବ୍ୟାକଅପ୍ ସହିତ ପ୍ରାଥମିକ ଚିକିତ୍ସା ସୁବିଧା, ମୋବାଇଲ୍ ଏଟିଏମ୍ । ସ୍କାଉଟ୍ସ ଏବଂ ଗାଇଡ୍ସ, ସମାଜସେବୀ ରେଳବାଇ ସୁରକ୍ଷା ବଳଏବଂ ସରକାରୀ ରେଳବାଇ ପୁଲିସ, ଡୁଆଲ୍-ଲେୟାର ଟିକେଟ୍ ଯାଞ୍ଚ ଏବଂ ରଣନୈତିକ ବ୍ୟାରିକେଡିଂ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ସୁନିଶ୍ଚିତ କରାଯିବ। ୧୪ ଘଣ୍ଟିଆ ଯାତ୍ରୀ ସହାୟତା ଏବଂ ବାସ୍ତବ-ସମୟ ମନିଟରିଂ, ପୁରୀରେ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଦ୍ୱାରା ସମର୍ଥିତ, ମୁଖ୍ୟ ସ୍ଥାନ ଗୁଡ଼ିକରେ ସହାୟତା ଡେସ୍କ ଏବଂ "ମେ ଆଇ ହେଲ୍ପ ୟୁ" କାଉଣ୍ଟର, ଏଲ୍‌ଇଡି ଡିସପ୍ଲେ, ସାର୍ବଜନୀନ ଘୋଷଣା ମାଧ୍ୟମରେ ବାସ୍ତବ-ସମୟ ଅପଡେଟ୍ , ଇକୋ ଯାତ୍ରା ଆପ୍, ୟୁଟିଏସ୍ ଆପ୍ ମାଧ୍ୟମରେ ମୋବାଇଲ୍ ଟିକେଟିଂର ସହଜ ପ୍ରବେଶ ।

ବିସ୍ତାରିତ ଟିକେଟିଂ ଭିତ୍ତିଭୂମି : ପୁରୀ ଷ୍ଟେସନରେ ୩୪ ଟି ବୁକିଂ କାଉଣ୍ଟର, ଭୁବନେଶ୍ୱର, ଖୋର୍ଧା ରୋଡ୍, କଟକ, ବ୍ରହ୍ମପୁର, ଭଦ୍ରକ ଭଳି ଜଙ୍କସନରେ ୩୫ ଟି ଅତିରିକ୍ତ କାଉଣ୍ଟର, ମୋବାଇଲ୍ ୟୁଟିଏସ୍ କାଉଣ୍ଟର ସୁବିଧା ପ୍ରଦାନକାରୀଙ୍କ ସହିତ ଏଟିଭିଏମ୍ ଏବଂ ଡିଜିଟାଲ୍ ଟିକେଟିଂକୁ ପ୍ରୋତ୍ସାହିତ କରୁଥିବା ଅଭିଯାନ । କ୍ୟାଟରିଂ, ସ୍ଥାନୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରିବେଶ : ଇକୋ କାର୍ଯ୍ୟକ୍ରମର ଆଧ୍ୟାତ୍ମିକ ଏବଂ ସ୍ଥାନୀୟ ସ୍ୱାଦକୁ ବୃଦ୍ଧି କରୁଛି, ଜନତା ଖାଦ୍ୟ, ପାନୀୟ ଜଳ ବୋତଲ , ସ୍ଥାନୀୟ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଆପ୍ଲିକେ କାର୍ଯ୍ୟ ପ୍ରଦର୍ଶନ କରୁଥିବା ଓଏସ୍‌ଓପି (ଗୋଟିଏଷ୍ଟେସନ୍ ଗୋଟିଏଉତ୍ପାଦ) ଷ୍ଟଲ୍ , ପ୍ଲାଟଫର୍ମ ଏବଂ ମେଳା ସେଡ୍ ରେ ଅସ୍ଥାୟୀ ଖାଦ୍ୟ ଷ୍ଟଲ୍ ସ୍ଥାପନ କରାଯାଇଛି । ପରିଷ୍କାରତା, ପରିମଳ ଏବଂ ଚିକିତ୍ସା ସେବା : ପରିମଳ କର୍ମଚାରୀଙ୍କ ୨୪ ଘଣ୍ଟା ନିୟୋଜନ, ଡାକ୍ତର ଏବଂ ପାରାମେଡିକ୍ସ ଦ୍ୱାରା ଆମ୍ବୁଲାନ୍ସ ସହାୟତା ସହିତ ପରିଚାଳିତ ମେଡିକାଲ୍ ବୁଥ୍, ଜେଟ୍-ସଫେଇ, ମୋବାଇଲ୍ ଶୌଚାଳୟ ଏବଂ ଦୃଢ଼ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା । ସୁରକ୍ଷା, ନିରାପତ୍ତା ଏବଂ ନଜର ରଖିବା : ସୁରକ୍ଷା ବ୍ୟବସ୍ଥାକୁ ଯଥେଷ୍ଟ ସୁଦୃଢ଼ କରାଯାଇଛି ,ସମସ୍ତ ପ୍ରବେଶ, ପ୍ରସ୍ଥାନ ଏବଂ ବୁକିଂ ଜୋନରେ ଆରପିଏଫ୍ ଏବଂ ଜିଆରପି ନିୟୋଜିତ, ୨୫୦ ସିସିଟିଭି କ୍ୟାମେରା, ଡ୍ରୋନ୍, ସ୍ନିଫର କୁକୁର ଏବଂ ଅଗ୍ନିଶମ କର୍ମଚାରୀ , ମୁହଁ ଚିହ୍ନଟ ପ୍ରଯୁକ୍ତିବିଦ୍ୟା, ମାନୁଆଲ୍ ତଲାସି ଏବଂ ଡୁଆଲ୍-ଷ୍ଟେଜ୍ ଟିକେଟ୍ ଯାଞ୍ଚ ସହିତ ୧୦ ପ୍ରବେଶ ଫାଟକ , ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଏବଂ କଟକ ଭଳି ପ୍ରମୁଖ ଜଙ୍କସନରେ କଡାକଡି ଯାଞ୍ଚ ।

## ବିଜୁ ଛାତ୍ରଜନତା ଦଳର ବିକ୍ଷୋଭ

ନିମାପଡା, (ସବ୍ୟୁ): ରାଜ୍ୟରେ ଆଇନଶୃଙ୍ଖଳା ଭୁସୁଡ଼ି ପଡ଼ିଛି ବୋଲି ଅଭିଯୋଗ କରି ବୁଧବାର ନିମାପଡା ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ରଜନତା ଦଳର ଶତାଧିକ ଛାତ୍ର ଛାତ୍ରୀ ଏକତ୍ରୀତ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ବାଜି କରିଛନ୍ତି। ଏହି ବିକ୍ଷୋଭରେ ଛାତ୍ର ବିଜେଡି ବ୍ଲକ ସଭାପତି କୁମାର ସୌମିନ ଦାଶ,ନିର୍ବାଚନ ମଣ୍ଡଳୀ ସଭାପତି ସିଦ୍ଧାନ୍ତଜେନା, ଛାତ୍ରନେତା ପ୍ରେମ ରଂଜନ ସେଠୀ,ଜିଜ୍ଞାସୁ ମଲ୍ଲିକ, ସାଇ ସତ୍ୟ ପ୍ରଧାନ, ରୁଦ୍ର ବରାଳ,ରାକେଶ ବାରିକ,ସୁହାନି ସାମନ୍ତରାୟ,ସ୍ୱାତୀ ସାଗରିକ ସ୍ୱାଇଁ, ଚନ୍ଦ୍ରକାନ୍ତ ସେଠୀ,ଓଁକାର ମହାପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରାଜ୍ୟରେ ଅସୁରକ୍ଷିତ ମାଆ ଭଉଣୀ ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅ ବୋଲି ସ୍ଲୋଗାନ ଦେଇଥିଲେ।

# ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ତୃତୀୟ କିସ୍ତି

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅର୍ଥାତ ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ଟଙ୍କା ମିଳିବ । ନୂଆ ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ପବ୍ଲିକ୍ ଆଡମିନଷ୍ଟ୍ରେସନ (ଆଇଆଇପିଏ) ଦ୍ୱାରା ଓଡ଼ିଶାର ଜିଲ୍ଲାମାନଙ୍କରେ ସୁଭଦ୍ରାର ପ୍ରଭାବ ବିଷୟ ଉପରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା ।

ବୁଧବାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ତଥା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି । ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ ଏହି ବୈଠକରେ ଅନୁମୋଦନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୂକ୍ତକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ସମ୍ବଲପୁର ଆଇଆଇଏମ ସହଯୋଗରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ କଲେଜ ଝିଅ (ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣକରାଯିବାରନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଇଆଇଏମ ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ । ସୁଭଦ୍ରା ସହାୟତାର ସଠିକ ଉପଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ହିତାଧିକାରୀମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା ବିକାଶ ବିଭାଗ ସହ ଆଲୋଚନା ମଧ କରାଯାଇଛି । ସୁଭଦ୍ରା ସହାୟତାର ଉପଯୋଗକୁ ନିରନ୍ତର ଭାବେ ସମୀକ୍ଷା କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶେଷ ପର୍ଯ୍ୟାୟରେ ଅନନ୍ତପୁରୁଷୋତ୍ତମଙ୍କ ଟାହିଆ ପ୍ରସ୍ତୁତି
# ଜାଗୁଳାଇ ପାଟଣାରେ ଆଜି ପହଞ୍ଚିବ ଟାହିଆ



ଖୋର୍ଦ୍ଧା,: (ଲଳିତ ମୋହନ ମହାପାତ୍ର) ନାନା ଧର୍ମ, ସମ୍ପ୍ରଦାୟର ଉପାସକମାନେ ପ୍ରଭୁ ଶ୍ରୀ ଜଗନାଥଙ୍କୁ ନିଜର ଆରାଧ୍ୟ ଦେବତା ରୂପେ ଗ୍ରହଣ କରିଥାନ୍ତି। କୁହାଯାଏ ଆଦିବାସୀ ଶବର ପୂଜିତ ଦେବତା ନୀଳମାଧ ପରବର୍ତ୍ତି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହୋଇଥିବାରୁ ଏବେ ମଧ ଶବର, ଦଇତା ପତିମାନେ ନବକଳେବର, ଅଣସରସେବା ଓ ରଥଯାତ୍ରା ସମୟରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଶ୍ରୀକ୍ଷେତ୍ରରେ ପାଳନ କରାଯାଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରେ ମହାପ୍ରଭୁଙ୍କ ଗୁଣ୍ଡିଚାଯାତ୍ରା ସର୍ବଶେଷ୍ଠା ପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଏବଂ ଭଉଣୀ ଶୁଭଦ୍ରାଙ୍କର ଏ ବିଶ୍ୱପ୍ରସିଦ୍ଧ ଗୁଣ୍ଡିଚାଯାତ୍ରାକୁ ଦେଖିବାକୁ ଲକ୍ଷାଧିକ ଭକ୍ତ ଭକ୍ତିର ସହିତ ଅପେକ୍ଷା କରିଥାନ୍ତି। ଏହି ଅବସରରେ ଖୋର୍ଦ୍ଧା ଉପକଣ୍ଠ ଜାଗୁଳେଇ ପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀଅନନ୍ତ ପୁରୁଷୋତମଙ୍କ ପୀଠରେ ମଧ ରଥଯାତ୍ରା ହୋଇଥାଏ। ମାତ୍ର ଗୁଣ୍ଡିଚାଦିନ ମହାପ୍ରଭୁ ମସ୍ତକରେ ଟାହିଆମଣ୍ଡିତ ହେବା ଲାଗି ଟାହିଆ ପ୍ରସ୍ତୁତ କରୁଛନ୍ତି ପାନବରଜ ଗାଁର ପ୍ରଶାନ୍ତ ପଟ୍ଟନାୟକ। ୧୦ବର୍ଷ ତଳେ ସେ ପରିବାର ସହ ଅନନ୍ତପୁରୁଷୋତମ ଦେବଙ୍କ ରଥଯାତ୍ରା ଦେଖିବାକୁ ଯାଇଥିଲେ। ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନଥିବା ଦେଖି କାରଣ ଜାଣିବାକୁ ଚାହିଁଥିଲେ। ସେହିବର୍ଷ ପୁରୀରୁ ଟାହିଆ ଆସିପାରିନଥିବା ଜାଣିବା

### ସ୍ୱପ୍ନାଦେଶ ପାଇ ଯୋଗାଇ ଆସୁଛନ୍ତି ଏହି ସେବା

ପରେ ସେ ନିଜେ ମହାପ୍ରଭୁଙ୍କୁ ଟାହିଆ ପ୍ରସ୍ତୁତ କରିଦେବେ ବୋଲି ନିଷ୍ପତି ନେଇଥିଲେ। ଆଜକୁ ୮-୯ବର୍ଷ ହେବ ତାଙ୍କ ପରିବାର ଏ କାର୍ଯ୍ୟ ଜାରୀ ରଖିଛନ୍ତି। ମାତ୍ର ୨୦୧୭ରେ ସେ ଟାହିଆ କାର୍ଯ୍ୟ ଅଧା କରିଥିବାବେଳେ ରାତିରେ ଶୋଇଥିବା ଅବସ୍ଥାରେ ମହାପ୍ରଭୁ ନିଜେ ସାଧୁସନ୍'ଙ୍କ ଗହଣରେ ଆସି ଟାହିଆ ଦେଖୁଥିବା ସ୍ୱପ୍ନରେ ଦେଖିଥିଲେ।ଏହାପରେ ସେ ନିଦରୁ ଉଠନ୍ତି ତ କେହି କୁଆଡେ ନଥିବା ଦେଖିଥିଲେ। ଟାହିଆ ପ୍ରସ୍ତୁତ ଲାଗି ପୁରୀରୁ ସୋଲଫୁଲ ଆଣୁଥିବାବେଳେ ସ୍ଥାନୀୟ ବଜାରରୁ ଚୁମୁକି, ଜିଙ୍କ୍, ସୁତା, ଲେନ୍ସ, ପ୍ରଭୃତି କିଣନ୍ତି ବୋଲି ସେ କୁହନ୍ତି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ନିଷ୍ଠାର ସହିତ ଏ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏଥିରେ ତାଙ୍କୁ ତାଙ୍କ ପତ୍ନୀ ମଞ୍ଜୁଲତା, ପୁଅ ଦେବାଶିଷ ଓ ପରିବାର ସହଯୋଗ କରୁଥିବା ସେ କୁହନ୍ତି। ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଟାହିଆ ପ୍ରସ୍ତୁତି। ମହାପ୍ରଭୁଙ୍କ ସେବାରେ ତାଙ୍କ ପରିବାର ଲୋକ ଆନନ୍ଦ ଲାଭ କରୁଥିବା ସେ କହିଛନ୍ତି।

# ଆପୋଲୋ କ୍ୟାନ୍ସର ସେଣ୍ଟର ପକ୍ଷରୁ କ୍ୟାନ୍ ୱିନ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର, (ସବ୍ୟୁ): ଜାତୀୟ କର୍କଟ ସର୍ଭାଇଭର୍ ମାସ ପାଳନ ଅବସରରେ ଆପୋଲୋ କ୍ୟାନ୍ସର ସେଣ୍ଟର ଭୁବନେଶ୍ୱର ପକ୍ଷରୁ ବୁଧବାର ହସପିଟାଲ ପରିସରରେ 'କ୍ୟାନ୍ ୱିନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କର୍କଟ ରେଗୀଙ୍କୁ ଏକ ସହାୟତା ଗୋଷ୍ଠୀ ମାଧ୍ୟମରେ ରୋଗରୁ ମୁକ୍ତି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । କର୍କଟ ରୋଗୀଙ୍କୁ ଅଙ୍କୋଲୋଜିଷ୍ଟ, ସାଇକୋ-ଅଙ୍କୋଲୋଜିଷ୍ଟଙ୍କ ସହ ଏକ ମିଳିତ ଟିମ୍ ଗଠନ ମାଧ୍ୟମରେ ଚିକିତ୍ସା ସହାୟତା ଯୋଗାଇଲେ ଏହି ରୋଗୀମାନେ ମାରାତ୍ମକ କର୍କଟ ବିରୁଦ୍ଧରେ ଲଢି ବିଜୟ ଲାଭ କରିବାର ସମ୍ଭାବନା ଅଧିକ ବୋଲି କାର୍ଯ୍ୟକ୍ରରେ ଯୋଗଦେଇ କର୍କଟ ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ । ଏଥିରେ ଆପୋଲୋ ହସ୍‌ପିଟାଲ ଦ୍ୱାରା ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିବା କର୍କଟ ରୋଗୀମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ଯାହା ଚିକିତ୍ସିତ ହେଉଥିବା ଅନ୍ୟ କର୍କଟ ରୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲା । କାର୍ଯ୍ୟକ୍ରମରେ ହସ୍‌ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଏବଂ ମେଡିକାଲ୍ ସେବା ନିର୍ଦ୍ଦେଶକ ଡା. ଆଲୋକ ଶ୍ରୀବାସ୍ତ ଯୋଗଦେଇ କ୍ୟାନ୍ ୱିନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ଟିମ୍ ଗଠନ କରି କର୍କଟ ରୋଗୀମାନଙ୍କ ଚିକିତ୍ସା, ସଠିକ ଔଷଧ ଓ ସେବା ପ୍ରଦାନ କଲେ ତାହା ଫଳପ୍ରଦ ହୋଇଥାଏ ବୋଲି କହିଥିଲେ । ଏଥିରେ ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡା. ସମରେନ୍ଦ୍ର ଦାଶ, ରେଡିଏସନ୍ ଅଙ୍କୋଲୋଜିଷ୍ଟ ପରାମର୍ଶଦାତା ଡା. ସନ୍ଦୀପ ମଜୁମଦାର ପ୍ରୋଟନ୍ ଥେରାପି ପରି ଉନ୍ନତ ଚିକିତ୍ସାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ, ଡା. ପ୍ରଶାନ୍ତ ଚନ୍ଦ୍ର ଦାଶ କର୍କଟ ବିରୁଦ୍ଧରେ ଲଢ଼େଇ କେବଳ ପ୍ରଯୁକ୍ତିବିଦ୍ୟା ବିଷୟରେ ନୁହେଁ ବରଂ ସହାନୁଭୂତି ଓ କ୍ୟାନ ୱିନ୍ ମାଧ୍ୟମରେ ଚିକିତ୍ସା ହୋଇଥାଏ । ଏଥିରେ ହେମାଟୋ ଅଙ୍କୋଲୋଜିଷ୍ଟ ଡା. ପ୍ରୀତିଶ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ଅଙ୍କୋଲୋଜିଷ୍ଟମାନେ ଯୋଗଦେଇ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ଚିହ୍ନଟ ଏବଂ ଉନ୍ନତ ଚିକିତ୍ସା ଜୀବିତ ରହିବାର ହାରକୁ ଯଥେଷ୍ଟ ବୃଦ୍ଧି କରିଛି ବୋଲି ଗୁରୁତ୍ୱାରୋପ କରିଥିଲେ ।

## ରାଜ୍ୟପାଳ ଏବଂ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହ ଦେଓ ଙ୍କ ମଧ୍ୟରେ ସୌଜନ୍ୟ ମୂଳକ ସାକ୍ଷାତ
# ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ଉପରେ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ଦିନ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କୁ ତାଙ୍କ ବାସଭବନ ରେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜ୍ୟପାଳ ଓ ଉପ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଯୋଜନା, ଶକ୍ତି କ୍ଷେତ୍ରରେ ସଂସ୍କାର ଏବଂ କୃଷି କ୍ଷେତ୍ରରେ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେଆଲୋଚନା କରିଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ବିଷୟରେ ମଧ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରମୁଖ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ପାଇଁ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ ଆରୋପ କରିଥିଲେ।

# ଧାନକିଣା ଜୁଲାଇ ୧୫କୁ ବୃଦ୍ଧି ଦାବି କଲା ପ୍ରଦେଶ କିଷାନ କଂଗ୍ରେସ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ବୁଧବାର ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟିର ଏକ ବୈଠକ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଦିବଙ୍ଗତ କିଷାନ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା । ପରେ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ କିଷାନ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଇଥିଲେ । ବୈଠକକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ଉଦଘାଟନ କରି କହିଲେ ଯେ, ବିଜେପି ସରକାରଙ୍କ କୃଷି ଓ କୃଷକ ମାରଣ ନୀତି ଓ କର୍ପୋରେଟ ସପକ୍ଷ ନୀତି ବିରୁଦ୍ଧରେ ପ୍ରଦେଶ କିଷାନ କଂଗ୍ରେସ ସାରା ଓଡ଼ିଶାରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ । ସେହିପରି ଧାନ କିଣାବେଳେ କଟନି ଛଟନି ବନ୍ଦ ସହ ବିଭିନ୍ନ ନଗଦ ଓ ଦୀର୍ଘମିଆଦି ଦାବିର ସମାଧାନ ନହେଲେ ସରକାର ଓ ଶାସନକଳ ବିରୁଦ୍ଧରେ ଜୋରଦାର ପ୍ରତିବାଦ କରିବାକୁ ରାଜ୍ୟର କୃଷକ ଶ୍ରେଣୀ ଏହାକୁ ଏକ ବଡ଼ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ରାଜ୍ୟର ପ୍ରାୟ ୨୦ରୁ ଅଧିକ ଚାଷୀ ନେତା ଉଦ୍‌ବୋଧନ ଦେଇ ଚାଷୀମାନଙ୍କର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସ୍ୱାମୀନାଥନ କମିଶନର ସୁପାରିଶକୁ ଲାଗୁ କରିବା, ୩୦୦ୟୁନିଟି ବିଜୁଳି ମାଗଣା ଦେବା, ଚାଷୀଙ୍କୁ ୫୫ ବର୍ଷରେ ୧୦ ହଜାର ଭତା ପ୍ରଦାନ ସଂପୂର୍ଣ୍ଣ ଜଳସେଚନ ଓ ଜଳ ନିଷ୍କାସନ ସହ ବନ୍ୟା ଓ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ସରକାର ତୁରନ୍ତ ବର୍ଷାଦିନର ପୂର୍ବରୁ ବ୍ୟବସ୍ଥା ନକଲେ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜଧାନୀ ପର୍ଯ୍ୟନ୍ତ ଲଢ଼େଇକୁ ଜୋରଦାର କରାଯିବ ବୋଲି ଆଜିର ବୈଠକରେ ନିଷ୍ପି ଗ୍ରହଣ କରାଯାଇଛି । ଆଗାମୀ ଦିନରେ ଲଢ଼େଇକୁ ଜୋରଦାର କରିବାପାଇଁ ଅଭୟ ସାହୁ, ଅମିୟ ପଟ୍ଟନାୟକ, ଦେବାଶିଷ ନାୟକ, ରବିନ୍ଦ୍ର କୁମାର ମଲ୍ଲିକ ଓ ଅରୁଣ ଜେନାଙ୍କୁ ନେଇ ଏକ ଆଡହକ ଟିମ ଗଠନ କରାଯାଇଛି । ଉକ୍ତ ଟିମ ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ବିଜେପି ସରକାରର ପ୍ରତ୍ୟେକ କୃଷି ଓ କୃଷକ ବିରୋଧି ପଦକ୍ଷେପ ବିରୁଦ୍ଧରେ ରାସ୍ତାଉପରେ ଗଣତାନ୍ତ୍ରିକ ପଦ୍ଧତିରେ ଜବାବ ଦେବାପାଇଁ ସଂପୃକ୍ତ ଜିଲ୍ଲା ସଂଗଠନକୁ ଶାଣିତ କରିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ଅବଶିଷ୍ଟ ଜିଲ୍ଲାକୁ ଗସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପି ଗ୍ରହଣ କରାଯାଇଛି । ଶେଷରେ ବିପ୍ରବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ ମାମଲା, ଯୁବକଙ୍କୁ ୩ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଆଜି ଜନୈକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ଶୁଣାଣି ହୋଇଛି । ସ୍ୱତନ୍ତ୍ର ପୋକସୋ ଜଜ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେହେଲେ ଗୋପାଳପୁର ଥାନା ଅନ୍ତର୍ଗତ ସାନକୁଶସ୍ଥଳୀର ଏସ. ରାମୁଡୁ ରେଡ୍ଡୀ (୨୨) । ଜଜ ତାଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ୮ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୫ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦେଶ ରହିଛି । ସେହିପରି ପିଡ଼ିତା ନାବାଳିକା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ସେ ନିର୍ଦେଶ ଦେଇଛନ୍ତି । ଅନ୍ୟପଟେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ସହଯୋଗୀ ଉକ୍ତ ଥାନା ଅନ୍ତର୍ଗତ ପଲି ଗୁମୁଳାର ସୁବ୍ରତ ମୁନୀ (୨୩) ଙ୍କୁ ପ୍ରମାଣ ଅଭାବରୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ପ୍ରକାଶ ଯେ, ଜଣେ ଛାତ୍ରୀ ଗୋପାଳପୁର ଥାନା ଅଞ୍ଚଳରେ ଥିବା ଏକ କଲେଜରେ ଯୁକ୍ତ ଦୁଇ ଶେଷ ବର୍ଷର ଛାତ୍ରୀ ଭାବେ ପଢୁଥିଲେ । ଗତ ୨୦୨୨ ସେପ୍ଟେମ୍ବର ୨୯ ତାରିଖରେ ଛାତ୍ରୀଙ୍କ ଉକ୍ତ ଯୁବକ ରାମୁଡୁ ତାଙ୍କ ହାତ ଧରି ଟାଣି ଟାଣି ନେ ସହ ସମସ୍ତଙ୍କ ସମ୍ମୁଖରେ ଅସଦାଚରଣ କରିଥିଲେ । ଏଥିରେ ତାଙ୍କର ସାଙ୍ଗ ସୁବ୍ରତ ମୁନୀ ସହାୟତା କରିଥିଲେ । ଛାତ୍ରୀଙ୍କର ମର୍ଯ୍ୟାଦା ହାନି ଘଟିଥିବା ନେଇ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୧୯୫/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଏସ. ରାମୁଡୁ ରେଡ୍ଡୀ ଓ ସୁବ୍ରତ ମୁନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ଅଭିଯୁକ୍ତ ଦ୍ୱୟ ଜାମିନରେ ବାହାରିଥିଲେ । ମାମଲାର ବିଚାରଣା ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଜଜ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉକ୍ତ ରାୟ ପ୍ରକାଶ କରିଛନ୍ତି ।

### ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ: ଜିରୋ କାଜୁଆଲିଟିରେ କୌଣସି ସାଲିସ୍ କରାଯିବ ନାହିଁ

# ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ଆମ ସରକାର ଲୋକଙ୍କ ସହିତ ରହିବେ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଜୁନ ମାସଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବାହିତ ହୋଇଥାଏ । ଏହି ସମୟରେ ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଯୋଗୁଁ ବହୁ ଧନ ଜୀବନ କ୍ଷୟ କ୍ଷତି ହୋଇଥାଏ । ତେଣୁ ଏହି ସମୟ ଆମ ସମସ୍ତଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୫ ରେ କହିଛନ୍ତି । ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଅଟେ । ବାତ୍ୟା ଦାନା ହେଉ ବା ଅଦିନିଆ ବୃଷ୍ଟିପାତ ହେଉ ଆମ ସରକାର ସବୁଥି ପାଇଁ ପ୍ରସ୍ତୁତ ଅଛନ୍ତି ଓ ଲୋକଙ୍କ ପାଖରେ ଆମ ସରକାର ସବୁ ପରିସ୍ଥିତିରେ ଠିଆ ହୋଇଛି ଓ ଠିଆ ହେବେ । ଜଳସେଚନର ସୁପରିଚାଳନା କରିପାରିଲେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଅନେକ ମାତ୍ରାରେ କମ୍ କରିହେବ । ସେଥିପାଇଁ ଆମେ ଆଗାମୀ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖିଛୁ । ବିଗତ ବର୍ଷ ରାଜ୍ୟର ମାଲକାନଗିରି, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା । ତୁରନ୍ତ ସହାୟତା ରାଶି ପ୍ରଦାନ, ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରି ବିପର୍ଯ୍ୟସ୍ତ ଲୋକଙ୍କୁ ସାହାଯ୍ୟ କରାଯାଇଥିଲା । ବାତ୍ୟା ଦାନା ଓଡ଼ିଶାର ୧୪ଟି ଜିଲ୍ଲାକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଏହି ବାତ୍ୟାକୁ ଆମ ସରକାର ସଫଳତାର ସହ ପରିଚାଳନା କରି ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ କରିଥିଲେ । ସେହିଭଳି ଅଦିନିଆ ବର୍ଷାକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରି ଚାଷୀମାନଙ୍କ




କ୍ଷତି ଭରଣା ପାଇଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଶେଷକରି ଜଳସମ୍ପଦ ବିଭାଗ ଜଳପ୍ରବାହର ସୁପରିଚାଳନା ଏବଂ ଦୁର୍ବଳ ନଦୀବନ୍ଧ ଗୁଡ଼ିକ ପ୍ରତି ତୀକ୍ଷଣ ନଜର ରଖିବା ପାଇଁ ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାରଙ୍କ ଦ୍ୱାରା ରେଖାଙ୍କିତ ହୋଇଥିବା ଜିରୋ କାଜୁଆଲିଟିରେ କୌଣସି ସାଲିସ୍ କରାଯିବ ନାହିଁ । ଏହା ମନୁଷ୍ୟ କ୍ଷେତ୍ରରେ ହେଉ ଅବା ଗୃହପାଳିତ ପଶୁ କ୍ଷେତ୍ରରେ ହେଉ । ଆମକୁ ବନ୍ୟା, ବାତ୍ୟା ମୁକାବିଲା ନିମନ୍ତେ ବିପର୍ଯ୍ୟୟ ପରିସ୍ଥିତିର ଉପଯୁକ୍ତ ସମୀକ୍ଷା କରିବାକୁ ପଡ଼ିବ । ଆଗୁଆ ସତର୍କ ସୂଚନା, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରାଣିଚିକିତ୍ସା କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ଓଡ୍ରାଫ, ଏନ୍.ଡି.ଆର୍.ଏଫ୍ ଏବଂ ଅଗ୍ନିଶମ ବାହିନୀମାନଙ୍କୁ ତ୍ୱରିତ ପଦକ୍ଷେପ ନିମନ୍ତେ ସବୁବେଳେ ସଜାଗ ରଖିବାକୁ ପଡ଼ିବ । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବିପର୍ଯ୍ୟୟର ସୁପରିଚାଳନା ପାଇଁ ଦକ୍ଷ ମାନବ ସମ୍ବଳ ଓ ଆଧୁନିକ ଉପକରଣ ନିହାତି ଆବଶ୍ୟକ, ଏଥିପାଇଁ ଆମ ସରକାର ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ପାଣିପାଗ ସମ୍ବନ୍ଧୀୟ ସଠିକ୍ ତଥ୍ୟ ହାସଲ ପାଇଁ ସମ୍ବଲପୁର ଓ ବାଲେଶ୍ୱରରେ ଦୁଇଟି ଡୋପଲାର ରାଡାର ସ୍ଥାପନ ହେବ ଏବଂ ଭୁବନେଶ୍ୱରରେ ମଧ୍ୟ ଆଉ ଗୋଟିଏ ରାଡାର ସ୍ଥାପନ ହେବ । ରାଜ୍ୟରେ ଜିଲ୍ଲାସ୍ତରରେ ୨୪ ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି, ଏହା ମାଧ୍ୟମରେ ପାଣିପାଗ ସମ୍ବନ୍ଧୀୟ ସମସ୍ତ ସୂଚନା ତୁରନ୍ତ ଅବଗତ କରାଯାଉଛି ଓ ଆପଦକାଳୀନ ସ୍ଥିତିର ସାମ୍ନା କରିବା ପାଇଁ ମଧ୍ୟ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ବୈଠକରେ ବିଧାୟକ, ସାଂସଦ, ବିଭିନ୍ନ ବିଭାଗର ମନ୍ତ୍ରୀ ପ୍ରମୁଖ ସେମାନଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଏହି ବୈଠକରେ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗର ପ୍ରସ୍ତୁତି ସମ୍ପର୍କରେ ସବିଶେଷ ବିବରଣୀ ରଖିଥିଲେ । ଓଏସଡିଏମଏ ପରିଚାଳନା ନିର୍ଦ୍ଦେଶକ କମଳଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା
## ୩ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଗଣ ଦୁଷ୍କର୍ମ ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ସୁଦିପ୍ତ ଆଚାର୍ଯ୍ୟ ଅଭିଯୁକ୍ତ ରାଜେଶ ଜେନା, ରାକେଶ ଜେନା ଓ ଦିକ୍ଷିତ୍ ଜେନାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ସସ୍ମିତା ମହାପାତ୍ର ମାମଲା ପରିଚାଳନା କରିଥିଲେ। ପ୍ରକାଶ ଯେ, ୨୦୨୧ ମସିହା ଅକ୍ଟୋବର ୧୯ ତାରିଖ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀ ତାଙ୍କ ବନ୍ଧୁଙ୍କ ସହିତ ସ୍କୁଟିରେ ବୈଶିଙ୍ଗା ଆଡକୁ ଯାଉଥିବାବେଳେ ଏକ ନିଛାଟିଆ ସ୍ଥାନରେ ବୈଶିଙ୍ଗା ଥାନା ଅଞ୍ଚଳର ରାଜେଶ ଜେନା, ରାକେଶ ଜେନା ଓ ଦିକ୍ଷିତ୍ ଜେନା ଯୁବତୀଙ୍କୁ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଟେକି ନେଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏନେଇ ପୀଡିତାଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ବୁଧବାର ୧୭ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ଯୁବକଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ପ୍ରତିମା ପାତ୍ର ଅଭିଯକ୍ତ ବାପୁନ ମହାନ୍ତ(୨୬)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ସ୍ୱତନ୍ତ୍ର ପି.ପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ପ୍ରକାଶ ଯେ, ୨୦୧୮ ମସିହା ଜୁନ୍ ୨୦ତାରିଖରେ ବାରିପଦା ସଦର ଥାନା ଅନ୍ତର୍ଗତ ସାନଶୋଳ ଗ୍ରାମକୁ ନାବାଳିକା ଜଣଙ୍କ ମଉସାଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେହି ସମୟରେ ପାଇକବସା ଗ୍ରାମର ବାପୁନ ମହାନ୍ତ ନାବାଳିକା ଜଣଙ୍କୁ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲେ। ଏ ସମ୍ବନ୍ଧରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ୫୪/୧୮ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ବୁଧବାର ୧୭ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର
# ବ୍ୟାରେଜ ନିର୍ମାଣ ସରିଲା ହେଲେ ବିସ୍ଥାପିତଙ୍କୁ ମିଳିଲାନି ଜମିପଟ୍ଟା



କଟକ, (ସ୍ୱପ୍ର) : ଯୋବ୍ରା ବ୍ୟାରେଜ ନିର୍ମାଣ ପାଇଁ ୨୦ପରିବାରକୁ ସରକାର ଯୋବ୍ରା ନଦୀକୂଳ ସାହିରୁ ୫୩ ନଂ ଓ୍ୱାର୍ଡ ଅନ୍ଦରପୁର ସ୍ଥିତ ଗୁଣାଦୋଳ ମୌଠଜାକୁ ଦୀର୍ଘଦିନ ହେବ ବିସ୍ଥାପିତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ପରିବାରଙ୍କୁ ଜାଗାର ପଟ୍ଟା ମିଳିପାରିଲା ନାହିଁ । ଫଳରେ ଏହି ପରିବାରଙ୍କର ପିଲାମାନେ ପାଠପଢିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେବି ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି ଏହି ବିସ୍ଥାପିତ ପରିବାର । ସୂଚନାନୁସାରେ, ଜଗତପୁରରୁ କଟକ ସଂଯୋଗ ପାଇଁ ୧୯୮୮ମସିହାରେ ମହାନଦୀର ଯୋବ୍ରା ନିକଟରେ ବ୍ୟାରେଜ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିଲେ । ଚୌଦ୍ୱାରକୁ କଟକ ସହର ସହିତ ସଂଯୋଗ କରିବାକୁ ବିରୂପା ବ୍ୟାରେଜ ନିର୍ମାଣ କରାଯାଇଥିଲା । ଜମି ଅଭାବ ଯୋଗୁଁ ଯୋବ୍ରା ନଦୀକୂଳ ସାହିର ୨୦ଟି ପରିବାରକୁ ବିସ୍ଥାପିତ କରିବାକୁ ସରକାର ସିଦ୍ଧାନ୍ତ ଗ୍ରହଣ କରି ୧୯୮୯ରେ ଗୁଣାଦୋଳ ମୌଠଜାରେ ଥିବା ଅନ୍ଦରପୁରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ମଞ୍ଜୁର କରାଯାଇଥିଲା । ପ୍ରତି ବିସ୍ଥାପିତ ପରିବାର ପିଛା ୧ଗୁଣ୍ଠ ଜମି ଯୋଗାଇ ଦିଆଯାଇଥିଲା । ବ୍ୟାରେଜ ଡିଭିଜନ ପକ୍ଷରୁ ବିସ୍ଥାପିତଙ୍କୁ ଆଣି ଅନ୍ଦରପୁରରେ ଥଇଥାନ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମିକୁ ମାପଚୁପ କରାଯାଇଥିଲା । ଖୁବ୍‌ଶୀଘ୍ର ଜମିପଟା ଦିଆଯିବାକୁ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା । ହେଲେ ବିସ୍ଥାପିତ ହେବାକୁ ୩୫ବର୍ଷ ବିତିଯାଇଥିଲେ ବି ଏହି ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି ବୋଲି ବିସ୍ଥାପିତ ହୋଇଥିବା ପ୍ରଭାତ ଚନ୍ଦ୍ର ଦାଶ, ନିରଂଜନ ଦାଶ, ନରୋତ୍ତମ ଦାସ, ହେମନ୍ତ ଚୌଧୁରୀ, ସନାତନ ବେଉରା, ଶ୍ରୀଧର ବେଉରା, ବାବାଜୀ ବେହେରା, କେ. ଉମାଚରଣ ରେଡ୍ଡି, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ ଠାରୁ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ନେହୁରା ହେବା ପରେ ମଧ୍ୟ ଆଶାପୂରଣ ହୋଇପାରିଲାନାହିଁ । ଶେଷରେ ହାଇକୋର୍ଟଙ୍କ ଆଦେଶ ବି ପାଳନ କରାଯାଇନାହିଁ । ୨୦୨୪ ଅଗଷ୍ଟ ୫ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ମଧ୍ୟ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଦପ୍ତରରୁ କଟକସଦର ତହସିଲକୁ ଏହି ବିସ୍ଥାପିତଙ୍କ ପଟ୍ଟା ସମସ୍ୟା ବିଷୟରେ ଜାଣିବାକୁ ୨୦୨୪ ସେପ୍ଟେମ୍ବର ୧୨ରେ ଚିଠି କରାଯିବା ପରେ ଏହି ବିସ୍ଥାପିତ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ କରାଯିବାକୁ ଜିଲ୍ଲାପାଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ମଂଜୁରିପତ୍ର ପ୍ରଦାନ କରାଯାଇଛି ବୋଲି ତତ୍କାଳୀନ ଅତିରିକ୍ତ ତହସିଲଦାର୍ ଲକ୍ଷ୍ମୀପ୍ରିୟା ଦାସ ୨୦୨୪ ସେପ୍ଟେମ୍ବର ୧୭ରେ ଏକ ଚିଠି ତହସିଲ କାର୍ଯ୍ୟାଳୟରୁ ମୁଖ୍ୟମନ୍ତ୍ରୀ ଦପ୍ତରକୁ ପ୍ରଦାନ କରାଯାଇଥିବାର ଜଣାପଡିଛି । ବିସ୍ଥାପିତଙ୍କ ପଟା ସମସ୍ୟା ବିଷୟରେ ଜାଣିବା ପାଇଁ ୨୦୨୫ ଏପ୍ରିଲ୍ ୨୮ରେ ବିସ୍ଥାପିତ ୨୦ପରିବାରଙ୍କ ପକ୍ଷରୁ ନଗେନ୍ ଦାସଙ୍କ ନାମକ ବ୍ୟକ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ । ଉକ୍ତ ବିଭାଗର ଆଡିସିନାଲ ସେକ୍ରେଟାରୀ ସୁରଂଜନ ପ୍ରଧାନ ଚିଠି ନଂ ୬୨୮୬/୨୦୨୫ ମେ ୨ରେ କଟକ ଜିଲ୍ଲାପାଳଙ୍କୁ ତୁରନ୍ତ ଏହି ବିସ୍ଥାପିତ ପରିବାରଙ୍କ ସମସ୍ୟା ବିଷୟରେ ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବାର ଜଣାପଡିଛି । ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପଟ୍ଟା ଦେବାକୁ କିମ୍ବା ବସୁନ୍ଧରା ଯୋଜନାରେ ସାମିଲ କରି ପଟ୍ଟା ପ୍ରଦାନ କରିବାକୁ ବିସ୍ଥାପିତ ପରିବାର ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି ।

## ଜାତୀୟ ରାଜପଥରେ ୩ କାର ଦୁର୍ଘଟଣା
## ଜଳିଗଲା ଦୁଇ କାର, ଅଳ୍ପକେ ବର୍ତ୍ତିଲେ ସାତ

ଛତ୍ରପୁର, (ସବ୍ୟୁ) : ଚମାଖଣ୍ଡି ଥାନା ନିକଟ ଜାତୀୟ ରାଜପଥ ଠାରେ ଅଚାନକ ଗାଡି ଆଗକୁ ଏକ ଗାଇ ଆସିଯାଇଥିଲା ତାକୁ ବଞ୍ଚାଯାଇବାକୁ ଯାଇ ତିନୋଟି କାର ପଛକୁ ପଛ ଧକ୍କା ହୋଇଥିଲା । ଫଳରେ ଦୁଇଟି କାରରେ ନିଆଁ ଲାଗି ଯାଇଥିବା ବେଳେ ଅଳ୍ପକେ ବର୍ତି ଯାଇଥିଲେ ୭ ଜଣ । ସୂଚନା ଥାଉକି ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର ଓଡି୦୨ସିଜି୦୭ ୬୩ ଆଗାକୁ ଏକ ଗାଇ ଆସିଯାଇଥିଲା । ଫଳରେ ଗାଡି ଚାଳକ ଅଚାନକ ଗାଡିର ବ୍ରେକ ମାରିଥିଲେ । ଏହି ସମୟରେ ଉକ୍ତ ଗାଡି ପଛକୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା ଏବଂ ଦ୍ୱିତୀୟ କାର ପଛରୁ ଅନ୍ୟ ଏକ କାର କଟକରୁ କୋରାପୁଟ ଯାଉଥିବା ବେଳେ ସେ ମଧ୍ୟ ଦ୍ୱିତୀୟ କାର ଧକ୍କା ଦେଇଥିଲା । ଫଳରେ ପ୍ରଥମ କାରକୁ ଛାଡିଦେଲେ ଅନ୍ୟ ଦୁଇଟି କାରରେ ଅଚାନକ ନିଆଁ ଲାଗିଯାଇଥିଲା । ତୁରନ୍ତ ଦୁଇଟି କାରରେ ବସିଥିବା ଲୋକମାନେ ଓହ୍ଲାଇ ପଡିଥିଲେ । କିଛି ସମୟ ମଧ୍ୟରେ ଦୁଇଟି କାରରେ ସମ୍ପୂର୍ଣ୍ଣଭାବେ ନିଆଁ ଲାଗିଯାଇଥିଲା । ଖବର ପାଇଁ ଛତ୍ରପୁରରୁ ଦୁଇଟି ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ଗାଡି ଦୁଇଟି ସମ୍ପୂର୍ଣ୍ଣ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା । ଏଥିରେ ୭ ଜଣ ବର୍ତ୍ତି ଯାଇଥିବା ବେଳେ ୨ଜଣ ସମାନ୍ୟ ଆହାତ ହୋଇଥିଲେ । ତାଙ୍କୁ ଛତ୍ରପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ଜାତୀୟ ରାଜପଥରେ ଗାଇ ବୁଲୁଥିବାରୁ ଏବେ ଦୁର୍ଘଟଣା ଘଟୁଛି ତେଣୁ ଏଥିପ୍ରତି ଜଲ୍ଲା ପ୍ରଶାସନ ଧ୍ୟାନ ଦେବା ଜରୁରୀ ହୋଇପଡିଛି ବୋଲି ମତ ପ୍ରକାଶ ପାଇଛି ।

## ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ମୟୂରଭଞ୍ଜ ପାଇଁ ସ୍ୱତନ୍ତ୍ର ରେଳ ସେବା

ବାରିପଦା, (ସବ୍ୟୁ) : ଚଳିତ ବର୍ଷ ପୁରୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ବିଶେଷ ଦିନମାନଙ୍କରେ ଭକ୍ତ, ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ସର୍ବପରି ସାଧାରଣ ଜନତାଙ୍କ ସୁଗମ ଯାତାୟାତ ପାଇଁ ପୂର୍ବ ତଟ ରେଳପଥ ତରଫରୁ ସ୍ୱତନ୍ତ୍ର ରେଳ ସେବାର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ଜୁନ୍ ୨୫ତାରିଖ ଏବଂ ଜୁଲାଇ ୪ତାରିଖ ସ୍ୱତନ୍ତ୍ର ରେଳ ନମ୍ବର-୦୮୩୭୯ ବାଦାମପାହାଡ ରେଳ ଷ୍ଟେସନରୁ ବାହାରି ମୁଖ୍ୟ ଷ୍ଟପେଜ ହିଜିଲି, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, କଟକ ଦେଇ ପୁରୀରେ ପହଂଚିବ । ସେହିପରି ଜୁନ୍ ୨୬ତାରିଖ ଓ ଜୁଲାଇ ୪ତାରିଖ ସ୍ୱତନ୍ତ୍ର ରେଳ ନମ୍ବର-୦୮୩୮୧ ବାଙ୍ଗିରିପୋଷୀ ରେଳ ଷ୍ଟେସନରୁ ବାହାରି ମୁଖ୍ୟ ଷ୍ଟୋପେଜ ବାରିପଦା, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ ଦେଇ ପୁରୀରେ ପହଂଚିବ । ଯାତ୍ରୀମାନଙ୍କୁ ସରକାରୀ ରେଳ ପୋର୍ଟାଲ ମାଧ୍ୟମରେ ସମୟ ସୂଚୀ ଏବଂ ଉପଲବ୍ଧତା ସମ୍ବନ୍ଧରେ ଯାଞ୍ଚ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି ।


# ଧରାକୋଟ କଙ୍ଗାରୁ କୋର୍ଟ ଘଟଣାରେ ଦୁଇ ଅଟକ : ପିଡିତ ପରିବାରଙ୍କୁ ଭେଟିଲା କଂଗ୍ରେସର ଉଚ୍ଚ ପ୍ରତିନିଧି ଦଳ

ଧରାକୋଟ, (ସବ୍ୟୁ): ଗଂଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗ୍ରାମରେ ଘଟିଥିବା ଘଟଣାରେ କିଛି ବ୍ୟକ୍ତି ସିଙ୍ଗିପୁର ଗ୍ରାମର ବାବୁଲା ନାଇକ ଓ ବୁଲୁ ନାଇକଙ୍କୁ ଗୋ ଚାଲଣା ନେଇ ନିର୍ଯାତନା ଦେଇଥିଲେ ।

ଏ ଘଟଣା ଗୁରୁତର ପ୍ରସଙ୍ଗ ହୋଇଥିବା ବେଳେ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଛି । ମଙ୍ଗଳବାର ଦିନ କଂଗ୍ରେସର ଏକ ପ୍ରତିନିଧି ଦଳ ପିଡିତଙ୍କୁ ଭେଟି ଘଟଣା ସ୍ଥଳକୁ ପରିଦର୍ଶନ କରି ପୋଲିସର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବୁଧବାର ଦିନ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସ ଉପ ସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ରାଜ୍ୟ ସଂପାଦକ ସୁବର୍ଣ୍ଣ ନାୟକ, ସଂପାଦକ ତୁଳେଶ୍ୱର ନାୟକ ପ୍ରମୁଖ ପିଡିତ ପରିବାରଙ୍କୁ ଭେଟି ସମସ୍ତ ବିଷୟ ବୁଝିବା ସହିତ ଘଟଣାର ଦୃଢ଼ ନିନ୍ଦା କରିବା ସହ ଏହି ଘଟଣାରେ ସଂପୃକ୍ତ ରହିଥିବା ବ୍ୟକ୍ତି ବିଶେଷ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଏବଂ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଧରାକୋଟ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାନଖେମୁଣ୍ଡି ବିଧାୟକ ପିଡିତ ବ୍ୟକ୍ତି ଦୁଇ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଟିମ୍ ସହ ସାରା ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆଦିବାସୀ ହରିଜନ ବର୍ଗର ମୁଖ୍ୟ କର୍ମକର୍ତ୍ତା ମଧ୍ୟ ସିଙ୍ଗିପୁରରେ ପହଞ୍ଚି ଦୁଇ ପିଡିତଙ୍କୁ ଭେଟିଛନ୍ତି । ଏହି ଘଟଣାରେ ଗତକାଲି ୯ ଜଣ ଗିରଫ ହୋଇଥିବା ବେଳେ ବୁଧବାର ଏ ମାମଲାରେ ପୁଣି ଏକାଧିକଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି ।

ଏଥିରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି । ସିଙ୍ଗିପୁର ପୂର୍ବତନ ସରପଂଚ ତଥା ବର୍ତ୍ତମାନର ସମିତି ସଭ୍ୟ ପ୍ରଫୁଲ୍ଲ ଦାସ ଦାବି କରିଛନ୍ତି । ପ୍ରକୃତ ଯେଉଁ ମାନେ ସଂପୃକ୍ତ ସେମାନଙ୍କୁ ପୋଲିସ ଗିରଫ କରିବା ସହିତ ଦୁଇ ପିଡିତଙ୍କୁ ଉଚିତ୍ ନ୍ୟାୟ ମିଳିବା ପାଇଁ ଦାବି କରିଛନ୍ତି । ଏହି ଘଟଣା ଅତ୍ୟନ୍ତ ଲଜ୍ଜା ଜନକ ଏବଂ ସରକାରଙ୍କ ଅପାରଗତାଙ୍କୁ ସୂଚାଉଛି ବୋଲି କଂଗ୍ରେସ ନେତାମାନେ ପ୍ରେସ ବିବୃତିରେ କହିଛନ୍ତି ।

# ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ



ବାରିପଦା, (ସବ୍ୟୁ) : ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ମିଶ୍ରଣ ପର୍ବ ତଖତପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଜିଲ୍ଲାର ଭଞ୍ଜସେନା ଓ ବିଜେଡିର ବହୁ ଯୁବକର୍ମୀ ପ୍ରଧାନମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ବିଜେପିର ନେତୃତ୍ୱ ଉପରେ ଆସ୍ଥାପ୍ରକଟ କରି ଆନୁଷ୍ଠାନିକ ଭାବେ ବିଜେପରେ ସାମିଲ ହେବା ସହ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ବିଜେପିରେ ମିଶିଥିବା ନେତାଙ୍କ ମଧ୍ୟରେ ଭଞ୍ଜସେନାର ମୁଖପାତ୍ର ମାନସ କୁମାର ବେହେରାଙ୍କ ନେତୃତ୍ୱରେ ଦୁଇହଜାରରୁ ଉର୍ଦ୍ଧ୍ୱର୍ ଭଞ୍ଜସେନାର ଯୁବ ସମର୍ଥକ ଓ ସହଯୋଗୀ ସାମିଲ ହୋଇଥିବାବେଳେ, ଭଞ୍ଜସେନାର ଜିଲ୍ଲା ମିଡିଆ ସଂଯୋଜକ ଲୋକନାଥ ପାତ୍ରଙ୍କ ନେତୃତ୍ୱରେ ଦୁଇଶହରୁ ଉର୍ଦ୍ଧ୍ୱର୍ ସମର୍ଥକ ମଧ୍ୟ ମିଶିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜସେନାର ଯୁବନେତା ମିହିର ମହାନ୍ତିଙ୍କ ନେତୃତ୍ୱରେ ୧୫୦ରୁ ଉର୍ଦ୍ଧ୍ୱର୍ ସମର୍ଥକ ସାମିଲ ହୋଇଥିବାବେଳେ ବିଜେଡିର ୧ନଂ ଓ୍ୱାର୍ଡର ପୂର୍ବତନ ଟାଉନ୍ ସମ୍ପାଦକ ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଓ ୨ନଂ ଓ୍ୱାର୍ଡର ଆସିଷ ଦାସ, ପ୍ରମୋଦ ମହାନ୍ତି, ନିରୋଜ ଦାସ, ବ୍ରଜକିଶୋର ପଣ୍ଡା, ଶେଷନାଥ ଉପାଧ୍ୟାୟ, ଅତନୁ ପ୍ରମାଣିକ, ବରୁଣ ପ୍ରମାଣିକ ଓ ସୁଦର୍ଶନ କର୍ମକାର ପ୍ରମୁଖ ବିଜେଡି ନେତା ସାମିଲ ହୋଇଥିଲେ। ସେହିପରି ଭଞ୍ଜସେନାର ଯୁବ ସମର୍ଥକ ଆଦିତ୍ୟ ରଣା, ସନୁ ରାଉତ, ମାନସ ରଞ୍ଜନ, ବିଶ୍ୱନାଥ ନାୟକ, ମହେଶ୍ୱର ବିଶ୍ୱାଳ, ବିଶ୍ୱଜିତ୍ ଚାନ୍ଦ, ଅନୁଭବ ବୈଠା, ନବିନ୍ ଅଗ୍ରଓ୍ୱାଲ, ସୁମିତ ମହାନ୍ତ, ସୁକଦେବ ସିଂ ପ୍ରମୁଖ ସମର୍ଥକଙ୍କ ସହ ମିଶିଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଭଞ୍ଜସେନା ଓ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ନେତାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିବା ସହିତ ମିଶିବାର ଏହା ପ୍ରକୃଷ୍ଟ ସମୟ ବୋଲି କହିଥିଲେ। ପରେ ବିଜେପି ସବୁବେଳେ ତଳେ ଥିବା ଲୋକଟିକୁ ଗୁରୁତ୍ୱ ଦେଇଥାଏ ବୋଲି କହିବା ସହ ଦଳର ନିତୀ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ମମତା ମହାନ୍ତ, ବିଧାୟକ ପ୍ରକାଶ ସସୋରେନ୍, ବିଧାୟକ ଭାଦବ ହାଁସଦାଃ, ବିଧାୟିକା ସଂଜ୍ଞଳୀ ମୁର୍ମୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ୍, ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ ମହାନ୍ତି ଓ ଜୀବନ କୁମାର ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଏକ ବର୍ଷର ଉପଲବ୍ଧି ସମ୍ପର୍କରେ ବଖାଣିବା ସହିତ ଆଗାମୀ ପଞ୍ଚାୟତ ଓ ପୌରପରିଷଦ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରସ୍ତୁତ ରହିବାକୁ ଉପସ୍ଥିତ କାର୍ଯ୍ୟକାର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ମିଶ୍ରଣ ପର୍ବକୁ ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ମହାନ୍ତ, ପରିଚାଳନା କରିଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରମୋସନ ପ୍ରପୋଜାଲ ଶୀତଳ ଭଣ୍ଡାରରେ
# ଖାଲି ପଡ଼ିଥିବା ୩୫୭ ଗ୍ରନ୍ଥାଗାରିକ ପଦବୀ ପୂରଣ କେବେ ?

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ସର୍ବସାଧାରଣ ପାଠାଗାର ଗୁଡ଼ିକୁ ସଶକ୍ତ ତଥା ଆଧୁନିକୀକରଣ କରାଯିବା ସହିତ ସେଗୁଡ଼ିକର ସୁପରିଚାଳନା ନିମନ୍ତେ ତାଲିମପ୍ରାପ୍ତ ଗ୍ରନ୍ଥରିକମାନଙ୍କୁ ନିଯୁକ୍ତି ଦିଆଯିବା ନିୟମ ରହିଛି। ତେବେ ରାଜ୍ୟର ବିଭିନ୍ନ ବିଭାଗ ବିଶେଷକରି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ମହାବିଦ୍ୟାଳୟଗୁଡ଼ିକରେ ବହୁ ସଂଖ୍ୟକ ଗ୍ରନ୍ଥାଗାରିକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିଲେ ମଧ୍ୟ ଏଗୁଡ଼ିକ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉ ନାହିଁ। ୨୦୨୩ ଏପ୍ରିଲ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ପତ୍ରସଂଖ୍ୟା ଅନୁଯାୟୀ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୪୮୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ୪୭୫ଟି ଅନୁମୋଦିତ ବିଭିନ୍ନ ବର୍ଗର ଗ୍ରନ୍ଥଗାରିକ ପଦବୀ ମଧ୍ୟରୁ ୩୫୭ଟି ପଦ ଖାଲି ପଡ଼ିଛି। ଯେଉଁଥିରେ କି ସ୍ନାତକ ଗ୍ରନ୍ଥଗାରିକ ୯୪ଟି, ସହକାରୀ ଗ୍ରନ୍ଥାଗାରିକ ୧୬୨ ଏବଂ କନିଷ୍ଠ ଗ୍ରନ୍ଥାଗାରିକ ୧୦୧ଟି ପଦ ଅନ୍ତର୍ଭୁକ୍ତ । ଏ ଦିଗରେ ବିଭାଗୀୟ ଦପ୍ତର ଅନୁସନ୍ଧାନରୁ ଧରାଯାଏ ଯେ କ୍ୟାଡର ରୁଲ୍ ପ୍ରସ୍ତୁତ ହେଲାପରେ ଏହି ପଦବୀ ପୂରଣ କରାଯିବ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି କି ଯେ ଯେତେବେଳେ ଯେଉଁ ସମୟରେ ବୁଝିଲେ ସବୁବେଳେ ସେହି ଗୋଟିଏ ଉତ୍ତର ମିଳେ ଯେ କ୍ୟାଡର ରୁଲ୍ ପ୍ରସ୍ତୁତି ଚାଲିଛି।

ଏହା କେବେ ସରିବ କାହା ପାଖରେ ସଠିକ ଉତ୍ତର ନାହିଁ। ଉଲ୍ଲେଖ ଯୋଗ୍ୟ ଯେ ୨୦୧୪ ଜୁନ୍ ୧୧ ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଉଚ୍ଚ ନିର୍ଦ୍ଦେଶକଙ୍କୁ ପଠାଯାଇଥିବା ପତ୍ରରେ ଗ୍ରନ୍ଥାଗାରିକଙ୍କ ପଦୋନ୍ନତି ବିଷୟରେ ତର୍ଜମା କରି ନିର୍ଦ୍ଦିଷ୍ଟ ପ୍ରପୋଜାଲ ମଗାଯାଇଥିଲା। ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ତାଙ୍କର ପ୍ରମୋସନ ପ୍ରପୋଜାଲକୁ ୨୦୧୫ ଜୁନ୍ ୨୧ ତାରିଖରୁ ପଠାଇ ସାରିଥିଲେ ମଧ୍ୟ ତାହା ଏର୍ଯ୍ୟନ୍ତ କାର୍ଯ୍ୟକାରୀ କରାନଯାଇ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ପଡ଼ି ରହିଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସେହିପରି ୬୬୨ ବର୍ଗ ମହାବିଦ୍ୟାଳୟରେ ଗ୍ରନ୍ଥାଗାରିକ ପଦବୀ ପୂରଣ ପାଇଁ ସରକାରଙ୍କ ତରଫରୁ କିଛି ନିଯୁକ୍ତି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଏହି ମହାବିଦ୍ୟାଳୟଗୁଡ଼ିକରେ ଖାଲି ପଡୁଥିବା ପଦବୀ ଗୁଡ଼ିକ ପୂରଣ ହୋଇପାରୁ ନାହିଁ। ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ତାଲିମପ୍ରାପ୍ତ ଆଶାୟୀ ପ୍ରାର୍ଥୀମାନଙ୍କ ପକ୍ଷରୁ ଦାବି ହେଉଛି ।

# ଶତାଧିକ ମହିଳାଙ୍କ ନାମରେ ଋଣ ଲକ୍ଷ ଲକ୍ଷ ଟଙ୍କା ଲୁଟିଲା ଭାରତ ଫାଇନାନ୍ସ



ମହାକାଳପଡ଼ା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଉପକୂଳ ପଞ୍ଚାୟତ ରାମନଗର, ଖରିନାସି, ବଟୀଘର, ପେଟଛେଲା ଓ ଜମ୍ବୁ ଆଦି ପଞ୍ଚାୟତର ସରଳ ମହିଳାମାନଙ୍କୁ ଭାରତ ଫାଇନାନ୍ସ ଠକି ଦେଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ସମ୍ପୃକ୍ତ ଫାଇନାନ୍ସ ଅସହାୟ, ଗରିବ ମାନଙ୍କୁ ସହାୟତା ଦେବାକୁ ଅଞ୍ଚଳକୁ ଆସିଛି, ଛଅ ମାସକୁ ଥରେ ଥରେ ସହାୟତା ପଇସା ମିଳିବ ବୋଲି କହୁଥିଲେ ସ୍ଥାନୀୟ ମହିଳା ଏଜେଣ୍ଟ ରୁପାଲୀ ଓ ସ୍ୱପ୍ନା । ଗରିବଙ୍କ ବନ୍ଧୁ ସାଜିବାକୁ ଆସିଥିବା ଫାଇନାନ୍ସ ସଂସ୍ଥା ଗରିବ ଙ୍କୁ ଲୁଟି ନେଇଥିବାର ଜଣାପଡିଛି । ଏଜେଣ୍ଟମାନଙ୍କ ଜରିଆରେ ଗ୍ରାମୀଣ ମହିଳା ମାନଙ୍କୁ ସଦସ୍ୟତା ଫିସ ନେଇ ସଭ୍ୟା କରାଇ, ଆଧାର କାର୍ଡ, ଫଟୋ ପରିଚୟ ପତ୍ର ଆଦି କାଗଜାତ ସଂଗ୍ରହ କରୁଥିଲେ । ପରବର୍ତ୍ତୀ ସମୟରେ ବିଶ୍ୱାସ ଜନ୍ମାଇବା ଲକ୍ଷ୍ୟରେ କିଛି ମହିଳାଙ୍କୁ ଦୁଇ ହଜାର ଲେଖାଏଁ ଟଙ୍କା ଦେଇଥିବା ବେଳେ ଅଧିକାଂଶ ମହିଳା ସେଥିରୁ ବାଦ ପଡିଛନ୍ତି । ମହିଳା ମାନଙ୍କ କାଗଜପତ୍ର ଦାଖଲ କରି ଫାଇନାନ୍ସ କମ୍ପାନୀର ଲିଙ୍କ ଥିବା ଇଣ୍ଡଷ ଲ୍ୟାଣ୍ଡ ବ୍ୟାଙ୍କରୁ ମୁଣ୍ଡ ପିଛା ୩୦ରୁ ୪୦ହଜାର ଟଙ୍କା ଋଣ ଉଠାଇଛନ୍ତି । ଏଭଳି ୬୬୦ ମହିଳା ଙ୍କ ନାମରେ ଲୋନ ଆକାଉଣ୍ଟ ଖୋଲି ଫାଇନାନ୍ସ କର୍ମଚାରୀ ଓ ସ୍ଥାନୀୟ ଏଜେଣ୍ଟ ମିଳିତ ଭାବେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ସମସ୍ତ , କାଗଜାତ ଟିପ ଚିହ୍ନ ଓ ସ୍ୱାକ୍ଷର କରାଇ ଠକିବାର ପ୍ଲାନ ପ୍ରସ୍ତୁତି କରିଥିଲେ । ଋଣୀଙ୍କ ଅଗୋଚରରେ ସ୍ଥାନୀୟ ଅଞ୍ଚଳର ଏଜେଣ୍ଟ, ଫାଇନାନ୍ସ ଶାଖା ପରିଚାଳକ ଓ ଫିଲଡ ଅଫିସର ପ୍ରାୟ ୩କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଠକି ଥିବାର ହୋଇଛି । ଲୋକେ ନିଜ ପତ୍ନୀ, ଭଉଣୀ ଙ୍କ ନାମରେ ହଜାର ହଜାର ଟଙ୍କାର ଋଣ ଥିବାର ଜାଣିବା ପରେ ତେଜିଛନ୍ତି ମହିଳା । ଏହାର ଆପୋଷ ସମାଧାନ ପାଇଁ ପାଞ୍ଚ ପଞ୍ଚାୟତ ର ଜନ ପ୍ରତିନିଧି ଓ ଫାଇନାନ୍ସ ର କର୍ମକର୍ତ୍ତା ମାନେ ରାମନଗର ପଞ୍ଚାୟତ କାର୍ଯ୍ୟାଳୟ ରେ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଆଲୋଚନା ଜାରି ରଖିଥିଲେ । କିନ୍ତୁ ଦୁଃଖର କଥା କୌଣସି ସମାଧାନର ସୂତ୍ର ନ ବାହାରିବାରୁ ମହିଳାମାନେ ପଂଚାୟତ କାର୍ଯ୍ୟାଳୟ ର ଫାଟକ ବନ୍ଦ କରି ହୋ ହାଲ୍ଲା କରି ବସି ରହିଥିଲେ । ଜମ୍ବୁ ସାମୁଦ୍ରିକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବା ପରେ ରାତ୍ରିରେ ପରିସ୍ଥିତ । ଶାନ୍ତ ପଡ଼ିଥିଲା ।

# ଘର ଭିତରକୁ ପଶିଗଲା ହାଇୱା:ଭାରୀଯାନ ଚଳାଚଳରେ କଟକଣା ହେଉ

ଡେରାବିଶ,(ସବ୍ୟୁ) :କଟକ-ଚାନ୍ଦବାଲି ରାଜରାଜସ୍ତାର ଚାନ୍ଦୋଳ ଠାରୁ ଦାନପୁର ଲୁଣା ସେତୁଯାଏ ପଡ଼ିଥିବା ରାସ୍ତାରେ ଭାରୀଯାନ ଚଳାଚଳ ନେଇ କଟକଣା ଲଗାଇବାକୁ ସାଧାରଣରେ ଦାବି ହେଉଛି । ଆଜି ଏହି ରାସ୍ତାର ଦୋହଳି ସ୍କୁଲ ପାଖରେ ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଘର ଆଡ଼କୁ ମାଡ଼ିଯାଇଥିଲା । ଫଳରେ ଘର ଛାତର ତାଜା ଟ୍ରକ କ୍ୟାବିନର ହେଲ୍ପର ପଟରେ ଭିତରକୁ ପଶିଯାଇଥିଲା । ସୌଭାଗ୍ୟକୁ ଗାଡ଼ିରେ ଥିବା ହେଲ୍ପରର କୌଣସି କ୍ଷୟକ୍ଷତି ହୋଇନଥିଲା । ତେବେ ଟ୍ରକ ଡ୍ରାଇଭର ଜଣକ ଲକ୍ଷ୍ମୀବସ୍‌କୁ ସାଇଡ୍ ଦେବାକୁ ଯାଇ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି । ହେଲେ ଏହି ରାସ୍ତା ଦିନ ରାତି ୨୪ ଘଂଟା ଧରି ଲୁଣାନଦୀର ବିଭିନ୍ନ ଘାଟରୁ ବାଲି ବୋଝେଇ କରି ଶହ ଶହ ହାଇୱା ଚଳପ୍ରଚଳ କରୁଛନ୍ତି । ଏହି ହାଇୱା ଗୁଡ଼ିକ ବେଆଇନ ଭାବେ ଅଧିକ ପରିମାଣରେ ବାଲି ଲୋଡ଼ କରି ଦ୍ରୁତ ଗତିରେ ପରିବହନ କରୁଛନ୍ତି । ଏଥିସହିତ ନଦୀରୁ ଜେସିବି ମାଧ୍ୟମରେ ବାଲି ଲୋଡ୍ କରାଯିବା ଫଳରେ ଟ୍ରକ ଡାଲାରେ ଥିବା ଓଦା ବାଲିରୁ ରାସ୍ତାରେ ପାଣି ମଧ୍ୟ ଝରୁଛି । ଯାହା ଫଳରେ ଅଧିକ ମାଲ ପରିବହନ, ଦ୍ରୁତ ଗତି ଓ ରାସ୍ତାରେ ପାଣି ଗଦା ହେବା ଫଳରେ ଏହି ରାସ୍ତାଟି ଏବେ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ଏଥିସହିତ ଏହି ରାସ୍ତା କଡ଼ରେ ଦାନପୁର ପ୍ରାଥମିକ ବିଦ୍ୟାଳୟ, ବିବି ମଡ଼େଲ ହାଇସ୍କୁଲ, କଳିଙ୍ଗ ଆବାସିକ ବିଦ୍ୟାଳୟ, ସରସ୍ୱତୀ ଶିଶୁମନ୍ଦିର, ବିଣାପାଣି ଶିଶୁବିଦ୍ୟାମନ୍ଦିର, ଖରିଦାସାହି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଏହି ବିଦ୍ୟାଳୟମାନଙ୍କୁ ଦୈନିକ ହଜାର ହଜାର ଛାତ୍ରଛାତ୍ରୀ ପାଠପଢ଼ିବା ପାଇଁ ଯାଇଥାନ୍ତି । ବହୁ ଅଭିଭାବକ ଏହି ଦ୍ରୁତଗାମୀ ହାଇୱାଗୁଡିକ ପାଇଁ ସେମାନଙ୍କ କୋମଳମତି ପିଲାମାନଙ୍କୁ ଏହି ରାସ୍ତା ପଠାଇବା ପାଇଁ ଭୟ କଲେଣି । ତେଣୁ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଆସିବା ଓ ବିଦ୍ୟାଳୟ ଛୁଟି ହେବା ସମୟରେ ଏହି ରାସ୍ତାରେ ହାଇୱା ଭଳି ଭାରୀଯାନ ଚଳଚଳ ବନ୍ଦ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।

## ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରଲୋକ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ମିର୍ଜାପୁର ଗ୍ରାମର ନୃସିଂହ ଚରଣ ମହାରଣା (୭୦ )ଙ୍କ ର ହୃଦଘାତରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁରେ ବଡଭାଇ ମହେନ୍ଦ୍ର ମହାରଣା, କାର୍ତ୍ତିକ ମହାରଣା, ସଂଗ୍ରାମ ମହାରଣା, ସୂର୍ଯ୍ୟକାନ୍ତ ମହାରଣା, ପ୍ରଦୀପ ମହାରଣା, ରୁଦ୍ର ମାଧବ, ଆଲୋକ, ସ୍ମୃତି ରେଖା, ମିଳନ ମହାରଣାଙ୍କ ସହ ଗ୍ରାମବାସୀ ଓ ବନ୍ଧୁ ପରିଜନ ଶୋକ ପ୍ରକଟ କରିଛନ୍ତି । ସ୍ୱର୍ଗତଃ ମହାରଣା ଜଣେ ପରୋପକାରୀ, ଧର୍ମ ପରାୟଣ ସେବକ ଥିଲେ ।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପ୍ରତିବାଦରେ ବିକ୍ଷୋଭ

ବରୀ, (ସବ୍ୟୁ ): ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ସହିତ ଦିନକୁ ଦିନ ନାରି ନିର୍ଯାତନା ବଢୁଥିବା ପ୍ରତିବାଦରେ ବରୀବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସରକାର ବଦଳିବା ପରେ ଅସୁରକ୍ଷିତ ମନେ କରୁଛନ୍ତି ନାରୀ । ଦିନକୁ ଦିନ ବଢି ଚାଲିଛି ନାରୀ ନିର୍ଯାତନା ସାଙ୍ଗକୁ ଗଣ ଦୁଷ୍କର୍ମ । ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାରେ ମା ବିରଜା ଙ୍କୁ ଦର୍ଶନ କରିବାକୁ ଆସିଥିବା ପର୍ଯ୍ୟଟକ ଙ୍କୁ ଅସଦାଚରଣ ଘଟଣା, ଏଭଳି ନିନ୍ଦନୀୟ ଘଟଣାକୁ ନେଇ ରାଜ୍ୟବ୍ୟାପୀ ବିଜୁ ଯୁବ ଓ ଛାତ୍ର ମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ବରୀବିଜୁ ଯୁବ ଓ ଛାତ୍ର ଜନତ ଦଳ ପକ୍ଷରୁ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## କେରାରଗଡ ଜଗନ୍ନାଥ ମନ୍ଦିର ଭକ୍ତ ଭଗବାନ ମଧ୍ୟରେ ଛିଡା ହୋଇଥିବା ପ୍ରାଚୀର ଉଠିବ କେବେ

ରାଜନଗର,(ସବ୍ୟୁ): ଉପକୂଳ ଅଞ୍ଚଳର ଆରାଧ୍ୟ ତଥା କେରଡ଼ା ଅଞ୍ଚଳ ର ମଉଡମଣୀ ସର୍ବ ପୁରାତନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପୁରାଣ ପ୍ରସିଦ୍ଧ ରଥଯାତ୍ରା ପାଇଁ କନିକା ରାଜ ପରିବାର ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ରଥଯାତ୍ରା ପାଇଁ ନନ୍ଦିଘୋଷ ରଥ ନିର୍ମାଣ କାର୍ଯ୍ୟ ରେ ବିଶ୍ୱକର୍ମା ମାନେ ଲାଗିପଡିଛନ୍ତି । ଆଉମାତ୍ର ଦିନକ ପରେ ଅଣସର ଘରେ ଥିବା ବଡ଼ ଠାକୁର ନବଯୌବନ ଦର୍ଶନ ଦେବେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ । ଭକ୍ତଙ୍କ ମଧ୍ୟରେ ଏ ନେଇ ଉତ୍କଣ୍ଠା ଦେଖା ଦେଇଛି । ସବୁଠୁ ସମ୍ବେଦନ ସିଳ ଘଟଣା ହେଲା ଦୀର୍ଘ ୧୯ ବର୍ଷ ହେଲା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବିରାଟ ପ୍ରାଚୀର ଛିଡ଼ା ହୋଇଛ । ସିଂହ ଦ୍ୱାର ଆଗଭଳି ସାଧାରଣ ଲୋକଙ୍କ ଦର୍ଶନ ପାଇଁ ଖୋଲା ଯାଉନାହିଁ । ଯାହା ବିଡ଼ମ୍ବନାର ବିଷୟ । ଏହି ଘଟଣା ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତକରୁଛି । ମନ୍ଦିର ଭିତରକୁ ଭକ୍ତ ମାନଙ୍କୁ ପ୍ରବେଶ ମନା । ଭୋଗ ବି ଦେଇପାରିବେ ନାହିଁ । କେବଳ ଗରୁଡସ୍ତମ୍ଭ ସମ୍ମୁଖରେ ଥିବା ଲୁହାଗ୍ରିଲ ନିକଟରୁ ଭକ୍ତଟିଏ ଭଗବାନଙ୍କୁ ମୁଣ୍ଡିଆ ଟିଏ ମାରିବା ଛଡ଼ା ଅନ୍ୟ ଉପାୟ କିଛି ନାହି । ୧୯ ବର୍ଷ ପୂର୍ବରୁ ଉକ୍ତ ମନ୍ଦିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ସକାଳୁ ସଞ୍ଜ ଯାଏଁ ଲାଗି ରହେ । ପ୍ରଚଳିତ ବାରମାସ ର ତେରପର୍ବରେ ଠାକୁରଙ୍କ କୃପାଲାଭପାଇଁ ଧାଇଁ ଆସନ୍ତି ଭକ୍ତ ମାନେ । ପ୍ରଶାସନିକ କଟକଣା ଯୋଗୁଁ ବଡ଼ଦାଣ୍ଡରେ ଛିଡ଼ା ହୋଇ ଭକ୍ତମାନେ କାଳିଆ ସାଆନ୍ତ ଙ୍କୁ ଦର୍ଶନ କରିଥାନ୍ତି । କେବଳ ରଥଯାତ୍ରା ଦିନ ଭକ୍ତ ମାନେ ଭାବ ବିହ୍ୱଳ ହୋଇ ଭକ୍ତିର ସହିତ ନିଜର ଆରାଧ୍ୟ ଙ୍କୁ ଦର୍ଶନ କରି ମନର କଥା ଜଣାଇ ଥାଆନ୍ତି ଓ କାଳିଆ ସାଆନ୍ତ ଦର୍ଶନ ରେ ହଜି ଯାଆନ୍ତି । ଆଜିର ଏକ ବିଂଶ ଶତାବ୍ଦି ର ଦ୍ୱିତୀୟ ଦଶକରେ ବି ଭକ୍ତ ଭଗବାନଙ୍କ ମଧ୍ୟରେ ଲୁହାର ଗ୍ରିଲ ବାଡହୋଇ ଛିଡ଼ା ହୋଇଛି । ଯାହାକୁ ତୁରନ୍ତ ଉଠାଇଦେଇ ମନ୍ଦିରକୁ ଭକ୍ତ ମାନଙ୍କୁ ପ୍ରବେଶର ଅନୁମତି ଦେବାକୁ ଅଞ୍ଚଳ ବାସି ଙ୍କ ପକ୍ଷରୁ ଦୃଢ଼ ଦାବୀ ହୋଇଛି । ସମସ୍ତ ଙ୍କ ସହଯୋଗ ରେ ପୂର୍ବ ଭଳି ଭକ୍ତମାନଙ୍କର ମନ୍ଦିର କୁ ପ୍ରବେଶ ଓ ଦିଅଁ ଦର୍ଶନ ଏଂ ଗହଳ ଚହଳ ଲାଗିରହିଲେ ଏକ ଉତ୍ତମ ପରମ୍ପରା ସୃଷ୍ଟି ସହିତ ଶାନ୍ତି ଫେରି ଆସିବ ବୋଲି ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି ।

# ଚାଷୀଙ୍କ ଧାନ କିଣୁ ନାହାନ୍ତି ମିଲର , ଜାତୀୟ ରାଜପଥରେ ଧାରଣାରେ ବସିଲେ ଚାଷୀ



ମଙ୍ଗଳପୁର,(ସ ବ୍ୟୁ) : ଅବ୍ୟବସ୍ଥାରେ ଚାଲିଛି ଧାନ ମଣ୍ଡି, ଟୋକେନ୍ ଆସିଛି ମାତ୍ର ଚାଷୀଙ୍କ ଧାନ କିଣୁ ନାହାନ୍ତି ମିଲର । ଯାଜପୁରି ଜିଲ୍ଲା ଦଶରଥପୁର ବ୍ଲକ ଅଞ୍ଚଳରେ ଦେଖାଦେଇଛି ଏଭଳି ସମସ୍ୟା । ଧାନ କିଣାକୁ ଆଉ ୫ ଦିନ ବାକି ରହିଥିବାବେଳେ ମଣ୍ଡିକୁ ଆସୁନାହାନ୍ତି ମିଲର । ଶତାଧିକ ଚାଷୀଙ୍କ ହଜାର ହଜାର କ୍ୟୁଣ୍ଟାଲ ଧାନ ବିକ୍ରି କରିବାକୁ ରାସ୍ତାରେ ପଡି ରହି ବର୍ଷାରେ ଭିଜୁଛି ଧାନ । ଏଣୁ ଯାଜପୁରଟାଉନ – କୟାଁଗୋଲା ୨୦ ନମ୍ବର ଜାତୀୟ ରାଜପଥ କମାରଡ଼ିହ ଠାରେ ରାସ୍ତା ଉପରେ ଧାନ ବସ୍ତା ରଖି ଶତାଧିକ ଚାଷୀ ବସିଥିଲେ । ଫଳରେ ଗମନା ଗମନ ସମ୍ପୂର୍ଣ ବନ୍ଦ ହୋଇଯାଥିଲା । ସୂଚନା ମୁତାବକ କମାରଡିହ ସମବାୟ ସମିତି ଅଧୀନରେ କମାରଡିହ, କୟାଁ, ଖାନନଗର, ଥାଳକୁଡି, ନିଜାମପୁର ଆଦି ପଞ୍ଚାୟତର ୧୫୦୦ ରୁ ଅଧିକ ଚାଷୀଙ୍କୁ ୫୨୦୦୦ ହଜାର କ୍ୟୁଣ୍ଟାଲ୍ ଧାନ ବିକ୍ରି ପାଇଁ ଟୋକେନ୍ ମିଳିଥିଲା । ଏହି ଧାନ କମାରଡିହ ସମବାୟ ସମିତି, ଶ୍ରୀ ଗଣେଶ ମହିଳା ଗୋଷ୍ଠୀ ଏବଂ ଧବଳେଶ୍ୱର ମହିଳା ଗୋଷ୍ଠୀଙ୍କୁ କିଣିବାକୁ ଦାୟିତ୍ୱ ମିଳିଥିଲା । ଏହି କିଣା ହୋଇଥିବା ଧାନକୁ ଇଷ୍ଟର୍ନ, ଆଶ୍ରିବାଦ, କୃପାଳୁ, ମହାବଳୀ, ଗୋଲଖ, ଚଣ୍ଡୀ, ସନ୍ତୁକା ଆଦି ମିଲରଙ୍କୁ ଦାୟିତ୍ୱ ମିଳିଥିବାବେଳେ ମାତ୍ର ମିଲର ଆସୁନଥିବାରୁ ଧାନ କିଣା ହୋଇପାରୁନାହିଁ । ୫୨ ହଜାର କ୍ୟୁଣ୍ଟାଲ ଧାନରୁ ଗତ ୨ ତାରିଖରୁ ୨୫ ତାରିଖ ମଧ୍ୟରେ ପ୍ରାୟ ୨୦ ହଜାର କ୍ୟୁଣ୍ଟାଲ ଧାନ କିଣା ଯାଇଥିବାବେଳେ ଆଉ ମାତ୍ର ୫ ଦିନ ମଧ୍ୟରେ ୩୨ ହଜାର କ୍ୟୁଣ୍ଟାଲ ଧାନ କିଣା ହୋଇପାରିନାହିଁ । ଏଣୁ ଏଥିନେଇ ଚାଷୀମାନେ ବାରମ୍ବାର ଏଆରସିଏସ୍, ସିଏସଓ, ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ କେହି ଶୁଣୁନଥିବା ଅଭିଯୋଗ ହୋଇଛି । ଏଣୁ ଆସନ୍ତା ୫ ଦିନ ମଧ୍ୟରେ ସମସ୍ତ ଧାନ କିଣାଯାଉ ନଚେତ ଆଉ ୧୫ ଦିନ ସମୟ ବଢ଼ାଯାଉ ବୋଲି ଚାଷୀ ନେତା ଭାଗିରଥି ସାହୁ,ଚୌଧୁରୀ ଯେନା, ମଳୟ ପଣ୍ଡା, ମାମିନା ମଲିକ,ସଜନୀ ଜେନା, ହରେକୃଷ୍ଣ ଜେନା,ଶଶୀଭୁଷଣ ବିଶ୍ୱାଳଙ୍କ ସମେତ ଶତାଧିକ ଚାଷୀ ଦାବୀ କରିଛନ୍ତି । ଖବର ପାଇ ସିଏସଓ ଦିଲ୍ଲୀପ କୁମାର ପାଣି, ଅତିରିକ୍ତ ସିଏସଓ କ୍ଷିରାୟ ଟୁଡୁ, ଦଶରଥପୁର ଯୋଗାଣ ଅଧିକାରୀ ତପସ୍ୱିନୀ ପ୍ରଧାନ, ତହସିଲଦାର ଶୁଭ୍ରାଂଶୁ ସାହୁ, ଅତିରିକ୍ତ ତହସିଲଦାର ରଶ୍ମିରଂଜନ ମଲିକ, ମଙ୍ଗଳପୁର ଆଇଆଇସି ଜଗଦିଶ୍ କର, ଏସଆଇ ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ ପହଂଚି ନିର୍ଦ୍ଧାରିତ ସମୟରେ ଅଧିକ ଗାଡି ପଠାଯାଇ ଚାଷୀଙ୍କ ସମସ୍ତ ଧାନ କିଣାଯିବ ବୋଲି ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲା ବନ୍ଦ ଡାକରା

କେନ୍ଦ୍ରାପଡା,(ସ୍ୱପ୍ର): ଦିନପରେ ଦିନ, ମାସପରେ ମାସ,ବର୍ଷ ପରେ ବର୍ଷ ଗଡି ଗଡି ଚାଲିଛି । ପ୍ରତିଶୃତିର ଅଭାବ ନାହିଁ । ଦୀର୍ଘ ବର୍ଷ ହେବ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଚାଲିଛି । ଡବଲ ଇଞ୍ଜିନ ସରକାରର ମନ୍ତ୍ରୀମାନେ କହୁଛନ୍ତି ଜିଲ୍ଲାରେ ମେଡିକାଲ କଲେଜ ନିଶ୍ଚୟ ହେବ । ରାଜ୍ୟରେ ନଅଟି ମେଡିକାଲ କଲେଜ ହେବ । ସେଥିରେ କେନ୍ଦ୍ରାପଡାର ନାଁ ନାହିଁ । ଡବଲ ଇଞ୍ଜିନ ସରକାର କେନ୍ଦ୍ରାପଡା ଜିଲ୍ଲା ବାସୀଙ୍କୁ ଭଣ୍ଡାଉଛନ୍ତି । ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କେନ୍ଦ୍ରାପଡା ଜିଲ୍ଲା ମେଡିକାଲ କଲେଜ ଓ ହାସପାତାଳ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ମତପ୍ରକାଶ ପାଇଛି । ବୁଧବାର ଦିନ ସ୍ଥାନୀୟ ରିଡିଙ୍ଗ ରୁମରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରତି ସରକାରଙ୍କ ଏପରି ବୈମାତୃକ ମନୋଭାବ ବିରୁଦ୍ଧରେ ଓ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଦଳ ମତ ସମସ୍ତଙ୍କୁ ନେଇ ଆସନ୍ତା ଜୁଲାଇ ୨୩ତାରିଖରେ ୧୨ଘଣ୍ଟିଆ କେନ୍ଦ୍ରାପଡା ଜିଲ୍ଲା ବନ୍ଦ ପାଇଁ ଘୋଷଣା କରାଯାଇଛି । ଏହାକୁ ସଫଳ କରିବା ପାଇଁ ସମସ୍ତ ବ୍ଲକରେ ପ୍ରସ୍ତୁତି ବୈଠକ କରିବା ସହିତ ଆସନ୍ତା ଜୁଲାଇ ୧୧ ତାରିଖ ଦିନ କେନ୍ଦ୍ରାପଡା ସହରରେ ଏକ ଗଣ କନଭେନସନ ଅନୁଷ୍ଠିତ ହେବ । ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମଣିରଞ୍ଜନ ରାଉତରାୟ, ଆବାହକ ମଣ୍ଡଳୀ ସଦସ୍ୟ ଗୟାଧର ଧଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଭାଗିରଥି ଜେନା, ଅନ୍ୟାନ୍ୟ କର୍ମକର୍ତ୍ତା ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ,ଗୋଲକ ଚନ୍ଦ୍ର ମହାଭୋଇ,କୁଞ୍ଜବିହାରି ଦାସ,ଡ଼ଃ ଚୈତନ୍ୟ ଚରଣ ପରିଡା,ଧୀରେନ୍ଦ୍ର କୁମାର ବେହେରା,ପ୍ରମୋଦ କୁମାର ରାଉତ,ଶେଖ ହିପସାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ସର୍ବାନ୍ତକରଣ ବନ୍ଦକୁ ସଫଳ କରିବା ପାଇଁ ବୈଠକରେ ନିବେଦନ କରାଯାଇଛି ।

# ହତ୍ୟା ଉଦ୍ଦେଶ୍ୟରେ ଆସିଥିବା ଯୁବକ ଅଟକ



ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ମାଣପୁର ପଞ୍ଚାୟତ ଗଡ଼ମା ବଜାର ନିକଟରେ ଥିବା ଶିଉଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଘର ଭିତରେ ପଶି ଜୀବନରୁ ମାରିଦେବାକୁ ଆସିଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ଜଣକୁ ଗ୍ରାମବାସୀ ମାନେ ଧରି ପୋଲିସ ଜିମା ଦେଇଥିବା ବେଳେ ଅନ୍ୟ ଦୁଇ ଜଣ ଖସି ପଳାଇଥିବା ଜଣାଯାଇଛି । ଏ ସଂକ୍ରାନ୍ତରେ କିଶୋରନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇ ଯୋରଦାର ଖୋଳତାଡ଼ ଚାଲିଛି । ଶିଉଳି ଗ୍ରାମର ରଜତ କୁମାର ପ୍ରଧାନଙ୍କ ଭାଣିଜୀ ଶ୍ରିୟା ସ୍ୱାତୀ ବିଶ୍ୱାଳ, ଜଗତସିଂହପୁର ଜିଲ୍ଲା ଏରସମା ଥାନା କନାଗୋଳି ଗ୍ରାମରେ ଅବିନାସ ଦାସଙ୍କୁ ବିବାହ କରିଥିଲେ । ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଘଟିବାରୁ ଶ୍ରିୟା ମାମୁଁ ଘରେ ରହି ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କୋର୍ଟରେ କେସ କରିଛନ୍ତି । ଏଭଳି ସ୍ଥିତିରେ ଅବିନାଶ କ୍ରୋଧାନ୍ୱିତ ହୋଇ ଶ୍ରୀୟା ଏବଂ ତାଙ୍କ ମାମୁଁଙ୍କୁ ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଉଦ୍ୟମ କରି ଅସଫଳ ହୋଇଥିଲେ । ସୋମବାର ରାତିରେ ୩ଜଣ ଯୁବକ ପୁର୍ନବାର ହତ୍ୟା କରିବା ଉଦ୍ଦେଶ୍ୟରେ ଆସି ଶ୍ରୀୟାଙ୍କ ମାମୁଁ ଘରେ ପଶିଥିଲେ । ରଜତ ଘରେ ନଥିବାରୁ ତାଙ୍କର ବୃଦ୍ଧା ମାଆ ରଂଯୁକ୍ତା ପ୍ରଧାନ ଙ୍କୁ ଆକ୍ରମଣ କରିବାରୁ ସେ ଯୋରରେ ପାଟି କରିଥିଲେ । ଚିତ୍କାର ଶୁଣି ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚିବାରୁ ଦୁଇ ଜଣ ଯୁବକ କୌଶଳରେ ଖସି ଯାଇଥିବା ବେଳେ ଅନ୍ୟ ଜଣେ ଯୁବକକୁ ଗ୍ରାମବାସୀ ମାନେ ଧରି ପୋଲିସ ଜିମା ଦେଇଛନ୍ତି । ଏ ସଂକ୍ରାନ୍ତରେ କିଶୋରନଗର ଥାନାରେ ଲିଖିତ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି ।

## ମେଧାବୀ ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ( ସ ବ୍ୟୁ): ଧର୍ମଶାଳା ବ୍ଲକ କଂଟିଗାଡିଆ ପଂଚାୟତ ଅନ୍ତର୍ଗତ ପିପିଳିଡିହ ଗ୍ରାମର ମେଧାବି ଛାତ୍ରୀ ସୁଶ୍ରୀ ସ୍ମିତ ପ୍ରଜ୍ଞାନ ମହାପାତ୍ର ଙ୍କୁ ସାମାଜିକ ସଂଗଠନ ଛୋଟ ମୋର ଗାଁ ଟି ପକ୍ଷ ରୁ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ ସର୍ବ ଭାରତୀୟ ନିଟ ପରୀକ୍ଷା ରେ କୃତିତ୍ୱ ର ସହ ଉର୍ତିନ ହୋଇ ମେଡିକାଲ ପଢିବା ପାଇଁ ସୁଶ୍ରୀ ମହାପାତ୍ର ମନୋନୀତ ହୋଇଛନ୍ତି । ଯାହାଫଳ ରେ ଛୋଟ ମୋର ଗାଁ ଟି ସଂଗଠନ ପକ୍ଷ ରୁ ସଭାପତି ଦେବବ୍ରତ ରାଉତ ଓ ସଂଯୋଜକ ଦିପ୍ତିମୟ ନାୟକ ପିପଳିଡିହ ସ୍ଥିତ ତାଙ୍କ ବାସ ଭବନ ରେ ପହଁଚି ତାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି । ଏହି ଅବସରରେ ପରିବାର ପକ୍ଷରୁ ମା ଶିକ୍ଷୟତ୍ରୀ ପ୍ରଭାତୀ ନଳିନୀ ଖଣ୍ଡାଇ, ପିତା ସମାଜସେବୀ ହିମାଂଶୁ ଭୂଷଣ ଖଣ୍ଡାଇ, ଜେଜ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ପ୍ରଧାନ ଓ ହେମଲତା ପ୍ରଧାନ ଉପସ୍ଥିତ ଥିଲେ । ଛୋଟ ମୋର ଗାଁଟିର ଏଭଳି ନିଆରା କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଛନ୍ତି ସ ।

# ରାଜକନିକା ବ୍ଲକ କଳା ସଂସ୍କୃତି ସଂଘ ସାଧାରଣ ବୈଠକ

ରାଜକନିକା ,(ସବ୍ୟୁ) : ରାଜକନିକା ବ୍ଲକ କଳା ସଂସ୍କୃତି ସଂଘର ଚତୁର୍ବିଂଶ ସାଧାରଣ ବୈଠକ ନହୁଣୀ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ସଂଘର ଉପସଭାପତି ରବୀନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଶୋକ କୁମାର ଗିରି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ସଂଘର ବରିଷ୍ଠ କଳାକାର ନାଟ୍ୟ ନିର୍ଦ୍ଦେଶକ ଗୟାଧର ନାଥ ଅସହଯୋଗ କରୁଥିବା କଳାକାର ମାନଙ୍କ ସହିତ ଆଲୋଚନା କରିବା ପାଇଁ ସଂଘର ଉପଦେଷ୍ଟା ଶ୍ରୀନିବାସ ପ୍ରଧାନଙ୍କୁ ଦାୟିତ୍ୱ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଅବସର ପ୍ରାପ୍ତ ସୈନିକ ଅକ୍ଷୟ ନାଥ ତାଙ୍କ ବକ୍ତବ୍ୟରେ ଚାରି ବର୍ଷ ଧରି ଲୋକକଳାକୁ ରାଜକନିକା ବ୍ଲକ ରେ ପୁନର୍ଜୀବିତ କରି ରଖିଥିବାରୁ , କଳାକାର ସଂଘକୁ 1 ପ୍ରଶଂସା କରିଥିଲେ । ଶ୍ରୀନିବାସ ପ୍ରଧାନ ସଂଘର ନୂତନ କର୍ମକର୍ତ୍ତା ମାନଙ୍କୁ ସ୍ୱାଗତ କରିବା ସହ ସମାଜରୁ ଲୋକକଳା ଲୋପ ପାଇ ଯାଉଥିବା ବେଳେ, ସଂଘ ଲୋକକଳା କୁ ବଞ୍ଚାଇ ରଖିଥିବାରୁ ଧନ୍ୟବାଦ୍ ଦେଇ ସରକାରଙ୍କ ନିକଟରେ କଳାକାର ବନ୍ଧୁ ମାନଙ୍କ ନ୍ୟାର୍ଯ୍ୟ ଦାବୀ ଉପସ୍ଥାପନ , ଭତ୍ତାରୁ ବଞ୍ଚିତ ଥିବା କଳାକାରମାନେ କିପରି ଅଧିକ ସଂଖ୍ୟାରେ ଭତ୍ତା ପାଇବେ ତାହା ସଂଘର ପ୍ରମୁଖ କାର୍ଯ୍ୟକ୍ରମ ରଖିବାକୁ ପ୍ରସ୍ତାବ ଦେବା ସହିତ ସାମାଜିକ କାର୍ଯ୍ୟ ତଥା ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ, ଜଳଛତ୍ର , ରୋଗୀ ସେବା, ବୃକ୍ଷ ରୋପଣ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ କୁ ପ୍ରଶଂସା କରିଥିଲେ । କୋଷାଧକ୍ଷ ସଦାନନ୍ଦ ଶତପଥୀ ନୂତନ କମିଟି ଠିକଣା ଢଙ୍ଗରେ କାର୍ଯ୍ୟ କରିବେ ବୋଲି ପ୍ରସ୍ତାବ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୁରୁ ଅଲେଖ ପରିଡ଼ା , ହରିହର ମହାକୁଳ , ନିରଞ୍ଜନ ପଣ୍ଡା , ଭାଗବତ ବେହେରା , ସୁରେନ୍ଦ୍ର ମହାନ୍ତି , ସାହିତ୍ୟିକ , ସଙ୍ଗୀତଜ୍ଞ ଓ ନାଟ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ ।

## ନର୍ସିଂ କଲେଜ ମାଲିକକୁ ମାଡ଼ମରା ଘଟଣାରେ ଜଣେ ଗିରଫ

ସାଲେପୁର,(ସବ୍ୟୁ) :କଟକ ଜିଲ୍ଲା ସାଲେପୁର ଠାରେ ଥିବା ଜଗନ୍ନାଥ ନର୍ସିଂ କଲେଜରେ ଦୁଇ ପାର୍ଟନର ମଧ୍ୟରେ ବିବାଦ । ପାର୍ଟନର ଉଷାରାଣୀ ପଣ୍ଡାଙ୍କୁ ମରଣାତ୍ମକ ଆକ୍ରମଣ ନେଇ ଥାନାରେ ଅଭିଯୋଗ । ଅଭିଯୋଗ ମୁତାବକ ପାର୍ଟନର ପଦ୍ମଜା ପ୍ରିୟଦର୍ଶୀନି ମିଶ୍ର ଓ କଲେଜର ମାର୍କେଟିଂ କର୍ମଚାରୀ ଧୀରେନ୍ଦ୍ର କୁମାର ସାହୁ , ରୋଷେୟା ମିନୁ ମିଶି ମରଣାତ୍ମକ ଆକ୍ରମଣ କରିଥିଲେ । ଆକ୍ରମଣରେ ଗୁରୁତର ହୋଇ ସାଲେପୁର ମେଡିକାଲରେ ଚିକିତ୍ସିତ ହେବା ସହ ସାଲେପୁର ଥାନାରେ ଉଷାରାଣୀ ପଣ୍ଡା ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମୁତାବକ କଲେଜର ଲାଭକ୍ଷତି ହିସାବକୁ ନେଇ ଉଷାରାଣୀ ଓ ପଦ୍ମଜା ପ୍ରିୟଦର୍ଶୀନି ମଧ୍ୟରେ ବିବାଦ ହୋଇଥିଲା । ପଦ୍ମଜା ପ୍ରିୟଦର୍ଶୀନି ହିସାବ ନ ଦେଇ ଜୀବନରୁ ମାରିଦେବାକୁ ଫୋନରେ ଧମକ ଦେଇଥିବାର ଅଭିଯୋଗ କରିଛନ୍ତି ଉଷାରାଣୀ । ଉଷାରାଣୀ ହିସାବ ମାଗିବାରୁ ଏଥିରେ ଉତକ୍ଷିପ୍ତ ହୋଇ ପଦ୍ମଜା ପ୍ରିୟଦର୍ଶୀନି ଓ ଦୁଇ କର୍ମଚାରୀ ମରଣାତ୍ମକ ଆକ୍ରମଣ କରିଥିଲେ । ଉସାରାଣୀକୁ ମାଡ଼ ମାରିବା ଘଟଣା ସିସିଟିଭିରେ ସମ୍ପୂର୍ଣ୍ଣଭାବେ ଉତ୍ତୋଳନ ହୋଇଥିଲା । ଉଷାରାଣୀଙ୍କ ଅଭିଯୋଗ ପରେ ନର୍ସିଂ କଲେଜରେ ସାଲେପୁର ପୋଲିସ ପହଁଚି ସିସିଟିଭି ଫୁଟେଜକୁ ଜବତ କରିବା ସହ ତଦନ୍ତ କରି ଧୀରେନ୍ଦ୍ର ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି ।

# ସିଡିପିଓ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା



ନାଉଗାଁ ,(ସବ୍ୟୁ) : ନାଉଗାଁ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅଙ୍ଗନୱାଡି ସଂଘ କର୍ମୀ ମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛ । ସୂଚନା ଅନୁସାରେ ଗତକାଲି ୨୪ତାରିଖରେ ନାଉଗାଁ ବ୍ଲକ ଅଧିନ ଘୋଡାଂଶ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ମାନଙ୍କୁ ନେଇ ଏକ ସେକ୍ଟର ବୈଠକ ଅନୁଷ୍ଠିତ ହେଇଥିଲା । ବୈଠକରେ ହରସିପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ରାଜଲକ୍ଷ୍ମୀ ରାଉଳଙ୍କୁ ଏକ ପ୍ରସଙ୍ଗକୁ ନେଇ ମହିଳା ସୁପରଭାଇଜର ଅସଭ୍ୟ ଭାଷାରେ ଗାଳି କରିଥିଲେ । ଯାହାକୁନେଇ ରାଜଲକ୍ଷ୍ମୀ ଅଲ ଓଡିଶା ଅଙ୍ଗନୱାଡି ମହିଳା ଆସୋସିଏସନର ନାଉଗାଁ ଶଖାରେ ଅଭିଯୋଗ କରିବା ପରେ ଆଜି ସଂଘର କର୍ମକର୍ତା ମାନଙ୍କ ସହିତ ଅନ୍ୟ ଅଙ୍ଗନୱାଡି କର୍ମୀ ମାନେ ନାଉଗାଁ ମହିଳା ଓ ଶିଶୁବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂପୃକ୍ତ ସୁପରଭାଇଜରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଧାରଣାରେ ବସିଥିଲେ । ତେବେ ଘଟଣା ସ୍ଥଳରେ ନାଉଗାଁ ପୁଲିସ ଓ ନାଉଗାଁ ମହିଳା ଓ ଶିଶୁ ବିକାଶ ଅଧିକାରୀ କର୍ମୀମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମୁଦ୍ର କୂଳରୁ ମହିଳା ଉଦ୍ଧାର ମୁଣ୍ଡରେ ନଅଟି ଷ୍ଟିଚ, ସାଙ୍ଗରେ ଥିବା ଯୁବକମାନେ କିଏ ?

ପାରାଦୀପ,(ଜିପ୍ର): ରାତି ପ୍ରାୟ ୧ଟା ତିରିଶ ମିନିଟ । ପାଞ୍ଚଜଣ ଯୁବକ ଓ ଜଣେ ମହିଳା ବର୍ଷା ରାତି ସାଙ୍ଗକୁ ଶୂନଶାନ ରାସ୍ତା । ମହିଳା ଜଣଙ୍କ ମୁଣ୍ଡରୁ ବହି ଚାଲିଛି ଧାରଧାର ରକ୍ତ । ହାତ ମଧ୍ୟ କେତେଟା ଜାଗାରେ କଟା ଯାଇଛି ଚେତାଶୂନ୍ୟ ମହିଳାଙ୍କୁ ଘେରି ରହିଥାନ୍ତି ଯୁବକମାନେ । କୌଣସି ବିଶେଷ ସୂତ୍ରରୁ ପାରାଦୀପ ଜଟାଧାରୀ ଥାନା ପୋଲିସ ଖବର ପାଇ ପହଂଚିଗଲା ପାରାଦୀପ ସର୍କିଟ ହାଉସ ପାଖ କେଫେ ପାଖରେ । ପୋଲିସକୁ ଦେଖି ତିନିଜଣ ଯୁବକ ଦୌଡ଼ି ପଳାଇଥିବା ବେଳେ ପ୍ରାଥମିକତା ଦୃଷ୍ଟିରୁ ପ୍ରଥମେ ପୋଲିସ ଚେତାଶୂନ୍ୟ ମହିଳାଙ୍କୁ ପାରାଦୀପ ପୋର୍ଟ ମେଡ଼ିକାଲରେ ଭର୍ତିକଲା । ରାତି ପ୍ରାୟ ଦୁଇଟା ୨୫ ବେଳକୁ ମହିଳାଙ୍କ ଚେତା ଆସିଲା । ତାଙ୍କ ମୁଣ୍ଡ ଫାଟିଥିବାରୁ ତାଙ୍କ ମୁଣ୍ଡରେ ୯ଟି ଷ୍ଟିଚ ମଧ୍ୟ ପକାଇଛନ୍ତି ଚିକିତ୍ସା କରୁଥିବା ଡାକ୍ତର । ପୋଲିସ ଉଭୟ ଦୁଇଜଣ ଯୁବକ ଓ ସମ୍ପୃକ୍ତ ମହିଳାଙ୍କୁ ନେଇ ଆଦର୍ଶ ଥାନାରେ ରଖିଥିବାବେଳେ ମହିଳଙ୍କ ପରିବାର ଲୋକ ଆସିବାରୁ ତାଙ୍କୁ ପୋଲିସ ଜିମା ଦେଇ ଛାଡିଥିବା କୁହାଯାଉଛି । ସବୁଠାରୁ ବଡ ପ୍ରଶ୍ନ ଉଠୁଛି ରାତି ଅଧାରେ ସମ୍ପୃକ୍ତ ମହିଳା ପାଞ୍ଚଜଣ ପୁରୁଷ ମାନଙ୍କ ସହ କରୁଥିଲେ କଣ , ତାଙ୍କ ମୁଣ୍ଡ ଫଟାଇଲା କିଏ ଓ ସେ ଚେତାଶୂନ୍ୟ ହେଲେ କିପରି । ଗତ ୨୪ ତାରିଖ ଦିନ କେନ୍ଦ୍ରାପଡ଼ାର ମିତେନ୍ଦ୍ର ସ୍ୱାଇଁ( ଛଦ୍ମନାମ ) ନାମକ ଜନୈକ ଯୁବକ ପାରାଦୀପ ସନ୍ତୋଷୀ ପ୍ଲାଜାରେ ଆସି ସକାଳ ୯.୩୦ ରେ ପହଂଚି ୧୦୩ ନମ୍ବର ରୁମକୁ ନିଜ ନାମରେ ଗୋଟିଏ ଦିନପାଇଁ ବୁକ କରିଥିବାବେଳେ ମୋ ସ୍ତ୍ରୀ ଅଡିଟର ଅଛନ୍ତି ଓ ସେ ବିଳମ୍ବରେ ଆସି କାମ ସାରି ପହଂଚିବେ ବୋଲି କହିଥିଲେ । ମିତେନ୍ଦସ୍ୱାଇଁ( ଛଦ୍ମନାମ ) ଏକୁଟିଆ ସକାଳ ଠାରୁ ହୋଟେଲରେ ରହିଥିବା ବେଳେ ଜୈନିକ ମହିଳା ଆସି ସନ୍ଧ୍ୟା ୬ ପରେ ପହଂଚି ହୋଟେଲରେ ନିଜର ଆଧାରକାର୍ଡ଼ ଦେଇ ମିତେନ୍ଦ୍ର ସ୍ୱାଇଁ( ଛଦ୍ମନାମ ) ରହିଥିବା ୧୦୩ ନମ୍ବର ରୁମରେ ରହିଥିଲେ । ମାତ୍ର ଦୁଇଘଣ୍ଟା ପରେ ମିତେନ୍ଦ୍ର ସ୍ୱାଇଁ ( ଛଦ୍ମନାମ ) ଓ ସମ୍ପୃକ୍ତ ମହିଳା ହୋଟେଲ ରୁମରୁ ବାହାରି ଜନୈକ ସମ୍ପର୍କୀୟଙ୍କ ଘରୁ ଆସୁଛୁ , ଟିକେ ବିଳମ୍ବ ହେବ ଗେଟ ଖୋଲିବା ପାଇଁ ହୋଟେଲ କର୍ମଚାରୀଙ୍କୁ କହି ଯାଇଥିବା ଓ ଆଉ ରାତିସାରା ଫେରିନଥିବା ହୋଟେଲ କର୍ମଚାରୀ ପ୍ରକାଶ କରିଛନ୍ତି । ଯାହା ଏବେ ବଡ ଚର୍ଚ୍ଚାର ବିଷୟ ପାଲଟିଛି । ସମ୍ପୃକ୍ତ ମହିଳା ପୋଲିସକୁ ମୋ ସମ୍ପର୍କୀୟଙ୍କ ସହ ମୋ ସ୍ୱାମୀକୁ ଖୋଜିବାକୁ ଆସିଥିବା କହୁଥିବା ବେଳେ ହୋଟେଲରେ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ରହିବା ଓ ମୁଣ୍ଡ ଫାଟିଲାପରେ ମୁଁ ଟିକେ ଡ୍ରିଂକ୍ସ କରିଥିବା ସ୍ୱୀକାର କରିବା କହିଛନ୍ତି ମହିଳା ଜଣଙ୍କ ।ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଆସି ସମୁଦ୍ରକୂଳରେ ଅନ୍ୟ ଯୁବକମାନେ ମିଶି ମଦ୍ୟପାନ କରିବାପରେ ମହିଳାଙ୍କ ସହ କିଛି ଅଘଟଣ ଘଟିଥିବା ଓ ସେ ବିରୋଧ କରିବାରୁ ତାଙ୍କୁ ମାଡ଼ ମରାଯାଇ ତାଙ୍କ ମୁଣ୍ଡ ଫଟାଯିବା ପରେ ସେ ଚେତାଶୂନ୍ୟ ହୋଇ ଚିକିତ୍ସାପରେ ନିଜ ଭୁଲ ଧରାପଡିଯିବା ଭୟରେ ଥାନାରେ ଲିଖିତ ଅଭିଯୋଗ ନକରି ଚାଲିଯାଇଥିବା ମଧ୍ୟ ଆଲୋଚନା ହେଉଛି । ଆଜି ସକାଳ ଦଶଟା ବେଳେ ମିତେନ୍ଦ୍ର ସ୍ୱାଇଁ ( ଛଦ୍ମନାମ ) ହୋଟେଲ୍କୁ ଯାଇ ହୋଟେଲ ଚାବିକୁ ଭଙ୍ଗା ଅବସ୍ଥାରେ ଦେଇ ରୁମ ଛାଡିଥିବା ଜଣାପଡିଛି । ଏହାଏକ ସମ୍ବେଦନଶୀଳ ଘଟଣା ହୋଇଥିବାବେଳେ ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ କରିବା ଜରୁରୀ ହୋଇ ପଡିଛି ।

# ବାପାଙ୍କ କରଜ ସୁଝିବାକୁ କାମ କରୁଥିବା ଶିଶୁ ଶ୍ରମିକ ଉଦ୍ଧାର

ସାକ୍ଷୀଗୋପାଳ (ସବ୍ୟୁ) : ମଙ୍ଗଳବାର ବିଳମ୍ବିତ ରାତିରେ ସତ୍ୟବାଦୀ ଅଞ୍ଚଳରୁ ଜଣେ ୧୦ ବର୍ଷର ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଛି । ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ , ଶ୍ରମ ବିଭାଗ, ଚାଇଲ୍ଡ ଲାଇନ ଓ ରୁଚିକା ସମାଜ ମଙ୍ଗଳ ସଂଗଠର ଅଧିକାରୀଙ୍କ ଦ୍ୱାରା ଶିଶୁକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧିକାରୀ ଙ୍କ ନିର୍ଦ୍ଦେଶକ୍ରମେ ଏକ ସେଲଟର ହୋମରେ ରଖାଯାଇଛି।୧୦ ବର୍ଷର ଏହି ଶିଶୁ ନିଜ ବାପାଙ୍କ କରଜ ଟଙ୍କା ଶୁଝିବା ପାଇଁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଷୋଳହଳ କଳିଆ ପଡ଼ା ଗ୍ରାମର ସିରିଆ ମେଣ୍ଟ ଓ ନିଲୁ ପାତ୍ରଙ୍କ ପାଖରେ ଗାଇ ଓ ମଇଁଷି ଜଗୁଆଳି ଭାବେ କାମ କରୁଥିଲା ।ଦୀର୍ଘ ଦିନ କାମ କରି ନିଜ ସ୍ୱାସ୍ଥ୍ୟ ପ୍ରତି ମଧ ଯତ୍ନ ନେଇପାରିନଥିଲା । ତେଣୁ ବିଭିନ୍ନ ସଂକ୍ରମଣ ରୋଗରେ ପୀଡିତ ହୋଇ ଦେହ ସାରା କ୍ଷତ ସୃଷ୍ଟି ହୋଇ ଅନେକ ଯନ୍ତ୍ରଣା ପାଉଥିବାର ଦେଖାଇଥିଲେ । ଏ ନେଇ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ ହୋଇଥିବା ବେଳେ ଏହାକୁ ଗୁରୁତର ଭାବେ ସତ୍ୟବାଦୀ ପୋଲିସ ନେଇ ତଦନ୍ତ ଜାରିରଖିଛି।

# ଦୁର୍ଘଟଣାରେ ଯୁବକ ମୃତ

ପିପିଲି, (ସବ୍ୟୁ): ଏକ ଦୁର୍ଘଟଣାରେ ପିପିଲି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଡଗରା ସାହି ଗ୍ରାମର ରାହୁଲ ପ୍ରଧାନ (୨୦)ନାମକ ଯୁବକଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଗୁରୁତର ରାହୁଲକୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ବାପା କାଳନ୍ଦୀ ପ୍ରଧାନ ଏ ସମ୍ପର୍କରେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ପିପିଲି ପୋଲିସ ମୃତ ଶରୀରକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏସଂକ୍ରାନ୍ତରେ ପିପିଲି ଥାନାରେ କେସ ନମ୍ବର ୩୭୯୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଠାରୁ ସୁଚନା ମିଳିଛି।

# ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବେମାରିଆ, ସରକାର ବେପରୁଆ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟରେ ବ୍ୟାପିଥିବା ହଇଜା ଅନୁଧ୍ୟାନ ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଥିଲେ। ବୁଧବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ତଥ୍ୟ ଅନୁସନ୍ଧାନ କମିଟିର ଅଧକ୍ଷ ତଥା କଂଗ୍ରେସ ବିଧାୟକ ଡାକ୍ତର ସି ଏସ୍ ରାଜେନ୍ ଏକ୍କା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସେ କହିଛନ୍ତି ଯେ ରାଜ୍ୟର ୧୧ରୁ ଉର୍ଦ୍ଧ ଜିଲ୍ଲାରେ ହଇଜା ମହାମାରୀ ବ୍ୟାପିଛି । ରାଜ୍ୟ ସରକାର ଯେଉଁ ତଥ୍ୟ ଦେଉଛନ୍ତି ତା ଠାରୁ ରେ ଅଧିକ ସଂଖ୍ୟାର ରୋଗୀ ଏହି ମହାମାରୀରେ ଆକ୍ରାନ୍ତ ହୋଇଛନ୍ତି। ପାଖାପାଖି ୧୨ ହାଜରରୁ ଅଧିକ ରୋଗୀ ଆକ୍ରାନ୍ତ ହୋଇଛନ୍ତି । ପିଇବା ପାଣି କାରଣରୁ ଏହି ମହାମାରୀ ବ୍ୟାପିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକମାନେ ପୋଖରୀରୁ ପାଣି ପିଉଛନ୍ତି, ସରକାର ଜନତାଙ୍କୁ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛନ୍ତି । ଏହାଶହ ବହୁ ହସ୍ପିଟାଲ ପାରାମେଡିକାଲ ଷ୍ଟାଫ ନାହାନ୍ତି, ସରକାର ହସ୍ପିଟାଲରେ କର୍ମଚାରୀ ନିଯୁକ୍ତ କରିବାରେ ମଧ ବିଫଳ। ମହାମାରୀ ହଇଜା କାରଣରୁ ୨୦ କି ୩୦ ନୁହେଁ, ତାଠାରୁ ଅଧିକ ରୋଗୀ ମୃତ୍ୟୁବରଣ କରିଛନ୍ତି । ସରକାର ତଥ୍ୟ ଲୁଚାଉଛନ୍ତି। ରାଜ୍ୟରେ ୫୩ ହାଜର ଅଧିକ ଗାଁ ରହିଛି, ସରକାର ନିଜେ ମାନୁଛନ୍ତି କି ୨୪ ହାଜର ଗାଁ ପିଇବା ପାଣି ନାହିଁ । ଆଗକୁ ରଥଯାତ୍ରା ଆସୁଛି ସରକାର ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଡ଼. ଏକ୍କା କହିଛନ୍ତି।

ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ସମସ୍ତ ତଥ୍ୟ ଉପସ୍ଥାପନ କରି କହିଛନ୍ତି କି



ସେ କହିଛନ୍ତି ବାଡ଼ି ମାଡ଼ି ଆସିଲାଣି,ବାଡ଼ିରେ ମଡକ ପଡ଼ିଛି । ସରକାର ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା କହିନାହାନ୍ତି। ଘରେ ଓ ଘରୋଇ ଡାକ୍ତରଖାନାରେ ଚିକିତ୍ସିତଙ୍କ ସଂଖ୍ୟା ହିସାବକୁ ନିଆଯାଉନାହିଁ। ମୋଟ୍ କେତେଜଣ ମଲେଣି, ସୂଚନା ନାହିଁଛ ରାଜ୍ୟରେ ତିନିଭାଗରୁ ଭାଗେ ଡାକ୍ତର ପଦବି ଖାଲି। ୫୪ ହଜାର ଗାଁରୁ କୋଡିଏ ହଜାର ଗାଁରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଚିନ୍ତା ମଧ କରିନାହାନ୍ତି ସରକାର। କଂଗ୍ରେସ ଦାବି କରୁଛି କି ହଇଜାରେ ଚିକିତ୍ସା ପାଇଁ ସରକାର ରୋଗୀଙ୍କ ଖର୍ଚ୍ଚ ବହନ କରନ୍ତୁ। ଯେଉଁ ରୋଗୀ କରଜ କରି ସୁସ୍ଥ ହୋଇଛନ୍ତି, ସେମାନଙ୍କୁ କ୍ଷତି ପୂରଣ ପ୍ରଦାନ କରନ୍ତୁ।ଯେଉଁ ପରିବାରର ରୋଗୀ ମୃତ୍ୟୁ ବରଣ କରିଛନ୍ତି ସେମାନଙ୍କୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଅନ୍ତୁ। ପିଇବା ପାଣିର ଉସକୁ ପରୀକ୍ଷା କରାଯାଉ। ହଇଜା ପାଇଁ ତୁରନ୍ତ ଭ୍ୟାକସିନ ବ୍ୟବସ୍ଥା କରନ୍ତୁ କଂଗ୍ରେସ ଦାବି କରୁଛି ବୋଲି ବୋଲି ଶ୍ରୀ ହରିଚନ୍ଦନ କହିଥିଲେଛ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ଲୋକେ ହଇଜାରେ ମରୁଛନ୍ତି, ଆତ୍ମବିଭୋର ସ୍ୱାସ୍ଥ୍ୟମନ୍ତ୍ରୀ କିନ୍ତୁ ନାଚରେ ମସଗୁଲ ବୋଲି କହିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦାବି କରିଥିଲେ।

ତଥ୍ୟ ଅନୁସନ୍ଧାନକାରୀ କମିଟି ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି. ଏସ୍. ରାଜନ ଏକ୍କାଙ୍କ ଅଧକ୍ଷତାରେ ଯାଜପୁର ଓ କଟକ ଜିଲ୍ଲାରେ ବ୍ୟାପୁଥିବା ହଇଜା ସଂକ୍ରମଣ ବିଭିନ୍ନ ପିଏସସି, ସିଏଚସି ଜିଲ୍ଲା ମୁଖ୍ୟ ହସ୍ପିଟାଲ ମାନ ଗ୍ରସ୍ତକରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସେବା ଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି ଓ କମିଟି ସଦସ୍ୟ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ।

# ବଳଭଦ୍ରପୁର-ଢିପାମାଳ ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ



ନୟାଗଡ଼, (ସବ୍ୟୁ): ନୟାଗଡ଼ ବଳଭଦ୍ରପୁର-ଢିପାମାଳ ରାସ୍ତା ନିର୍ମାଣ ଦାବିରେ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ ଓ ଚାହାଳୀ ଆଦି ପଞ୍ଚାୟତର ୧୭ ଖଣ୍ଡ ଗ୍ରାମ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ରାସ୍ତା ନିର୍ମାଣରେ ଦେଖାଦେଇଥିବା ବିବାଦର ସମାଧାନ ହୋଇପାରୁ ନ ଥିବାରୁ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ର ହାଟଦ୍ୱାର ଠାରେ ଲୋକେ ରାସ୍ତାରୋକ ଆନ୍ଦୋଳନ କରିଥିଲେ।ବଳଭଦ୍ରପୁର-ଢିପାମାଳ ରାସ୍ତା କ୍ରିୟାନୁଷ୍ଠାନ କମିଟି ଆବାହକ ଦେବରାଜ ବରାଳଙ୍କ ନେତୃତ୍ୱରେ ୧୭ ଖଣ୍ଡ ଗାଁ ଲୋକେ ଆନ୍ଦୋଳନ କରିଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଘଟଣାସ୍ଥଳରେ ପୋଲିସ ମୃତୟନ ସହ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଏସିଏଫଓ, ତହସିଲଦାର, ବିଡ଼ିଓ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାବୁଝି କରିବା ସହିତ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।ସୂଚନା ଥାଉକି, ଦୀର୍ଘ ୧୦ବର୍ଷ ଧରି ୧୭ ଖଣ୍ଡ ଗ୍ରାମବାସୀ ଓ ଗୁଡୁପାଙ୍ଗି ଗ୍ରାମ ମଧ୍ୟରେ ବଳଭଦ୍ରପୁର-ଢିପାମାଳ ସଂଯୋଗିକରଣ ରାସ୍ତାପାଇଁ ବିବାଦ ଲାଗି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି।୧୭ ଖଣ୍ଡ ଗାଁର ଲୋକେ ବଳଭଦ୍ରପୁର ଢିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି । ଗୁଡୁପାଙ୍ଗୀ ରାସ୍ତା ତାଙ୍କ ଗ୍ରାମଦେଇ ନିର୍ମାଣ କରିବା ଜିଦରେ ଅଟଳ ରହିଛି। ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ ପ୍ରଜାମେଳି ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁଛ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପର୍ଯ୍ୟନ୍ତ ମାମଲା ଯାଇଛି। ଫଳରେ ୫ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି । ଜିଲ୍ଲା ପ୍ରଶାସନର ପ୍ରତିଶୃତି ପରେ ବୁଧବାର ସକାଳୁ ଆରମ୍ଭ ସୋଇଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ଜୀବିକା ହରାଇ ବେକାର ହେଲେ ବ୍ୟବସାୟୀ

# ପ୍ରତିଶ୍ରୁତି ଭୁଲିଗଲା ପ୍ରଶାସନ

ଫୁଲନଖରା ,(ସବ୍ୟୁ) :ବୟାଳିଶମୌଜା ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ରାସ୍ତା କଡରେ ଥିବା ୫୦୦ରୁ ଅଧିକ ଉଠା ଦୋକାନୀ ଉଚ୍ଛେଦ କରାଯାଇଥିଲା । କିନ୍ତୁ ସେତେବେଳେ ସରକାର ଦେଇଥିବା ଥଇଥାନ ପ୍ରତିଶୃତି ପାଣିର ଗାର ହୋଇ ରହିଗଲା । ଶହ ଶହ ବ୍ୟବସାୟୀ ନିଜ ବ୍ୟବସାୟ ହରାଇ ଆଜି ବି ସରକାରୀ ମାର୍କେଟ କମ୍ପ୍ଲେକ୍ସ କୁ ଅପେକ୍ଷା କରିଛନ୍ତି ବୋଲି ବ୍ୟବସାୟ ସଂଘ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁଯାୟୀ ୪୨ମୌଜା ମୁଖ୍ୟ ରାସ୍ତା କଡରେ ଥିବା ଝିଙ୍କିରିଆ, ଦଧିବାମନପୁର ,ବେଣ୍ଟକାର,କଳପଡା,ବରାଳ ଉତ୍ୟାଦି ସ୍ଥାନରେ ଥିବା ବଜାର ଗୁଡିକ ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ବିଶେଷକରି ବେଂଟକାର ଏବଂ କଳପଡା ବଜାର ଏକରକମ ନିଶ୍ଚିହ୍ନ ହୋଇଯାଇଛି । ଏହି ବଜାରରେ ଥିବା ଶତାଧିକ ଦୋକାନରୁ ଏବେ ମାତ୍ର ହାତଗଣତି ଆଉ କିଛି ଦୋକାନ ରହିଯାଇଛି ।ଦୀର୍ଘ ବର୍ଷ ଧରି ରାସ୍ତା କଡରେ ଥିବା ଏହି ବ୍ୟବସାୟୀମାନେ ନିଜର ବେଉସା ହରାଇବା ସହିତ ପରିବାର ପ୍ରତିପୋଷଣର ଆର୍ଥିକ ବୋଝ ଏବଂ ମହାଜନ ଟଙ୍କା ପରିଶୋଧକୁ ନେଇ ଚିନ୍ତାରେ ବହୁକଷ୍ଟରେ ଜୀବନ କାଟୁଛନ୍ତି । ପ୍ରଶାସନ ତରଫରୁ ସରକାରୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଉଚ୍ଛେଦ ହୋଇଥିବା ବ୍ୟବସାୟୀ ମାନଙ୍କୁ ଥଇଥାନ କରିବା ନେଇ ନିର୍ଭର ପ୍ରତିଶୃତି ଦିଆଯାଇଥିଲା । ଏ ନେଇ ପ୍ରକ୍ରିୟା ମଧ ଆରମ୍ଭ କରାଯାଇଥିଲା । ବ୍ୟବସାୟୀ ସଂଘ ତରଫରୁ ସାମୁହିକ ପ୍ରସ୍ତାବିତ ଜାଗା ମଧ ଚିହ୍ନଟ କରାଯାଇ ବିଭାଗକୁ ଜଣାଇ ଦିଆଯାଇଥିଲା । ହେଲେ ନିର୍ବାଚନ ଋତୁ ଭିତରେ ଏ ସମସ୍ତ ପ୍ରତିଶୃତି ସରକାରି ଫାଇଲ ନାଳିଫିତା ତଳେ ଚାପିହୋଇ ରହିଗଲା । ନିର୍ବାଚନ ସରି ନୂତନ ସରକାର ଦାୟିତ୍ୱ ନେବା ପରେ ମଧ ବ୍ୟବସାୟୀ ଥଇଥାନ ବାବଦରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏବେ ମଧ ବେଉସା ହରାଇ ଥିବା ବ୍ୟବସାୟୀମାନେ ସରକାରଙ୍କ ପ୍ରତିଶୃତି ପୂରଣ ପାଇଁ ଅପେକ୍ଷା ରେ ଅଛନ୍ତି । ତୁରନ୍ତ ମାର୍କେଟ କମ୍ପଲେକ୍ସ ନିର୍ମାଣ କରାଯାଇ ଉକ୍ତ ବ୍ୟବସାୟ ମାନଙ୍କୁ ଥିଥାନ କରିବା ପାଇଁ ବ୍ୟବସାୟୀ ସଂଘ ତରଫରୁ ସଦର ବିଧାୟକ ଏବଂ ସାଂସଦଙ୍କ ନିକଟରେ ଦୃଢ ଦାବି କରାଯାଇଛି ।

# ବ୍ଲକ୍ ଆଗରେ ଖଣ୍ଡଯୁଦ୍ଧ ଘଟଣା : ୫୯ ଗିରଫ

ଆଠଗଡ ,(ସବ୍ୟୁ) : ମଙ୍ଗଳବାର ଆଠଗଡ଼ ବ୍ଲକ ସମ୍ମୁଖରେ ବିଜେଡି ବିଜେପି ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ପୋଲିସ କର୍ମଚାରୀ ଆହତ ହେବା ସହିତ ଶତାଧିକ ମହିଳା ଓ ପୁରୁଷଙ୍କୁ ପୋଲିସ ପକ୍ଷରୁ ଅଟକ ରଖା ଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିରୀହ ଥିବା ଜଣା ପଡ଼ିବା ପରେ ସେମାନଙ୍କୁ ଛାଡି ଦିଆ ଯାଇଥିବା ବେଳେ ୫୯ ଜଣଙ୍କୁ ଚିହ୍ନଟ କରା ଯାଇ ଗିରଫ କରା ଯାଇ କୋର୍ଟ ଚାଲାଣ କରା ଯାଇଥିବା ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।ଅନ୍ୟ ପକ୍ଷରେ ଆଜି ଆଠଗଡ଼ ବିଜେଡି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଠଗଡ଼ ବିଜେଡି ପକ୍ଷରୁ ସମଗ୍ର ଘଟଣାକୁ ନିନ୍ଦା କରାଯିବା ସହିତ ସମସ୍ତ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରା ଯାଇଛି।ଗିରଫ ମାନଙ୍କ ମଧ୍ୟରେ ୩୪ ଜଣ ନିରୀହ ବିଜେଡି କର୍ମୀ ଥିବା ବେଳେ ସରକାରୀ ଦଳର ଏଭଳି ଆଚରଣ ଯୋଗୁଁ ସେମାନେ ପ୍ରଭାବିତ ହୋଇଛନ୍ତି। ବିକାଶ କାର୍ଯ୍ୟରେ ଶାସକ ବିଜେପି ଦଳ ର ନେତା ଓ କର୍ମୀ ବାଧକ ସାଜୁଛନ୍ତି।ତେଣୁ ଆଗାମୀ ଦିନରେ ଏହା ବିରୋଧ ରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ବିଜେଡି ପ୍ରକାଶ କରିଛି।

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ନଥି ସଂ- IX (C)-09/2025-106 ତା- ୨୯.୦୩.୨୦୨୫

**V-14 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ଜଜାଙ୍ଗ, ଥାନା- ଯୋଡା, ତହସିଲ-ବଡବିଲ, ଜିଲ୍ଲା-କେନ୍ଦୁଝରରେ** ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ବାମେବାରି-ରଣସାଳ ଘାଟି, ଭାୟା-ଯୋଡା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)**ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୧୭, ତା. ୨୧.୧୨.୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା-ଜଜାଙ୍ଗ, ଥାନା-ଯୋଡା, ଜିଲ୍ଲା-କେନ୍ଦୁଝରରେ** ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

### ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

| ଜିଲ୍ଲା-କେନ୍ଦୁଝର ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ତହସିଲ-ବଡବିଲ ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜଜାଙ୍ଗ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୧୮.୬୦୦ | ୭.୩୫୦ | ସଂଲଗ |

### ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଜିଲ୍ଲା-କେନ୍ଦୁଝର ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ତହସିଲ-ବଡବିଲ ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |

ପ୍ରଯୁଜ୍ୟ ନୁହେଁ

ଅଧିସୂଚନା ବୈଧ ତାରିଖ : ୨୪.୦୨.୨୦୨୧

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, କେନ୍ଦୁଝର**

### ଜମି ଅନୁସୂଚୀ

**ପ୍ରକଳ୍ପର ନାମ : ବାମେବାରି -ରଣସାଳ ଘାଟି, ଭାୟା ଯୋଡା - ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତିକରଣ**
**ମୌଜା- ଜଜାଙ୍ଗ, ଥାନା ନଂ-୪୨, ଥାନା-ଯୋଡା, ତହସିଲ-୨ (୭୩), ତହସିଲ-ବଡବିଲ, ଜିଲ୍ଲା- କେନ୍ଦୁଝର**

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୬ | ଆରତ ବେହେରା, କଳିଆ ବେହେରା, ଦୁଃଖୁ ବେହେରା ପି- ବିଟା ବେହେରା, ଜା- ଗୋପାଳ, ବା: ନିଜଗାଁ | ୨୩<br>୨୩/୧୭୩୬<br>୨୩/୧୭୪୨<br>୨୮ | ତଇଳା-୧<br>କାରଖାନା<br>କାରଖାନା<br>କାରଖାନା | ୧.୪୨୦<br>୧.୨୦୦<br>୦.୬୦୦<br>୦.୯୨୦ | ୧.୦୦୦<br>୦.୮୦୦<br>୦.୪୨୦<br>୦.୧୨୦ | |
| ୨ | ୨୦ | କିଶୋରୀ ବାରିକ, ବୀର ବାରିକ, ଗୁରୁଚରଣ ବାରିକ, ପି-ବୃନ୍ଦାବନ ବାରିକ, ବଂଶି ଧର ବାରିକ, ଗୋବର୍ଦ୍ଧନ ବାରିକ ଚନ୍ଦ୍ରଶେଖର ବାରିକ, ପି- ଟଙ୍କଧର ବାରିକ, ପଦନ ବାରିକ ରାଧୁ ବାରିକ, ପି-ଅନିରୁଦ୍ଧ ବାରିକ, ରଘୁନାଥ ବାରିକ, ହାର ବାରିକ, ପି- ଭାଗବତ ବାରିକ, ବୈଦେହି ବାରିକ, ସ୍ୱା- ଭଗବତ ବାରିକ, ନଟ ବାରିକ, ଗୋପିନାଥ ବାରିକ, ପି- ଲୋଚନ ବାରିକ, ରଙ୍ଗାଧର ବାରିକ, ପି-ବଳରାମ ବାରିକ, ନାଲୁ ବାରିକ, ଭରତ ବାରିକ, ଦୁଃଖ ବାରିକ, ପି- ଭୀମ ବାରିକ, ଡୁବୁରି ବାରିକ, ସ୍ୱା-ଭୀମ ବାରିକ, ବହ୍ଲବ ବାରିକ, ପି-ବଳରାମ ବାରିକ, ଆଶାମଣି ବାରିକ, ସ୍ୱା- ବଳରାମ ବାରିକ, ନିଳାମ୍ବର ବାରିକ, ଭାଲୁ ବାରିକ, ପି- ବାଇଧର ବାରିକ, ଜଗୁ ବାରିକ, ମିତ୍ର ବାରିକ, ଶୁଶିଳା ବାରିକ, ପି-ଗୁରୁଚରଣ ବାରିକ, ପଦ୍ମା ବାରିକ, ସ୍ୱା-ଗୁରୁଚରଣ ବାରିକ, ରାଘବ ବାରିକ, ଉଲ୍ଲାସ ବାରିକ, ପି- କୈଳାସ ବାରିକ, ମୁରଲି ବାରିକ, ପି-କହ୍ନେଇ ବାରିକ, ମଧୁ ବାରିକ, ପି- ହାଡୁ ବାରିକ, ଜା-ଗୋପାଳ, ବା-ପଳସା (ଖ) | ୪୪୫<br>୪୪୬<br>୪୪୭<br>୪୪୮<br>୪୫୪/୧୩୧୫ | ନୟନଯୋରି<br>ରାସ୍ତା<br>ନୟନଯୋରି<br>ତଇଳା-୧<br>ନାଳ | ୦.୨୨୦<br>୦.୧୯୦<br>୦.୨୦୦<br>୧.୦୩୦<br>୦.୩୦ | ୦.୨୨୦<br>୦.୧୯୦<br>୦.୨୦୦<br>୦.୧୪୦<br>୦.୦୩୦ | |
| ୩ | ୩୪ | ଗୋପାଳ ନାଏକ, ପି-ମିଲୁ ନାଏକ, ଜା-ଭୂୟାଁ, ବା-ନିଜଗାଁ | ୪୧୪<br>୪୧୬ | ତଇଳା-୧<br>ତଇଳା-୧ | ୦.୧୫୦<br>୦.୩୩୦ | ୦.୧୨୦<br>୦.୧୦୦ | |
| ୪ | ୪୯ | ବଳଭଦ୍ର କାରୁଆ, ଗୌର କାରୁଆ, ପୂର୍ଣ୍ଣିମା କାରୁଆ, ପି-ଜିତୁ କାରୁଆ, ଜା-ଘାସି, ବା-ନିଜଗାଁ | ୪୧୭<br>୪୧୮/୧୨୮୧ | ଘରବାରି<br>ତଇଳା-୧ | ୦.୧୦୦<br>୦.୮୩୦ | ୦.୧୦୦<br>୦.୩୬୦ | |
| ୫ | ୫୯ | ଦଶରଥ ଖିଲାର, କଦଳୀ ଖିଲାର, ପି-ବଂଶି ଖିଲାର, ବା-ବାଙ୍କ, ରୁଷି ବାରିକ, ପି-କୃତି ବାରିକ, ବା-ନିଜଗାଁ | ୧୪<br>୨୬ | ତଇଳା-୧<br>ମାହାରା | ୪.୨୭୦<br>୦.୩୪୦ | ୧.୦୫୦<br>୦.୧୬୦ | |
| ୬ | ୬୭ | ନନ୍ଦ ପାତ୍ର, ପି- ହରି ପାତ୍ର, ଜା-ପାଣ, ବା-ନିଜଗାଁ | ୪୧୩ | ତଇଳା-୧ | ୦.୩୩୦ | ୦.୧୦୦ | |
| ୭ | ୮୯ | ବରଜୁ କାରୁଆ, ପି- ଗହ୍ମା କାରୁଅ, ଜା-ଘାସି, ବା-ନିଜଗାଁ | ୪୧୯ | ଘରବାରି | ୦.୦୭୦ | ୦.୦୨୦ | |
| ୮ | ୧୦୮ | ମିଲୁ ବାରିକ, ପି-ତ୍ରିଲୋଚନ ବାରିକ, ନଟ ବାରିକ, ନାଥ ବାରିକ, ପି- କବି ବାରିକ, ବିଳାଶ ବାରିକ, ସ୍ୱା-କବି ବାରିକ, ବୈକୁଣ୍ଠ ବାରିକ, ବଳରାମ ବାରିକ, ପି-ରଥି ବାରିକ, ବେଣୁଧର ବାରିକ, ପି-ଭକ୍ତ ବାରିକ, କୃପାସିନ୍ଧୁ ବାରିକ, ପି-ନିରଂଜନ ବାରିକ, ବିଲେଇ ବାରିକ, ସ୍ୱା-ନିରଂଜନ ବାରିକ, ପିତାମ୍ବର ବାରିକ, ବୈଷ୍ଣବ ବାରିକ, ପି- ଦୁର୍ଯ୍ୟୋଧନ ବାରିକ, ଜା-ଗୋପାଳ, ବା-ପଳସା (ଖ) | ୪୪୩/୧୧୮୧ | ତଇଳା-୨ | ୦.୬୬୦ | ୦.୧୦୦ | |
| ୯ | ୧୧୪ | ରଙ୍ଗାଧର ବେହେରା, ପି-କେଶବ ବେହେରା, ଫୁଲମଣି ବେହେରା, ସ୍ୱା-ବନମାଳି ବେହେରା, ଗୌରାଙ୍ଗ ବେହେରା, ଦୌପଦି ବାରିକ, ମତୀ ପଲେଇ, ପି-ବନମାଳି ବେହେରା, ଜା-ଗୋପାଳ, ବା-କମଳପୁର | ୨୪<br>୩୦<br>୨୩/୧୧୯୯ | ତଇଳା-୧<br>କାରଖାନା<br>ତଇଳା-୨ | ୦.୪୦୦<br>୦.୩୨୦<br>୦.୧୦୦ | ୦.୩୮୦<br>୦.୦୭୦<br>୦.୧୦୦ | |
| ୧୦ | ୧୨୩ | ରାଧେଶ୍ୟାମ ଜୟଶ୍ୱାଲ, ପି- ଗୟାପ୍ରସାଦ ଜୟଶ୍ୱାଲ, ଜା- ଜୟଶ୍ୱାଲ, ବା-ନିଜଗାଁ | ୪୪୦/୧୩୧୦ | ଘରବାରି | ୦.୦୫୦ | ୦.୦୧୦ | |
| ୧୧ | ୧୨୬ | ଶଙ୍କର୍ଷଣ ମହାନ୍ତି, ପି-ଭୋଳାନାଥ ମହାନ୍ତି ଜା - କରଣ, ବା-ନିଜଗାଁ | ୪୨୬/୧୩୦୦ | ଘରବାରି | ୦.୪୮୦ | ୦.୦୧୦ | |
| ୧୨ | ୧୨୭ | ଶତ୍ରୁଘ୍ନ ପ୍ରସାଦ ଜୟଶ୍ୱାଲ, ପି- ରାମଦୁଲାରି ଜୟଶ୍ୱାଲ, ଜା- ଜୟଶ୍ୱାଲ, ବା-ନିଜଗାଁ | ୪୨୮/୧୩୦୧ | ଘରବାରି | ୦.୦୬୦ | ୦.୦୨୦ | |
| ୧୩ | ୧୬୧ | ଭଗବାନ ବେହେରା, ପି- ଉଦ୍ଧବ ବେହେରା, ଜା-ଗୋପାଳ, ବା-ନିଜଗାଁ, ନିରଂଶ ପକ୍ଷେ ଜବରଦଖଲ ଆର୍ତ ବେହେରା, ଦୁଃଖୁ ବେହେରା, କିଆ ବେହେରା, ପି-ବିଟା ବେହେରା, ଜା- ଗୋପାଳ, ବା-କମଳପୁର | ୨୩/୧୨୦୦ | ତଇଳା-୨ | ୦.୨୮୦ | ୦.୨୮୦ | |
| ୧୪ | ୧୫୧/୪୭ | ଇସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ. ବଡବିଲ | ୨୫<br>୨୪/୧୬୫୬ | ଘରବାରି<br>ଘରବାରି | ୧.୨୧୦<br>୦.୫୧୦ | ୦.୭୫୦<br>୦.୨୮୦ | |
| ୧୫ | ୧୫୧/୬୩ | ଟାଟା ଆଇରନ ଏଣ୍ଡ ଷ୍ଟିଲ୍ କମ୍ପାନୀ ଯୋଡା, ଥାନା-ଯୋଡା, ବା-କେନ୍ଦୁଝର | ୪୩୬/୧୩୦୪ | ତଇଳା-୧ | ୦.୯୫୦ | ୦.୦୨୦ | |
| ୧୬ | ୧୫୧/୬୯ | ଦିପକ କୁମାର ପଟନାୟକ, ପି- ଇଶୋର ଚନ୍ଦ୍ର ପଟନାୟକ, ବା- ଜଡିବାହାଳ, ଥା-ଯୋଡା, ଜିଲ୍ଲା-କେନ୍ଦୁଝର | ୪୪୦/୧୩୦୭ | ଘରବାରି | ୦.୦୮୦ | ୦.୦୪୦ | |
| ୧୭ | ୧୫୧/୮୭ | ଦିପକ ମିନେରାଲ ଏଣ୍ଡ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, ବଡବିଲ ତରଫ ନିର୍ଦ୍ଦେଶକ ହରିଚରଣ ଗୁପ୍ତା, ପି- ଲକ୍ଷ୍ମୀ ଚାନ୍ଦ ଗୁପ୍ତା, ଜା- କାୟସ୍ତ, ବା/ଥା-ବଡବିଲ, ଜି- କେନ୍ଦୁଝର, ଭୂ-ଅର୍ଜନ ଅଧିକାରୀ | ୪୪୪ | କାରଖାନା | ୧.୦୦ | ୦.୧୬୦ | |
| | | | | ମୋଟ | ୧୮.୬୦୦ | ୭.୩୫୦ | |

Sd/- AMIN
L.A. (Gen.) Section
Collectorate, Keonjhar

Sd/- Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା/- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୂଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
କେନ୍ଦୁଝର

OIPR : 24045/14/0028/2526

(ଶ୍ରୀମଭଗବଦ୍ ଗୀତା ୧୭/୦୧)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ! ସତ୍ତ୍ୱମାହୋ ରଜସ୍ତମଃ ।।୧।।**

ଅର୍ଜୁନ କହିଲେ, ହେ କୃଷ୍ଣ ! ଯେଉଁମାନେ ଶାସ୍ତ୍ରବିଧି ଲଂଘନ କରି, (ଶାସ୍ତ୍ରର ଅର୍ଥ ବୁଝି ମଧ୍ୟ ଦୁଃଖବୁଦ୍ଧି ବା ଆଳସ୍ୟବଶତଃ) ଶ୍ରଦ୍ଧାଯୁକ୍ତ ହୋଇ ପୂଜାଦି କରନ୍ତି, ସେମାନଙ୍କର ନିଷ୍ଠା କିପରି ? ସାତ୍ତ୍ୱିକୀ ? ରାଜସୀ ? ନା ତାମସୀ ? ।।୧।।

# ପଚାଶ ବର୍ଷରେ ଜରୁରୀକାଳୀନ ପରିସ୍ଥିତି

**ସମ୍ପାଦକୀୟ**

୧୯୭୫ ମସିହାରୁ ଜୁନ୍ ୨୫ ତାରିଖ । ସମଗ୍ର ଭାରତ ପାଇଁ ତାହା ଥିଲା ଗୋଟାଏ କଳା ଦିବସ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଇନ୍ଦିରା ଗାନ୍ଧି ଭାରତର ପ୍ରଧାନମନ୍ତ୍ରୀ ଭାବେ ଏତେ ଭଲ କାମ କରିଥିଲେ, ବଙ୍ଗଳାଦେଶକୁ ପାକିସ୍ତାନରୁ ସ୍ୱତନ୍ତ୍ର ଭାବେ ଅଲଗା କରିବା ଦିଗରେ ସାହାଯ୍ୟ କରିଥିଲେ । ଫଳରେ ପାକିସ୍ତାନ ଦୁଇଭାଗ ହୋଇ ବଙ୍ଗଳାଦେଶର ସୃଷ୍ଟି ହୋଇଥିଲା । ଭାରତରେ ବ୍ୟାଙ୍କ ଜାତୀୟକରଣ ମଧ୍ୟ ସେ କରିଥିଲେ । ଦୁଃଖ କଷ୍ଟ ସହି ଦେଶ ପାଇଁ ଅହିଂସା ଆନ୍ଦୋଳନ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପେନ୍‌ସନ୍ ପ୍ରଦାନର ବ୍ୟବସ୍ଥା ମଧ୍ୟ ଇନ୍ଦିରାଜୀ କରିଥିଲେ । ଆହୁରି ଅନେକ କାର୍ଯ୍ୟ କରି ସେ ଦେଶରେ ପ୍ରଶଂସିତା ହୋଇଥିଲେ । ମାତ୍ର ଗୋଟିଏ ଭୁଲ ପାଇଁ ତାଙ୍କୁ ଭାରତ ସାରା କେବଳ ନୁହେଁ, ଭାରତ ବାହାରେ ମଧ୍ୟ ନିନ୍ଦା ସହିବାକୁ ପଡ଼ିଥିଲା । ତାହା ଥିଲା ହାଇକୋର୍ଟଙ୍କ ରାୟକୁ ଅମାନ୍ୟ କରି ନିଜେ କ୍ଷମତାରେ ରହିବା ପାଇଁ ସାରା ଭାରତରେ ଜରୁରୀକାଳୀନ ପରିସ୍ଥିତି ବା ଏମରଜେନ୍ସି ଜାରି କରିବା । ୧୯୭୫ ଜୁନ୍ ୨୫ରେ, ପ୍ରାୟ ପଚାଶ ବର୍ଷ ତଳେ ଇନ୍ଦିରା ଗାନ୍ଧି ସାରା ଭାରତରେ ଯେତେବେଳେ ଏମରଜେନ୍ସି ଜାରି କରିଥିଲେ, ସମ୍ବାଦପତ୍ର, ସମ୍ବାଦ ସରବରାହ ସଂସ୍ଥା ଓ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଯେପରି କଟକଣା ଲାଗୁ କରାଗଲା, ସେନ୍‌ସର ବୋର୍ଡ ଦ୍ୱାରା ଦୈନିକ ସମ୍ବାଦପତ୍ର ଓ ପତ୍ରପତ୍ରିକାଗୁଡ଼ିକ ଯାଞ୍ଚ କରାଯିବା ପରେ ପ୍ରକାଶନ ପାଇଁ ଅନୁମତି ଦିଆଯାଉଥିଲା, ତାହା ସାଧାରଣ ଜନତାଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା । ଆମ ଗଣତନ୍ତ୍ରକୁ ହତ୍ୟା କରାଯାଇଥିଲା । ପ୍ରାୟ ଏକୋଇଶି ମାସ କାଳ ଆମ ଗଣତନ୍ତ୍ରକୁ ପୋଲିସ ଓ ପ୍ରଶାସନଙ୍କ ହାତରେ ବନ୍ଧା ପକାଇ ରଖାଯାଇଥିଲା । ଏହି ଜରୁରୀକାଳୀନ ପରିସ୍ଥିତି ଜାରି ହେବା ପୂର୍ବରୁ ଅନେକ ଅଣ କଂଗ୍ରେସ ଦଳର ତୁଙ୍ଗ ନେତାମାନଙ୍କୁ ମିସା ଆଇନରେ ଗିରଫ କରାଯାଇ ଜେଲ୍‌ରେ ରଖା ଯାଇଥିଲା । ଆମେମାନେ କଥା କହିବାର ବା ଭାବ ପ୍ରକାଶ କରିବାର ଅଧିକାର ହରାଇ ଦେଇଥିଲୁ । ମୌଳିକ ଅଧିକାର ଆମର ଅପହୃତ କରାଯାଇଥିଲା ।

ଘଟଣାଟି ଥିଲା ଏହିପରି । ୧୯୭୫ରେ ଆହ୍ଲାବାଦ ହାଇକୋର୍ଟରେ ଉତ୍ତର ପ୍ରଦେଶ ରାଜ୍ୟ ବନାମ୍ ରାଜ ନାରାୟଣ ମାମଲା ଚାଲିଥାଏ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୧ରେ ଲୋକସଭା ନିର୍ବାଚନରେ ଅସତ୍ ଉପାୟ ଅବଲମ୍ବନ କରି ନିର୍ବାଚନରେ ଜୟଯୁକ୍ତ ହୋଇଥିବାରୁ, ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହାପରେ ଦେଶର ଆଭ୍ୟନ୍ତରୀଣ ବିପଦକୁ ଲକ୍ଷ୍ୟ କରି ସଂବିଧାନରେ ୩୫୨ ଧାରାରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି–ରାଷ୍ଟ୍ରପତିଙ୍କ ଜରିଆରେ । ଗଣତନ୍ତ୍ରକୁ ହତ୍ୟା କରାଗଲା ବୋଲି ଇନ୍ଦିରାଙ୍କ ଶାସନ ବିରୋଧରେ ଭାରତର ତୁଙ୍ଗ ନେତାମାନଙ୍କ ମଧ୍ୟରେ ଜୟ ପ୍ରକାଶ ନାରାୟଣ, ମୋରାରଜୀ ଦେଶାଇ,ଅଟଳ ବିହାରୀ ବାଜପେୟୀ, ଚରଣ ସିଂ ଓ ଆହୁରି ଅନେକ ରାଜନେତା ସ୍ୱର ଉତ୍ତୋଳନ କରିବାରୁ ସେମାନଙ୍କୁ ଜେଲ ପଠାଇ ଦିଆଯାଇଥିଲା । ଓଡ଼ିଶାରୁ ମଧ୍ୟ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ଆହୁରି ଅନେକ ଜେଲ ଯାଇଥିଲେ । ଅସୁସ୍ଥତା ଓ ଅନ୍ୟାନ୍ୟ କାରଣରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଅବଶ୍ୟ ପାରୋଲରେ ଛଡାଯାଇଥିଲା । ସେ ସାମୟିକ ଭାବେ ଜେଲ ଦଣ୍ଡରୁ ମୁକ୍ତି ପାଇଥିଲେ । ଏବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ଯୁବ ପ୍ରଚାରକ ଥିଲେ ।

ଭାରତର ଇତିହାସରେ ଏମରଜେନ୍ସି ଥିଲା ଏକ ଦୁଃଖଦାୟକ ଅଧ୍ୟାୟ । ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଜୁନ୍ ୨୫ (୨୦୨୫)ରେ ଏମରଜେନ୍ସି ବା ଜରୁରୀକାଳୀନ ପରିସ୍ଥିତିର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରସ୍ତାବ କ୍ୟାବିନେଟରେ ଗୃହୀତ ହୋଇଥିଲା । ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ପାଇଁ ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା ।

ସେତେବେଳେ ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କର 'ଘରଡିହ' ଉପନ୍ୟାସଟି ଅସମାପ୍ତ ଅବସ୍ଥାରେ ଲୁଚାଇ ରଖାଯାଇଥିଲା । ୧୯୭୭ ମାର୍ଚ୍ଚ ୨୧ ତାରିଖରେ ଦେଶରୁ ଜରୁରୀକାଳୀନ ପରିସ୍ଥିତି ବା ଏମରଜେନ୍ସି ପ୍ରତ୍ୟାହୃତ ହେବା ପରେ ସେହି ପାଣ୍ଡୁଲିପିଟିକୁ ଆଣି ୧୯୮୪ ମସିହାରେ, ଲେଖକ ତାହାକୁ ସମାପ୍ତ କରିଥିଲେ । ୧୯୪୨ ଭାରତ ଛାଡ ଆନ୍ଦୋଳନ ଠାରୁ ୧୯୬୧ ମସିହା ପର୍ଯ୍ୟନ୍ତ ଭାରତ ତଥା ଓଡ଼ିଶାର ଐତିହାସିକ, ଭୌଗଳିକ, ସାମାଜିକ ଓ ରାଜନୀତିକ ଚିତ୍ର ଏଥିରେ ପ୍ରତିଫଳିତ ହୋଇଥିଲା । ଏହି ଉପନ୍ୟାସଟି ପ୍ରକାଶ ପାଇବା ପରେ ୧୯୮୭ରେ ତାହା କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା । ଆମ ସାହିତ୍ୟରେ ମଧ୍ୟ ଅନ୍ୟମାନଙ୍କ ଲେଖାରେ ଜରୁରୀକାଳୀନ ପରିସ୍ଥିତିର ଚିତ୍ର ରହିଛି । ସେ ସବୁ ବିଷୟରେ ଗବେଷଣା ହେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରଥଯାତ୍ରା: ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



**ଅଶ୍ୱିନୀ ବୈଷ୍ଣବ**
(କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି । ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା । ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି । ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ ।

ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ୍ ଆବଣ୍ଟନ ପରିମାଣ ୨୦୦୯–୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫–୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି । ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ ହୋଇଛି । ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟୱର୍କ ଠାରୁ ଅଧିକ ଲମ୍ବା ।

ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି । ୫୯ଟି ଅମୃତ ଷ୍ଟେସନ ବିକଶିତ କରାଯାଉଛି । ଏଥିମଧ୍ୟରୁ ୧୬ଟି ଷ୍ଟେସନ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ରହିଛି । ୬ଟି ବନ୍ଦେ ଭାରତ ଟ୍ରେନ୍ ରାଜ୍ୟର ୧୭ଟି ଜିଲ୍ଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି ।

ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥଯାତ୍ରାର ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ ।

**ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା**

ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି । ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମେତ ମୋଟ୍ ୧୨୧୫ଟି ଟ୍ରେନ୍ ସେବା ଯୋଗାଇ ଦିଆଯାଉଛି । ଏହି ରେଳ ସେବା ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ ।

**ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି । ୫୯ଟି ଅମୃତ ଷ୍ଟେସନ ବିକଶିତ କରାଯାଉଛି । ଏଥିମଧ୍ୟରୁ ୧୬ଟି ଷ୍ଟେସନ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ରହିଛି । ୬ଟି ବନ୍ଦେ ଭାରତ ଟ୍ରେନ୍ ରାଜ୍ୟର ୧୭ଟି ଜିଲ୍ଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି ।**

**ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା**

ସେବା ପରମୋ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ । ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି ।

ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇ ଦେବାକୁ ରେଳବାଇ ପ୍ରସ୍ତୁତ । ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି । ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି । ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ୍, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି । ପ୍ରାୟ ୨ଲକ୍ଷ ୫୦ ହଜାର ତୀର୍ଥଯାତ୍ରୀଙ୍କୁ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ।

ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସ୍ପ୍ରେଇ ମେସିନ୍ ଏବଂ ସ୍ୱେଜେ ସକ୍ସନ୍ ଟ୍ରକ୍, ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି । ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିସନ୍ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ ।

ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି । ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ମେଡ଼ିକାଲ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଚଳିତ ବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେସନକୁ ଏକ ସମାବେଶୀ ତଥା ଆସ୍ଥାକୈନ୍ଦ୍ରିକ ଜନ ସେବାର ଆଦର୍ଶ ଷ୍ଟେସନ ରୂପେ ବିକଶିତ କରିଛି ।



**ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ରେଳ ଜ୍ୟାକ୍**

ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି । ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ । ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣ ସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ ।

ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନ ଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ । ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ । ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ ।

ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି । ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି ।

# ମହାପ୍ରଭୁଙ୍କର ନବଯୌବନ ଦର୍ଶନ



**ଦଶରଥ ହେମ୍ବ୍ରମ୍**



ଜ୍ୟେଷ୍ଠ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ଜଳରେ ସ୍ନାନ କରି ଅସୁସ୍ଥ ହୋଇପଡ଼ନ୍ତି। ଦଇତା ସେବାୟତମାନେ ଦାରୁଦିଅଁଙ୍କ ଗୁପ୍ତ ଉପଚାର କରନ୍ତି । ଏହି ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ଦୀର୍ଘଦିନର ବ୍ୟବଧାନ ପରେ ମହାପ୍ରଭୁ ସୁସ୍ଥହୋଇ ଭକ୍ତମାନଙ୍କୁ ଆଷାଢ଼ ମାସ ଉଭା ଅମାବାସ୍ୟାର ପ୍ରଭାତରେ ଦର୍ଶନ ଦିଅନ୍ତି । ନୂତନ ବେଶରେ ବିମଣ୍ଡିତ ହୋଇ ମହାପ୍ରଭୁ ନୂଆ ଉତ୍ସାହ, ନୂଆ ଉଦ୍ଦୀପନାରେ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରଥାନ୍ତି । ଏହି ଦିନକୁ ଉଭା ଅମାବାସ୍ୟା ଓ ମହାପ୍ରଭୁଙ୍କର ଏହି ଦର୍ଶନକୁ 'ନବ ଯୌବନ ଦର୍ଶନ' ତଥା ଏହି ଉତ୍ସବକୁ 'ଉଭାଯାତ୍ରା' କୁହାଯାଏ ।

ଧର୍ମୀୟ ପୁରାଣରେ ବର୍ଣ୍ଣିତ ତଥ୍ୟ ଅନୁସାରେ ବିଶ୍ୱାବସୁ ନାମକ ଜଣେ ଶବର ରାଜାଙ୍କ ଦ୍ୱାରା ଜଙ୍ଗଲରେ ଥିବା ଏକ ଗୁମ୍ଫାରେ ନୀଳମାଧବ ପୂଜା ପାଉଥିଲେ। ସେହି ସମୟରେ ରାଜା ଇନ୍ଦ୍ରଦ୍ୟୁମ୍ନ ଖବର ପାଇ ଠାକୁରଙ୍କ ଅନୁସନ୍ଧାନରେ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣଙ୍କୁ ସେଠାକୁ ପଠାଇଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଦେଶକୁ ମାନି ଠାକୁରଙ୍କ ଅନୁସନ୍ଧାନରେ ବିଦ୍ୟାପତି ବାହାରିଲେ । ବିଦ୍ୟାପତି ବହୁ କଷ୍ଟରେ ଶବର ପଲ୍ଲୀରେ ପହଞ୍ଚିଲେ । ସେତେବେଳେ ବିଶ୍ୱାବସୁ ଘରେ ନଥିଲେ । ବିଶ୍ୱାବସୁଙ୍କର ଜଣେ କନ୍ୟା ଥିଲା, ଯାହାଙ୍କ ନାମ ଥିଲା ଲଳିତା । ତାଙ୍କ ସହିତ ବିଦ୍ୟାପତିଙ୍କ ଭେଟ ହୁଏ । କିନ୍ତୁ ଶବର ଜାତିର ନିୟମ ଥିଲା ଯଦି କୌଣସି ପୁରୁଷର ହାତ କୁଆଁରୀ ଝିଅ ହାତରେ ବାଜେ, ତେବେ ସେ ସେହି କନ୍ୟାକୁ ବିବାହ କରିବେ ।

ସେହିଦିନ ହିଁ ପାଣିଗ୍ରହଣ ସମୟରେ ଲଳିତାଙ୍କ ହାତ ବିଦ୍ୟାପତିଙ୍କ ହାତରେ ବାଜି ଯାଇଥିଲା । ଶବର ରାଜା ବିଶ୍ୱାବସୁ ଘରକୁ ଆସିଲା ପରେ ସବୁକଥା ତାଙ୍କ ଝିଅ ଲଳିତା ମୁହଁରୁ ଶୁଣିଲା । ସାମାଜିକ ପ୍ରଥା ଓ ପାରମ୍ପରିକ ଅନୁସାରେ ବିଦ୍ୟାପତିଙ୍କ ସହିତ ଲଳିତାର ବିବାହ ହୋଇଥିଲା । ଏହାର କିଛିଦିନ ପରେ ବିଦ୍ୟାପତି ନିଜ ଶ୍ୱଶୁରଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ । ବିଶ୍ୱାବସୁ ଶେଷରେ ନିଜ କନ୍ୟା ଓ ଜ୍ୱାଇଁଙ୍କ ଅନୁରୋଧ ରକ୍ଷାକରି, ବିଦ୍ୟାପତିଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ନୀଳମାଧବ ପୂଜା ପାଉଥିବା ଜାଗାକୁ ନେଇ ଠାକୁରଙ୍କ ଦର୍ଶନ କରାଇଲେ । କିନ୍ତୁ ଚତୁରତାର ସହ ବିଦ୍ୟାପତି ଉକ୍ତସ୍ଥାନର ପୁନଃଚିହ୍ନଟ କରିପାରିବା ନିମନ୍ତେ ରାସ୍ତାରେ ସୋରିଷ ବୁଣି ଦେଇଥିଲେ ଯାହାକି ତାଙ୍କୁ ପରବର୍ତ୍ତୀ ସମୟରେ ଗୁମ୍ଫା ଭିତରକୁ ଯିବା ପାଇଁ ରାସ୍ତା ଚିହ୍ନାଇବାରେ ସାହାଯ୍ୟ କରିଥିଲା । ସେଠାରୁ ଫେରିବା ପରେ ସେ କଥା ସବୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଜଣାଇଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଏହା ଜାଣି ଅତିଶୀଘ୍ର ନୀଳମାଧବଙ୍କ ଦର୍ଶନ ନିମନ୍ତେ ସେଠାକୁ ଗଲେ ଏବଂ ସେଦିନ ଥିଲା ଆଷାଢ଼ ମାସର ଅମାବାସ୍ୟା ତିଥି । ବିଦ୍ୟାପତିଙ୍କ ସହାୟତାରେ ନିଜ କନ୍ଦରକୁ ଠାବ କରିବାରେ ଯଦିଓ ସେ ସକ୍ଷମ ହୋଇଥିଲେ କିନ୍ତୁ ପ୍ରଭୁଙ୍କ ଦର୍ଶନ କରିପାରିନଥିଲେ ।

ସେହିପରି ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳ ସିନ୍ଧୁ କୂଳରେ ଅବସ୍ଥିତ ନୀଳଶଇଳ ଠାରେ ଗୋଟିଏ ଭବ୍ୟମନ୍ଦିର ନିର୍ମାଣ କରିବା ପାଇଁ ଶୂନ୍ୟବାଣୀ ହୋଇଥିଲା । ବିଗ୍ରହ ମୂର୍ତ୍ତି ତିଆରି କରିବା ପାଇଁ ଜଣେ ରହସ୍ୟମୟ ବୁଢ଼ା ମହାରଣାଙ୍କୁ ସେ ଦାୟିତ୍ୱ ଦେଇଥିଲେ । ନାରଦଙ୍କ ପରାମର୍ଶରେ ରାଜା ସ୍ୱୟମାଗତ ବୃଦ୍ଧ ଅନନ୍ତ ମହାରଣାଙ୍କ କିଛି ସର୍ତ୍ତାବଳୀ ଗ୍ରହଣ ପୂର୍ବକ କାର୍ଯ୍ୟ ଶୁଭାରମ୍ଭ କଲେ । ଉକ୍ତ ସର୍ତ୍ତ ଥିଲା ୨୧ ଦିନ ଯାଏଁ ବିଗ୍ରହ ତିଆରି ଚାଲିଥିବା ଗୃହର କବାଟ ନ ଖୋଲିବା ପାଇଁ । କିନ୍ତୁ ମୂର୍ତ୍ତି ନିର୍ମାଣ ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା ସମୟ ପୂର୍ବରୁ ଅର୍ଥାତ୍ ପଞ୍ଚଦଶ ଦିବସରେ କାରୁଶାଳାର କପାଟ ଉନ୍ମୋଚନ କରି ରାଜା ଇନ୍ଦ୍ରଦ୍ୟୁମ୍ନ ହସ୍ତପଦ ବିହୀନ ଅଧାଗଢ଼ା ମୂର୍ତ୍ତିର ଦର୍ଶନ ପାଇଥିଲେ । ଏହି ଦିନ ବି ଥିଲା ଆଷାଢ଼ମାସର ଅମାବାସ୍ୟା । ଅତଏବ, ବିଧାତାଙ୍କ ଆଦେଶ ଭାବି ରାଜା ଇନ୍ଦ୍ରଦ୍ୟୁମ୍ନ ଅଧାଗଢ଼ା ତିନିବିଗ୍ରହଙ୍କୁ ଶ୍ରୀମନ୍ଦିରରେ ସ୍ଥାପନ କରିଥିଲେ ଏବଂ ସେତେବେଳେ ମହାପ୍ରଭୁ କହିଥିଲେ,' ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବା' ସେଥିପାଇଁ ଶ୍ରୀଜିଉମାନେ ଗୁଣ୍ଡିଚା ଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଏହା ପ୍ରଥମ ଦର୍ଶନ ସ୍ମାରକୀ ସ୍ୱରୂପ ବୋଧହୁଏ ଆଷାଢ଼ର ବିଜୟ ଅମାବାସ୍ୟା ତିଥିରେ ହୋଇଥିବାରୁ ସେଦିନଠାରୁ ମହାପ୍ରଭୁଙ୍କର ନବଯୌବନ ବେଶ ଦର୍ଶନ ନୀତି ପାଳିତ ହୋଇଆସୁଛି । ଆଷାଢ଼ ଅମାବାସ୍ୟା ତିଥିରେ ଶ୍ରୀଜିଉଙ୍କ ଏହା ଏକ ବିଶେଷ ବେଶ । କିନ୍ତୁ ଏହି ସମୟରେ ମହାପ୍ରଭୁ ରତ୍ନସିଂହାସନକୁ ଆଉ ବିଜେ କରନ୍ତି ନାହିଁ । ମହାପ୍ରଭୁଙ୍କର ନବଯୌବନ ବେଶ ସହ ପ୍ରାତଃକାଳରେ ନେତ୍ରୋତ୍ସବ ପାଳନ ହୁଏ । ତା'ପରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ରଥଯାତ୍ରାରେ ଠାକୁର ବିରାଜମାନ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ବିଜେ କରନ୍ତି । କେତେକ ସମୟରେ ନେତ୍ରୋତ୍ସବ ଓ ନବଯୌବନ ତିଥିରେ ସାମାନ୍ୟ ଏପଟ ସେପଟ ହୋଇଥାଏ । ତେବେ ମହାପ୍ରଭୁଙ୍କ ଏହି ନବଯୌବନ ଦର୍ଶନ ଲାଭର ସୁଯୋଗକୁ ଶ୍ରଦ୍ଧାଳୁ ଭକ୍ତମାନେ ବର୍ଷବ୍ୟାପୀ ପ୍ରତୀକ୍ଷା କରି ଏହି ଦିନରେ ନବଯୌବନ ବେଶ ସହ ନିଜ ଆରାଧ୍ୟଙ୍କ ପ୍ରଥମ ଦର୍ଶନ ଲାଭ କରିଥାନ୍ତି ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ –୯୩୩୭୪୦୪୨୫୪**

# ଜପଯୋଗ ସାଧନା

**ପୁଷ୍ପମିତ୍ର ମହାପାତ୍ର**

ଅନ୍ୟାନ୍ୟ ଯୋଗରେ ଯେମିତି ଈଶ୍ୱର ସାକ୍ଷାତକାର, ଆନନ୍ଦମୟ ଜୀବନ ଏବଂ ଅମୃତତ୍ୱ ଲାଭ ହୁଏ, ଜପଯୋଗରେ ମଧ୍ୟ ସେ ସବୁ ଲାଭ ହୁଏ । ଜପ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ସାଧନା । ରାଜଯୋଗରେ ଯେପରି ଆପଣ ଇନ୍ଦ୍ରିୟର ଦାସ ନ ହୋଇ ମନ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରିବେ, ଜପଯୋଗରେ ମଧ୍ୟ ସେସବୁକୁ ନିୟନ୍ତ୍ରଣରେ ରଖିପାରିବେ । ଜପଦ୍ୱାରା ସଂକଳ୍ପ ଶକ୍ତି ବୃଦ୍ଧି ପାଇଥାଏ । ଶ୍ୱାସ ପ୍ରଶ୍ୱାସର ସଂଖ୍ୟା କମିଯାଇ ଆୟୁବୃଦ୍ଧି ହୋଇଥାଏ । ଜପଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଆପଣଙ୍କୁ ସର୍ବନିମ୍ନ କେତୋଟି ଅନୁଶାସନ ମାନି ଚଳିବାକୁ ପଡ଼ିବ । ଏ ସମ୍ପର୍କରେ ମହାଯୋଗୀ ଶିବାନନ୍ଦଙ୍କ ପରାମର୍ଶ ନିମ୍ନରେ ପ୍ରଦତ୍ତ–

ଜପର ପ୍ରକୃଷ୍ଟ ସମୟ ହେଉଛି – ସକାଳ ବ୍ରାହ୍ମମୁହୂର୍ତ୍ତ ଏବଂ ସୂର୍ଯ୍ୟାସ୍ତ ସମୟ । ଏହି ସମୟରେ ସର୍ବତ୍ର ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ । ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ, ନିୟମିତ ଆସନରେ ବସି ଜପ କରିବା ଲାଭପ୍ରଦ । ବନ୍ଦ କଠୋରିରେ ବସି ଜପ କଲାବେଳେ କେହି ଯେମିତି ଆପଣଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ନକରନ୍ତି, ସେ କଥା ପରିବାର ଲୋକଙ୍କୁ କହିଦେବା ଉଚିତ । ସୁଖ ଆସନରେ ବସିଲେ ମନ ସ୍ଥିର ରହେ । ଏହା ରଜୋଗୁଣକୁ ନିୟନ୍ତ୍ରଣ କରେ । ଜପ ସରିବା ପର୍ଯ୍ୟନ୍ତ ପୁରା ସମୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥିର ଆସନରେ ମେରୁଦଣ୍ଡ ସିଧା ରଖି ବସି ରହନ୍ତୁ । ଆଦୌ ହଲଚଲ ହୁଅନ୍ତୁ ନାହିଁ । ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ ବସି ଜପ କରନ୍ତୁ । ଏହାଦ୍ୱାରା ଜପ ଉପରେ ସେ ଦିଗର ସୂକ୍ଷ୍ମ ପ୍ରଭାବ ପଡ଼େ ଏବଂ ଜପ ଅଧିକ ଶକ୍ତିଶାଳୀ ହୁଏ । ଜପ କଲାବେଳେ ଉପଯୁକ୍ତ ଆସନରେ ବସିଲେ ଶକ୍ତି କ୍ଷୟ ହୁଏନାହିଁ । ଆସନ ରୂପେ କୁଶାସନ, କମ୍ବଳ କିମ୍ବା ମୃଗଚର୍ମ ବ୍ୟବହାର କରିବା ଉଚିତ। କୁଶ ଚଟେଇ, ମୃଗଚର୍ମ ଓ ଶୁଭ୍ର ବସ୍ତ୍ର କ୍ରମଶଃ ଗୋଟିକ ଉପରେ ଅନ୍ୟଟି ପକାଇ ଆସନ ପ୍ରସ୍ତୁତ କରନ୍ତୁ ।

ଜପ ହେଉ କିମ୍ବା ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ହେଉ ଈଶ୍ୱରଙ୍କ କୃପା ଏକାନ୍ତ ଆବଶ୍ୟକ । ଏହା ବିନା ଉଚ୍ଛୃଙ୍ଖଳ ମନକୁ ସଂଯତ କରିବା ଅସମ୍ଭବ ହୋଇଯାଏ । ତେଣୁ ଉପଯୁକ୍ତ ସ୍ତୋତ୍ର ବା ପ୍ରାର୍ଥନା ଦ୍ୱାରା ଇଷ୍ଟଦେବଙ୍କୁ ଆବାହନ କରି ଜପରେ ବସିବା ବିଧେୟ । ଜପ କରିବା ସମୟରେ ମନ୍ତ୍ରଟି ସ୍ପଷ୍ଟ ରୂପେ ଠିକ ଠିକ ଉଚ୍ଚାରଣ କରନ୍ତୁ । ଯଦି ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ହୁଏ, ତେବେ ମନ୍ତ୍ରଶକ୍ତି ଶୀଘ୍ର ଜାଗ୍ରତ ହୁଏ । ମନ ସହଜରେ ଏକାଗ୍ର ଏବଂ ସମୁନ୍ନତ ହୁଏ । ଜପ ପାଇଁ ଗାୟତ୍ରୀ ମନ୍ତ୍ର ସର୍ବୋତ୍କୃଷ୍ଟ । ଜପ ସମୟରେ ସତର୍କତା ଓ ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତିକି ମାଳା ଜପ କରିବାକୁ ସ୍ଥିର କରିଛନ୍ତି, ସେତିକି ମାଳା ଜପ କରି ନସାରିବା ପର୍ଯ୍ୟନ୍ତ ଆସନରୁ ଉଠନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କର ସଂକଳ୍ପ ଶକ୍ତି ବଢ଼ିବା ମନ ଉପରେ ମଧ୍ୟ ନିୟନ୍ତ୍ରଣ ଆସିଯିବ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବଶ୍ୟକ ସଂଖ୍ୟକ ଜପ ନସାରିବା ପର୍ଯ୍ୟନ୍ତ ସାଧନା ଭଙ୍ଗ କରନ୍ତୁ ନାହିଁ । ବୈଷୟିକ ଚିନ୍ତା କରିବା, ଭବିଷ୍ୟତ ଯୋଜନା କରିବା ପ୍ରଭୃତି ହେଉଛି ସାଧନାଭଙ୍ଗ। ଯଦି ଦୁଇମାଳା ଜପ କରିବା ପରେ କୌଣସି ତ୍ରୁଟି ହୋଇଯାଏ, ତେବେ ସେଇ ଦୁଇମାଳକୁ ନିଜର ଜପ ସଂଖ୍ୟାରେ ଗଣନ୍ତୁ ନାହିଁ ।

ଆପଣଙ୍କୁ ପୁଣି ଥରେ ଜପ ଆରମ୍ଭ କରିବାକୁ ହେବ ଓ ଦଶମାଳା ପର୍ଯ୍ୟନ୍ତ ଜପ କରିବାକୁ ପଡ଼ିବ । ଜପ କରିବାର କିଛି ସମୟ ପରେ ଯଦି ମନ ଥକିଯାଏ, ଆପଣଙ୍କ ଅଜ୍ଞାତସାରରେ ଏଣେତେଣେ ବୁଲିବାକୁ ଲାଗେ, ଆପଣ ନିଦ୍ରାଭିଭୂତ ହୋଇଯାଆନ୍ତି, ତେବେ ସାଧନା ଭଙ୍ଗ ହେବ ।

ଏପରି ଅବସ୍ଥା ଆସିବାକୁ ଦିଅନ୍ତୁ ନାହିଁ। ସେଭଳି ଉନ୍ନତ ସାଧକ ନହେବା ପର୍ଯ୍ୟନ୍ତ ବିନା ମାଳାରେ ଜପ କରନ୍ତୁ ନାହିଁ । ମାଳାର ବ୍ୟବହାର ସତର୍କ ରହିବାରେ ସାହାଯ୍ୟ କରେ ଏବଂ ସେଥିରୁ ସତତ ଜପ ଚାଲୁ ରଖିବାକୁ ପ୍ରେରଣା ମିଳେ । ଜପ ବିଭିନ୍ନ ପ୍ରକାରର ଅଛି । ସେଥିମଧ୍ୟରୁ ମାନସିକ ଜପ ସବୁଠାରୁ ଅଧିକ ଶକ୍ତିଶାଳୀ । ଏହା ମନରେ କୁପ୍ରବୃତ୍ତିଗୁଡ଼ିକୁ ତତ୍‌କ୍ଷଣାତ ନିଷ୍କ୍ରିୟ କରିଦିଏ ଓ ମନକୁ ଶୁଦ୍ଧ କରିହୁଏ ।

ଜପ କରିବା ସଙ୍ଗେ ସଙ୍ଗେ ଧ୍ୟାନ କରନ୍ତୁ ଯେ, ଭଗବାନ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି । ପ୍ରଭୁଙ୍କର ମନୋହର ମୂର୍ତ୍ତିର ମାନସିକ ଚିତ୍ରଣ କରନ୍ତୁ । ଏହି ଅଭ୍ୟାସ ଦ୍ୱାରା ଆପଣଙ୍କ ସାଧନାକୁ ବିଶେଷ ଶକ୍ତି ମିଳିବ । ଏହି ଅଭ୍ୟାସ ଫଳରେ ମନ ଈଶ୍ୱରଙ୍କ ରୂପରେ ସ୍ଥିର ହୋଇଯାଏ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟ ଆଡ଼କୁ ଦୌଡ଼ିବାକୁ ସୁଯୋଗ ପାଏନାହିଁ । ଈଶ୍ୱରଙ୍କ ଉପସ୍ଥିତି ରୂପୀ ଆନନ୍ଦ ପାଖରେ ଇନ୍ଦ୍ରିୟ ସୁଖ କଣ କୁଟାଖଣ୍ଡେ ପରି ତୁଚ୍ଛ ନୁହେଁ ? ଜପ ସମାପ୍ତ ହେବା ସଙ୍ଗେ ସଙ୍ଗେ ଆସନରୁ ଉଠି ପଡ଼ନ୍ତୁ ନାହିଁ କିମ୍ବା ସମସ୍ତଙ୍କ ସହିତ ମିଶନ୍ତୁ ନାହିଁ । ସାଂସାରିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଯାଆନ୍ତୁ ନାହିଁ । ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ବସି ରହନ୍ତୁ ।

ଈଶ୍ୱରଙ୍କୁ ଗୁଣୁ ଗୁଣୁ ହୋଇ ପ୍ରାର୍ଥନା କରନ୍ତୁ । ତାଙ୍କର ଅସୀମଗୁଣ ଏବଂ ପ୍ରେମ ବିଷୟରେ ଚିନ୍ତା କରନ୍ତୁ । ତା ପରେ ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣାମ କରି ସ୍ଥାନ ତ୍ୟାଗ କରନ୍ତୁ ଏବଂ ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତୁ ।

ଏହାଦ୍ୱାରା ଆପଣଙ୍କ ଶରୀରରେ ଆଧ୍ୟାତ୍ମିକ ସ୍ପନ୍ଦନ ଠିକ ରହିବ । ଜପ ଯୋଗ ସାଧନା ସମୟରେ ଆପଣ ଅଶ୍ଳୀଳ ବା କଠୋର ବାକ୍ୟ କହିବା ଉଚିତ ନୁହେଁ । ଆପଣଙ୍କ ଖାଦ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ ଏବଂ ଆପଣ ସାଧାରଣ ପୋଷାକ ପରିଧାନ କରିବା ଉଚିତ । ସିନେମା, ଟିଭି ଏସବୁ ଅଧିକନ୍ତୁ ଦେଖିବା ଅନେକାଂଶରେ ଠିକ୍ ହୋଇ ନ ଥାଏ । ନିଜ ମନକୁ ସର୍ବଦା ଈଶ୍ୱରଙ୍କ ରୂପରେ ସଂଲଗ୍ନ କରି ରଖିବା ଉଚିତ । ଯେ କୌଣସି ରୂପ ଦେଖୁଛନ୍ତି ସେଥି ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କରିବା ଉଚିତ । ଆପଣ ସର୍ବଦା ଗୁଣୁଗୁଣୁ ହୋଇ ଗାଇବା ଉଚିତ – 'ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିର୍ୟଂ ଜତ୍ରାଃ। ସ୍ଥିରୈ ରଙ୍ଗୈ ସ୍ତୁଷ୍ଟୁବାଁ ସସ୍ତନୂଭି, ର୍ବ୍ୟଶେମ ଦେବହିତଂ ଯଦାୟୁଃ। ଓଁ ଶାନ୍ତିଃ ! ଶାନ୍ତିଃ! ଶାନ୍ତିଃ!

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ–୯୪୩୭୨୨୫୬୮୯**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାକାଶ...

ମହାକାଶଚାରି । ଗ୍ରୁପ୍ କ୍ୟାପଟନ୍ ଶୁଭାଂଶୁ ଶୁକ୍ଳାଙ୍କ ସମେତ ଆମେରିକାର ପେଗି ହ୍ୱିଟସନ୍, ହଙ୍ଗେରୀର ଟିବର କାପୁର ଓ ପୋଲାଣ୍ଡର ସ୍ଲାବେଜ ଉଡ ନାସକି, ୱସନାସ୍କି ଏହି ଯାତ୍ରାରେ ସାମିଲ ହୋଇଛନ୍ତି । ଆକ୍ସିଅମ୍-୪ ମିଶନ ଏକ ଘରୋଇ ମହାକାଶ ଅଭିଯାନ ୨୮ ଘଣ୍ଟାର ଯାତ୍ରା ପରେ ଇଣ୍ଟରନ୍ୟାସନାଲ ସ୍ପେଶ ସେଣ୍ଟରରେ ସେମାନେ ପହଞ୍ଚିବେ । ଆସନ୍ତାକାଲି ଭାରତୀୟ ସମୟ ଅପରାହ୍ଣ ୪.୩୦ରେ ସେମାନେ ସ୍ପେଶ ସେଣ୍ଟରରେ ପହଞ୍ଚି ଏହା ଡକିନ୍ ହେବ । ୧୪ ଦିନ ରହି ସମସ୍ତ ମହାକାଶଚାରି ପୃଥିବୀକୁ ଫେରିବ । ପ୍ରାୟ ୧୪ ଦିନ ରହଣୀ ମଧ୍ୟରେ ୩୧ ଦେଶର ୬୦ ଏକ୍ସପେଣ୍ଟ କରାଯିବ ବୋଲି ଜଣାପଡିଛି । ନାଶା ଓ ଇସ୍ରୋରେ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି । ଭାରତୀୟ ମହାକାଶକୁ ପଠାଇବା ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଚର୍ଚ୍ଚା ହେଉଛି ।

### ୨୦୨୬ରୁ...

ସୁଯୋଗ । ତେବେ ଇଣ୍ଟରନାଲ ଆସେସମେଣ୍ଟ ପ୍ରତିବର୍ଷ କ୍ରମାଗତ ଭାବେ କରାଯିବ । କେନ୍ଦ୍ର ସରକାର ଲାଗୁ କରିଥିବା ନୂଆ ଶିକ୍ଷା ନୀତିରେ ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷାର ବ୍ୟବସ୍ଥା ରହିଛି । ଏହାକୁ ସିବିଏସ୍‌ଇ ଦଶମ ଶ୍ରେଣୀ ଲାଗି ଲାଗୁ କରିଛି । ସିବିଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ସଞ୍ଜମ ଭରଦ୍ୱାଜ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଫେବୃଆରୀରେ ଓ ଦ୍ୱିତୀୟ ପରୀକ୍ଷା ମେ ରେ ହେବ । ଉଭୟର ଫଳ ଯଥାକ୍ରମେ ଏପ୍ରିଲ ଓ ଜୁନରେ ପ୍ରକାଶ ପାଇବ । ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଭାଷା ବିଷୟ ମଧ୍ୟରୁ ୩ଟିରେ ନମ୍ବର ବୃଦ୍ଧି ପାଇ ପରୀକ୍ଷା ଦେବାକୁ ଅନୁମତି ମିଳିବ । ଶୀତକାଳୀନ ସ୍କୁଲରେ ଦଶମ ଶ୍ରେଣୀ ପିଲାମାନେ ଦୁଇଟି ବୋର୍ଡ ପରୀକ୍ଷା ମଧ୍ୟରୁ ଗୋଟିଏକୁ ବିକଳ୍ପ ଭାବେ ବାଛି ପାରିବେ ।

### ରାଜସ୍ୱ...

ବସୁନ୍ଧରା ଯୋଜନା ମାଧ୍ୟମରେ ସରକାର ୧୬,୭୨୭ ଜଣ ବାସଗୃହ ବିହୀନ ଲୋକଙ୍କୁ ଘରବାଡି ପଟ୍ଟା ଯୋଗାଇ ଦେଇଛନ୍ତି । ଗତ ଏକ ବର୍ଷ ମଧ୍ୟରେ ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪,୬୧,୬୦୨ ଖାତାକୁ ସର୍ବେକ୍ଷଣ କରାଯାଇ ୧,୧୬,୪୮୬ଜଣ ମୃତ ଲୋକଙ୍କ ରେକର୍ଡ ଗୁଡିକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି, ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି ।

ସେ ପୁଣି କହିଥିଲେ ଗତ ଏକ ବର୍ଷ ମଧ୍ୟରେ ରାଜସ୍ୱ ବିଭାଗ ହାସଲ କରିଥିବା ସଫଳତାକୁ ନେଇ ଯେଉଁ ପୁସ୍ତିକା ପ୍ରକାଶ କରିଛନ୍ତି, ତାହା କେବଳ କାର୍ଯ୍ୟକଳାପର ଏକ ତାଲିକା ନୁହେଁ, ଏହା ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ ଦାୟିତ୍ୱବାନ ପ୍ରଶାସନିକ ବ୍ୟବସ୍ଥା, ଦକ୍ଷତା ଓ ଲୋକାଭିମୁଖୀ କାର୍ଯ୍ୟକ୍ରମର ଏକ ପ୍ରମାଣ । ରାଜସ୍ୱ ବିଭାଗ ଏବେ ଲୋକଙ୍କ ନିକଟତର ହେଉଛି । ରାଜ୍ୟ ସରକାର ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଏବେ ବ୍ୟାପକ ସଂସ୍କାର ଆଣିଛନ୍ତି ବୋଲି ସେ କହିଥିଲେ ।

ଉଲ୍ଲେଖନୀୟ କାର୍ଯ୍ୟପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମକୁ ଅଧିକ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହ କାମ କରିବାକୁ ପଡିବ । ଲୋକମାନେ ଆମ ଉପରେ ଅନେକ ଆଶା ଓ ଭରସା ରଖିଛନ୍ତି, ତାହାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମକୁ ଦାୟିତ୍ୱବାନ ହେବାକୁ ପଡିବ ।

ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଲୋକଙ୍କ ସରକାର ଲୋକଙ୍କ କାମ କରୁଛନ୍ତି । ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ଭାବେ ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଶ୍ରୀ ସିଂହଦେଓ କହିଥିଲେ ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ସାତ ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି । ତାଙ୍କର କାର୍ଯ୍ୟଧାରା ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି । ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପ୍ରଶଂସା କରି ସେ କହିଲେ ବର୍ଷକ ମଧ୍ୟରେ ଆମେ ଯେଉଁ ସଫଳତା ହାସଲ କରିଛୁ, ସେଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ । ତେବେ, ଓଡିଶାକୁ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ରାଜ୍ୟ ହେବା ଆବଶ୍ୟକ । ତେଣୁ ଆମକୁ ଆହୁରି କଠୋର ପରିଶ୍ରମ କରିବାକୁ ପଡିବ ଓ ଆହୁରି ସଫଳତା ହାସଲ କରିବାକୁ ହେବ ବୋଲି ସେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ । ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀ ମାନେ ଯୋଗଦେଇଥିଲେ ।

### କେନ୍ଦ୍ର...

ଭାବରେ ଠିଆ ହୋଇଥିବା ଲୋକଙ୍କଠାରୁ ପ୍ରେରଣା ନେବା ବୟସ୍କମାନଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ଯୁବପିଢ଼ି ପାଇଁ ମଧ୍ୟ ସେତିକି ଜରୁରୀ ।

ଗଣତନ୍ତ୍ରର ଜନନୀ ଭାବରେ ଭାରତ ସାମ୍ବିଧାନିକ ମୂଲ୍ୟବୋଧର ସଂରକ୍ଷଣ, ରକ୍ଷା ଏବଂ ସୁରକ୍ଷାର ଏକ ଉଦାହରଣ ଭାବରେ ଠିଆ ହୋଇଛି । ଏକ ରାଷ୍ଟ୍ର ଭାବରେ, ଆମର ସମ୍ବିଧାନ ଏବଂ ଏହାର ଗଣତାନ୍ତ୍ରିକ ଏବଂ ସଂଘୀୟ ଆତ୍ମାକୁ ବଜାୟ ରଖିବା ପାଇଁ ଆମର ସଂକଳ୍ପକୁ ନବୀକରଣ କରିବା ଲାଗି କ୍ୟାବିନେଟ ବୈଠକରେ ଆହ୍ୱାନ କରାଯାଇଛି ।

### ଲଘୁଚାପ...

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଶ୍ୱବର୍ତ୍ତୀ ଉତ୍ତର ଓଡିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହି ଲଘୁଚାପ ପ୍ରଭାବରେ ଆସନ୍ତାକାଲି(ଗୁରୁବାର) ପ୍ରବଳ ବର୍ଷା ହୋଇପାରେ ।

ବୁଧବାର ଭୁବନେଶ୍ୱରରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଏଠାରେ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା୩୦ ମଧ୍ୟରେ ୫୦.୧ ମିମି ବର୍ଷା ହୋଇଛି । ସେହିପରି ବଲାଙ୍ଗିରରେ ୪୬.୫ ମିମି, ବାଲେଶ୍ୱରରେ ୪୦.୪ ମିମି, ଜଗତସିଂହପୁରରେ ୩୨.୨ ମିମି, ନବରଙ୍ଗପୁରରେ ୩୧.୨ ମିମି, କୋରାପୁଟରେ ୨୦ ମିମି, କେନ୍ଦୁଝରରେ ୧୪.୨ ମିମି, ଗୋପାଳପୁର ଓ ପାରଳାଖେମୁଣ୍ଡିରେ ୧୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବରଗଡ଼, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଝାରସୁଗୁଡ଼ା, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ପ୍ରବଳ ବର୍ଷା ହେବା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

ତେବେ ୨୭ ତାରିଖରୁ ବର୍ଷାର ପରିମାଣ ହ୍ରାସ ପାଇବ । ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ନେଇ କୌଣସି ସତର୍କ ସୂଚନା ଦିଆଯାଇନାହିଁ । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ଝାରସୁଗୁଡ଼ା ଓ କନ୍ଧମାଳ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୨୮ ତାରିଖରୁ ବିଶେଷ ଭାବେ ବଡ଼ ବର୍ଷା ନଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ଜବରଦଖଲ...

ଏପରିକି ଉତ୍ୟକ୍ତ ଲୋକେ ୧୮ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ତହସିଲଦାରଙ୍କୁ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ତହସିଲଦାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି।

### ଆରଏସପି...

ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇସ୍ପାତ କ୍ଷେତ୍ର ଏବଂ ପୂର୍ବ ଭାରତ ବିଶେଷ ଭାବରେ ଓଡ଼ିଶାର ଶିଳ୍ପ, ସାମାଜିକ-ଆର୍ଥିକ ବିକାଶ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ। ଏହି ସମ୍ପ୍ରସାରଣ ଇସ୍ପାତ ଉତ୍ପାଦନର କ୍ଷମତାକୁ ବୃଦ୍ଧି କରିବା ସହ ବିଶ୍ୱ ବଜାରରେ ଭାରତର ସ୍ଥିତିକୁ ସଶକ୍ତ କରିବ, ଷ୍ଟିଲ୍ କ୍ଷେତ୍ରରେ ଆମଦାନୀ ହ୍ରାସ କରିବା ସହ ପ୍ରମୁଖ ଶିଳ୍ପ କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ କଳ୍ପନାରେ ଓଡ଼ିଶାର ଅର୍ଥନୀତି ଅଭିବୃଦ୍ଧିକୁ ଆଗେଇ ନେବା ସହ ଇସ୍ପାତ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଏକ ବୃହତ ରୋଜଗାର ସୁଯୋଗ ସୃଷ୍ଟି କରିବ । ଓଡ଼ିଶାରେ ଇସ୍ପାତ କ୍ଷେତ୍ର ପ୍ରତି ଥିବା କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କର ପ୍ରତିବଦ୍ଧତାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ ।

## ଯୁବତୀଙ୍କୁ ଗଣ ଦୁର୍ଷ୍କର୍ମ : ମୁଖ୍ୟ ଅଭିଯୁକ୍ତ ଅଟକ, ୨ ଫେରାର

କରଞ୍ଜିଆ, ୯ ସବ୍ୟୁ) : ମୟୂରଭଞ୍ଜ ଜିଲାର କରଞ୍ଜିଆ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣ ଦୁର୍ଷ୍କର୍ମ ହୋଇଛି ।ଯୁବତୀ ଜଣକ ସମ୍ପର୍କୀୟଙ୍କ ଘରକୁ ବୁଲିବା ପାଇଁ ଯାଇଥିବା ସମୟରେ ଘଟଣାଟି ଘଟିଥିବା ଜଣାପଡ଼ିଛି ।ପୋଲିସ ସୂତ୍ରରୁ ପ୍ରକାଶ ଯେ, ଯୁବତୀ ଜଣଙ୍କ ଜଙ୍ଗଲିଆ ରାସ୍ତା ଦେଇ ଫେରୁଥିବା ବେଳେ ତିନି ଜଣ ଅଭିଯୁକ୍ତ ତାଙ୍କୁ ବାଇକରେ ଉଠାଇ ନେଇ ଗଣ ଦୁର୍ଷ୍କର୍ମ କରିଥିଲେ । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ କରଞ୍ଜିଆ ଥାନାରେ ତିନି ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି । ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଅଟକ କରିଥିବା ବେଳେ, ଅନ୍ୟ ଦୁଇ ସହଯୋଗୀ ଏବେ ମଧ୍ୟ ଫେରାର ଅଛନ୍ତି । ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ମୟୂରଭଞ୍ଜ ଏସପି କହିଛନ୍ତି । ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି । ଏହି ଘଟଣା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି, ଏବଂ ସ୍ଥାନୀୟ ଲୋକେ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ତାଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

### କମେଣ୍ଟ ମାରି ଥିବା ଆସାମୀକୁ ବର୍ଷେ ର୍ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ସବ୍ୟୁ): ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକାକୁ ସ୍କୁଲ ରାସ୍ତାରେ କମେଣ୍ଟ ମାରି ହଇରାଣ କରୁଥିବା ଆସାମୀକୁ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଟାଉନ ଥାନା ଅନ୍ତର୍ଗତ ବଡହଲ ଗ୍ରାମର କାର୍ତ୍ତିକ ତାମୁଳିଆ ଜଣେ ନାବାଳିକାକୁ ସ୍କୁଲ ଯିବା ବାଟରେ ପ୍ରେମ ନିବେଦନ କରିବା ଏବଂ ନାବାଳିକାକୁ ଧମକ ଦେବା ନିତିଦିନ କରୁଥିଲା । ଏହା ପୀଡିତା ଘରେ କହିବା ପରେ ପୀଡିତାର ବାପା ଓ ମାଆ ଆସାମୀର ଘରେ ଏ ବିଷୟରେ ଜଣାଇଥିଲେ ଓ ଆସାମୀର ଘର ଲୋକ ଆସାମୀକୁ ଏଥିରେ ନିବୃତ୍ତ ରହିବାକୁ କହିଥିଲେ ମଧ୍ୟ ଆସାମୀ ଏହି କାର୍ଯ୍ୟରୁ ନିବୃତ୍ତ ନରହି ପୁନର୍ବାର ନାବାଳିକାକୁ ରାସ୍ତାରେ ହଇରାଣ କରିବାରୁ ନାବାଳିକାର ମାଆ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ କାର୍ତ୍ତିକ ତାମୁଳିଆକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

### ଦୁଇ ଗାଁ ରୁ ଟ୍ରାନ୍ସଫରମାର ଚୋରି

ବେତନଟୀ, (ସବ୍ୟୁ) : ବୈଶିଙ୍ଗା ଥାନା ଅର୍ନ୍ତଗତ ହାତୀପତୁକା ଓ ପାଟଲିପୁରା ଗ୍ରାମରେ ଲାଗିଥିବା ଦୁଇଟି ୧୬ କେଭିଏ ବିଦ୍ୟୁତ ଟ୍ରାନ୍ସଫରମର ଗୋଟିଏ ରାତିରେ ଚୋରି ହୋଇଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ସୂଚନା ମୁତାବକ ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାଟି ଦିନରାତି ଯାନବାହାନ ଚଳାଚଳ ଲାଗି ରହିଥାଏ । ଏହା ସତ୍ତ୍ୱେ ସୋମବାର ବିଳମ୍ବିତ ରାତ୍ରୀରେ ହାତୀପତୁକା ଗ୍ରାମର ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟର ଅନତି ଦୂରରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର ଓ ମାତ୍ର ତିନି କିଲୋମିଟର ଦୂରରେ ଅବସ୍ଥିତ ପାଟଲିପୁରା ଗ୍ରାମ ନିକଟସ୍ଥ ବିଦ୍ୟୁତ ଟ୍ରାନ୍ସଫରମର ଦୁଇଟି ଚୋରି ହୋଇଯାଇଥିବା ଜଣାପଡ଼ିଛି ।

## ଘୁଞ୍ଚିଲା ବିଇଡି, ଏମଇଡି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୨୫।୬ (ସବ୍ୟୁ): ରାଜ୍ୟରେ ବିଭିନ୍ନ ବିଏ ବିଏଡ୍, ବିଏସସି ବିଏଡ୍, ଏମଏସସି ବିଏଡ୍, ବିଏଡ୍-ଏମଏଡ୍, ଏମଏ (ଶିକ୍ଷା ପ୍ରଯୁକ୍ତି) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)-୨୦୨୫କୁ ଘୁଞ୍ଚାଇ ଦିଆଯାଇଛି । ଏନେଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ (ଆରଆଇଇ) ପକ୍ଷରୁ ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି ।

ଏହି କମ୍ପ୍ୟୁଟର ଆଧାରିତ ପରୀକ୍ଷା ଚଳିତମାସ ୨୯ ତାରିଖ ଅର୍ଥାତ ରବିବାର ଆୟୋଜନ ହେବାର ଥିଲା । ତେବେ ବୈଷୟିକ କାରଣ ଏବଂ ଅନ୍ୟ ପରିସ୍ଥିତି କାରଣରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି । ପ୍ରକାଶିତ ବିଜ୍ଞପ୍ତି ମୁତାବକ ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆସନ୍ତା ଜୁଲାଇ ୧୩ ତାରିଖରେ ପ୍ରବେଶିକା ପରୀକ୍ଷା ହେବ । ଦେଶବ୍ୟାପୀ ପ୍ରବେଶିକା ପରୀକ୍ଷା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସମସ୍ତ ପଞ୍ଜିକୃତ ଆବେଦନକାରୀଙ୍କୁ ନିୟମିତ ସୂଚନା ଏବଂ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଓ୍ୱେବସାଇଟ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ପ୍ରାର୍ଥୀମାନଙ୍କୁ ପ୍ରସ୍ତୁତି ପାଇଁ ଅତିରିକ୍ତ ସମୟ ପ୍ରଦାନ କରିବା ସହିତ ପରୀକ୍ଷାର ସୁଗମ ଏବଂ ନିରପେକ୍ଷ ପରିଚାଳନା ସୁନିଶ୍ଚିତ କରିବ । ସଠିକ୍ ସୂଚନା ଏବଂ ଜାରି କରାଯାଉଥିବା ଘୋଷଣା ପାଇଁ ପ୍ରାର୍ଥୀମାନେ କେବଳ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ବା ଆରଆଇଇଗୁଡ଼ିକର ପ୍ରକୃତ ପୋର୍ଟାଲ୍ ଦେଖିବା ଉଚିତ ।

**AFFIDAVIT**

By virtue of an affidavit sworn before Sri Kabiraj Samantaray notary public, Jatni. Dt-19.05.2025. I Konni Chinna Rao, S/o- K Chiteya, Permanent Resident of At- kudiary bazar, Po/Ps- Jatni, Dist- Khordha, Odisha, Pin- 752050. I have changed my name from K Surinarayana to Konni Chinna Rao. Henceforth, I shall be known as Konni Chinna Rao for all purposes.

Sd/- Konni Chinna Rao

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-22/01/2025/1346 Dated, the 23rd June, 2025

**Advertisement**

Applications are invited from Indian Nationals for engagement 02 nos. of **Trainee VTS Operator** on **contractual basis** in Paradip Port Authority.

For further details, visit our website: **https://paradipport.gov.in/Career.aspx.**

PPA/PR/21/2025-26
Dt. 24.06.2025

Sd/- Sr. Asst. Secretary,
Paradip Port Authority

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail I.d. seccbbsr@gmail.com

**E-procurement Tender Call Notice No. 07 of 2025-26**

**No. 3741 (Estg.) Bhubaneswar the 21st June-2025**

**B-236** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number of road work to be received in online bidding, double cover system for construction work as detailed in : **https://tendersodisha.gov.in.** The details of bid documents will be available in the above website from 5.00 P.M. of 01.07.2025 to 5.00 P.M. of 11.07.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M. of 11.07.2025 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal **www.tendersodisha.gov.in.**

Addendum / Corrigendum, if required, will be available only in the Website.

Sd/- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar

OIPR : 34156/11/0033/2526

T T-

**ଓଡ଼ିଶା ସରକାର, କ୍ରୀଡ଼ା ଓ ଯୁବସେବା ବିଭାଗ**

SYS-SPW-AWARD-0002-2025 15557 / Dt. 25.06.2025

**ବିଜ୍ଞାପନ**

**'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ନିମନ୍ତେ ବ୍ୟକ୍ତିବିଶେଷ/ଅନୁଷ୍ଠାନଙ୍କ ଠାରୁ ନିମ୍ନୋକ୍ତ ବର୍ଗରେ ମନୋନୟନ ପତ୍ର ଆହ୍ୱାନ କରାଯାଉଅଛି ।**

**ପୁରସ୍କାର ବର୍ଗ :** (୧) କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି (୨) କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, (୩) କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, (୪) କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, (୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, (୬) ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, (୭) ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ (୮) ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ / ସହକାରୀ କର୍ମକର୍ତ୍ତା ।

**ନିୟମାବଳୀ :** (୧) ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍‌ରେ **(https://sports.odisha.gov.in)** ଉପଲବ୍ଧ ଅଟେ । (୨) ମନୋନୟନପତ୍ର ଉଭୟ ଅଫଲାଇନ ଓ ଅନଲାଇନ (ଉପରୋକ୍ତ ବିଭାଗୀୟ ୱେବସାଇଟ ମାଧ୍ୟମରେ) ପଦ୍ଧତିରେ ତା. ୦୫.୦୭.୨୦୨୫ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଗ୍ରହଣ କରାଯିବ । (୩) ଏହି ସମୟସୀମା ବାହାରେ ପ୍ରାପ୍ତ ମନୋନୟନ ପତ୍ର ଗ୍ରହଣଯୋଗ୍ୟ ହେବନାହିଁ । (୪) ଆବେଦନକାରୀ ଅଫଲାଇନ୍ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ 'ନିର୍ଦ୍ଦେଶକ, କ୍ରୀଡ଼ା, କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨' ଠିକଣାରେ ଡାକ **(Speed Post)** / କୋରିଅର ସେବା / e-mail : bijupattnaikawards@gmail.com ଯୋଗେ ପ୍ରେରଣ କରିପାରିବେ । (୫) ଆବେଦନପତ୍ର ଲଫାପା ଉପରେ ପ୍ରେରକ ତାହାଙ୍କର ସମ୍ପୂର୍ଣ୍ଣ ନାମ, ଡାକ ଠିକଣା, ମୋବାଇଲ ନମ୍ବର, ଇ-ମେଲ ଆଇ.ଡି ଲେଖିବେ । ତତ୍ସହିତ, ଲଫାପାର ଉପର ଭାଗରେ ସ୍ପଷ୍ଟ ଭାବରେ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ଲେଖିବେ । (୬) ମନୋନୟନ ପତ୍ର ଦାଖଲ ତଥା ପରବର୍ତ୍ତୀ ଯେକୌଣସି ପରିସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିଷ୍ପତ୍ତି ସର୍ବଦା ଚୂଡାନ୍ତ ରହିବ ।

OIPR : 29001/11/0094/2526

ସ୍ୱା/- ନିର୍ଦ୍ଦେଶକ, କ୍ରୀଡ଼ା

**AFFIDAVIT**

By virtue of an affidavit before the Notary Public, Bhubaneswar, on dated. 23.06.2025. I, Jyoti Nayak, Aged (21), D/o- Gundicha Nayak, Resident of Plot No- 76, Unit-iii, Kharavel Nagar, Ps- Kharavel Nagar, Bhubaneswar, Dist- Khordha. Declare that, I have changed my name from **Jyoti Nayak** to **Rohima Khatun**. Henceforth, She shall be known as **Rohima Khatun** for all purposes.

Sd/- Rohima Khatun

**OFFICE OF THE NOTIFIED AREA COUNCIL, KHARIAR**
AT/PO-KHARIAR, Dist- NUAPADA, PIN-766107
e-mail-khariarn.hud@ori.nic.in, khariarnac@gmail.com
Letter No. 1102 Dated. 23.06.2025

**TENDER CALL NOTICE**

Tender Call Notice No. 1096 Dtd. 23.06.2025

**C-583** : Sealed tenders are invited from the intending Firms/Suppliers for "Erection, procurement & Commissioning (EPC) with maintenance (02 years) for Solar LED based Traffic Signal at Thana Chowk & Boden Chowk in Khariar NAC & Blinking System at different places of Khariar NAC" consisting of specififation, the schedule of quantities and the set of terms and conditions of contract and other necessary documents can be seen / download from the District Website **nuapada.odisha.gov.in.**

1. Cost of Tender Scheduled : Rs. 6,000/- (Rupees six thousand) only (Non Refundable)
2. Download Tender documents : nuapada.odisha.gov.in
3. Last date of receipt of Tender documents : 03.07.2025 by 1.00 P.M.
4. Date of openig of Tender document : 03.07.2025 at 04.00 P.M.
5. Name and address of the Officer inviting Tender : Executive Officer, NAC, Khariar, Dist- Nuapada.

OIPR : 13136/11/0042/2526

Sd/- Executive Officer
Notified Area Council, Khariar

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No. RDM-LAA-MBJ-0003-2025-2790/R & DM, Dated. 27 JAN 2025**

**XXI-04 :** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ବର୍ଣ୍ଣନା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ବର୍ଣ୍ଣନା, ଥାନା-ବୈଶିଙ୍ଗା, ନଂ.୧୧୮, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତପସିଲ ମତେ ପ୍ରାୟ ଏ. ୧.୮୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରା ରେ ଲାଭପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ଉଚ୍ଚତା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, ବର୍ଣ୍ଣନା ସବ୍-ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ, ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଙ୍କ / ସହରାଙ୍କ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ବର୍ଣ୍ଣନା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮.୯୦ | ଏ. ୧.୮୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୨୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା - ୧୯/୨୦୨୪
ଏ. ୧.୮୬ ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ହରିପୁର ଡିଷ୍ଟ୍ରିବ୍ୟୁଟାରୀର ବର୍ଣ୍ଣନା ସବ୍ ମାଇନର
ମୌଜା- ବର୍ଣ୍ଣନା, ଥାନା-ବୈଶିଙ୍ଗା ନଂ-୧୧୮, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୪ | ୧୨୪ | ୦.୨୬ | ୦.୦୫ | ଶାରଦ ଅଣଜଳସେଚିତ ଦୁଇ | ନରହରି ସାହୁ, ପି. ବୈରାଗୀ ସାହୁ, ଜା-କୁଡେଇ, ବା: ନିଜଗାଁ |
| | ୧୮୨ | ୦୦୨ | ୦.୦୧ | ଶାରଦ ଅଣଜଳସେଚିତ ତିନି | |
| | ୧୮୮ | ୦.୦୯ | ୦.୦୧ | ଶାରଦ ଅଣଜଳସେଚିତ ତିନି | |
| | ୨୨୬ | ୦.୩୦ | ୦.୦୪ | ଶାରଦ ଅଣଜଳସେଚିତ ଦୁଇ | |
| ୧୬ | ୪୦୫ | ୦.୬୯ | ୦.୦୩ | ଘରବାରି | ପଦ୍ମାବତୀ ସେଠୀ, ସ୍ୱା-ସୁରେନ୍ଦ୍ର ନାଥ ସେଠୀ, ଜା: ଧୋବା, ବା: ନିଜଗାଁ |
| ୧୮ | ୨୨୬ | ୦.୩୪ | ୦.୦୪ | ଶାରଦ ଅଣଜଳସେଚିତ ଦୁଇ | ପ୍ରତାପ ଚନ୍ଦ୍ର ସାହୁ, ଜନାର୍ଦ୍ଦନ ସାହୁ, ପି: ପ୍ରଫୁଲ୍ଲ ସାହୁ, ବାଳିମଣି ସାହୁ, ସ୍ୱା: ପ୍ରଫୁଲ୍ଲ ସାହୁ, ଜା: କୁଡେଇ, ବା: ସାତପଖଡିଆ |
| | ୨୨୮ | ୦.୧୬ | ୦.୦୨ | ଶାରଦ ଅଣଜଳସେଚିତ ଦୁଇ | |
| ୧୯ | ୧୯୫ | ୦.୧୨ | ୦.୦୫ | ଶାରଦ ଅଣଜଳସେଚିତ ଦୁଇ | ପ୍ରଦୀପ କୁମାର ସାହୁ, ବିଜୟ କୁମାର ସାହୁ, ଅଜୟ କୁମାର ସାହୁ, ପି: ପ୍ରଫୁଲ୍ଲ ସାହୁ, ସତମଣି ସାହୁ, ସ୍ୱା-ପ୍ରଫୁଲ୍ଲ ସାହୁ, ଜା: କୁଡେଇ, ବା: ସାତପଖଡିଆ |
| | ୧୯୬ | ୦.୧୨ | ୦.୦୩ | ଶାରଦ ଅଣଜଳସେଚିତ ଦୁଇ | |
| ୨୦ | ୧୮୬ | ୦.୬୨ | ୦.୧୯ | ଶାରଦ ଅଣଜଳସେଚିତ ତିନି | ପ୍ରଭାକର ସାହୁ, ପି: କ୍ଷେତ୍ରମୋହନ ସାହୁ, ଜା: କୁଡେଇ, ବା: ସାତପଖଡିଆ |
| | ୧୯୧ | ୦.୨୦ | ୦.୦୩ | ଶାରଦ ଅଣଜଳସେଚିତ ଦୁଇ | |
| | ୧୯୨ | ୦.୦୪ | ୦.୦୪ | ଶାରଦ ଅଣଜଳସେଚିତ ଦୁଇ | |
| ୨୨ | ୨୩୬ | ୦.୧୪ | ୦.୧୦ | ଶାରଦ ଅଣଜଳସେଚିତ ତିନି | ପ୍ରମୋଦ କୁମାର ସାହୁ, ପି: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: କୁଡେଇ, ବା: ନିଜଗାଁ |
| | ୨୩୮ | ୦.୧୦ | ୦.୦୪ | ଶାରଦ ଅଣଜଳସେଚିତ ତିନି | |
| ୨୩ | ୨୪୫ | ୦.୨୫ | ୦.୧୦ | ଶାରଦ ଅଣଜଳସେଚିତ ଦୁଇ | ପୂର୍ଣ୍ଣଚନ୍ଦ୍ର ସାହୁ, ପି: ମଣି ଚରଣ ସାହୁ, ଜା: କୁଡେଇ, ବା: ନିଜଗାଁ |
| | ୨୪୬ | ୦.୫୨ | ୦.୦୧ | ଶାରଦ ଅଣଜଳସେଚିତ ତିନି | |
| ୩୦ | ୨୨୫ | ୦.୧୮ | ୦.୦୩ | ଶାରଦ ଅଣଜଳସେଚିତ ତିନି | ରଘୁନାଥ ସାହୁ, ପି: ପଦ୍ମଲୋଚନ ସାହୁ, ଜା: କୁଡେଇ, ବା: ନିଜଗାଁ |
| ୩୫ | ୪୦୮ | ୦.୩୧ | ୦.୦୨ | ବଗାୟତ ଦୁଇ | ଜନାର୍ଦ୍ଦନ ସାହୁ, ପି: ଅପର୍ତ୍ତି ସାହୁ, ଜା: କୁଡେଇ, ବା: ନିଜଗାଁ |
| ୩୬ | ୨୬୮ | ୦.୩୪ | ୦.୦୬ | ଶାରଦ ଅଣଜଳସେଚିତ ତିନି | ରବିନ୍ଦ୍ର ନାଥ ସାହୁ, ପି: ଅପର୍ତ୍ତି ସାହୁ, ଜା: କୁଡେଇ, ବା: ନିଜଗାଁ |
| ୫୩ | ୨୦୫ | ୦.୧୯ | ୦.୦୧ | ଘରବାରି | ଲକ୍ଷ୍ମୀଧର ସେଠୀ, ପି: ଚିନ୍ତାମଣି ସେଠୀ, ଜା: ଧୋବା, ବା: ନିଜଗାଁ |
| ୫୬ | ୨୧୪ | ୦.୩୮ | ୦.୦୧ | ଶାରଦ ଅଣଜଳସେଚିତ ଦୁଇ | ସନ୍ତୋଷ କୁମାର ସାହୁ, ସୁଦର୍ଶନ ସାହୁ, ବିଷ୍ଣୁପ୍ରିୟା ସାହୁ, ପି: ଶ୍ରୀନିବାସ ସାହୁ, ମିନାକ୍ଷୀ ସାହୁ, ସ୍ୱା- ଶ୍ରୀନିବାସ ସାହୁ, ଜା: କୁଡେଇ, ବା: ନିଜଗାଁ |
| | ୨୩୬ | ୦.୧୦ | ୦.୦୧ | ଶାରଦ ଅଣଜଳସେଚିତ ତିନି | |
| | ୨୬୩ | ୦.୧୫ | ୦.୦୮ | ଶାରଦ ଅଣଜଳସେଚିତ ତିନି | |
| | ୨୬୪ | ୦.୬୬ | ୦.୧୨ | ଶାରଦ ଅଣଜଳସେଚିତ ତିନି | |
| ୫୮ | ୨୪୬ | ୦.୨୩ | ୦.୧୪ | ଶାରଦ ଅଣଜଳସେଚିତ ତିନି | ଶମ୍ଭୁନାଥ ସାହୁ, ପି: ରାଧାକୃଷ୍ଣ ସାହୁ, ଅପର୍ତ୍ତିମଣି ସାହୁ, ସ୍ୱା: ରାଧାକୃଷ୍ଣ ସାହୁ,ଜା: କୁଡେଇ, ବା: ନିଜଗାଁ |
| ୬୩ | ୧୯୪ | ୦.୦୬ | ୦.୦୪ | ଶାରଦ ଅଣଜଳସେଚିତ ଦୁଇ | ସୁରେନ୍ଦ୍ର ନାଥ ସେଠୀ, ପି: ଚିନ୍ତାମଣି ସେଠୀ, ଜା: ଧୋବା, ବା: ନିଜଗାଁ |
| ୬୮ | ୧୮୯ | ୦.୨୯ | ୦.୦୪ | ଶାରଦ ଅଣଜଳସେଚିତ ତିନି | ହରିହର ସାହୁ, ନିରଞ୍ଜନ ସାହୁ, ପି: ନରହରି ସାହୁ, ଜା: କୁଡେଇ, ବା: ନିଜଗାଁ |
| | ୧୯୦ | ୦.୪୬ | ୦.୦୫ | ଶାରଦ ଅଣଜଳସେଚିତ ଦୁଇ | |
| | ୨୨୯ | ୦.୦୫ | ୦.୦୩ | ଶାରଦ ଅଣଜଳସେଚିତ ଦୁଇ | |
| ୭୯ | ୨୪୪ | ୦.୨୩ | ୦.୧୦ | ଶାରଦ ଅଣଜଳସେଚିତ ତିନି | ହରେକୃଷ୍ଣ ସାହୁ, ପି- ପଦ୍ମ ସାହୁ,, ଜା: କୁଡେଇ, ବା: ନିଜଗାଁ |
| ୭୯/୫ | ୨୩୫ | ୦.୧୯ | ୦.୦୬ | ଶାରଦ ଅଣଜଳସେଚିତ ତିନି | ମଞ୍ଜୁଲତା ସାହୁ, ପି: କୈଳାସ ସାହୁ, ସ୍ୱା: ରାଜେନ୍ଦ୍ର ସାହୁ, ଜା: କୁଡେଇ, ବା: ମୁଣ୍ଡାପୁର |
| **ସମପରିମାଣ ଗୋଚର ପ୍ରତିବଦଳୀ** | | | | | |
| ୧୪ | ୧୨୪ | | ୦.୦୬ | ଶାରଦ ଅଣଜଳସେଚିତ ଦୁଇ | ନରହରି ସାହୁ, ପି: ବୈରାଗୀ ସାହୁ, ଜା: କୁଡେଇ, ବା: ନିଜଗାଁ |
| ୬୬ | ୧୩୨ | ୦.୫୬ | ୦.୨୦ | ଶାରଦ ଅଣଜଳସେଚିତ ଦୁଇ | ଶ୍ରୀନାଥ ସାହୁ, ପି: ରାଜକିଶୋର ସାହୁ, ଜା: କୁଡେଇ, ବା: ନିଜଗାଁ |
| ମୋଟ | ୩୨ ପ୍ଲଟ୍ | ଏ. ୮.୯୦ ହେ.ମି. | ଏ.୧.୮୬ ହେ.ମି. | | |

Sd/- AMIN
Baripada Zone

REV INSPECTOR
ZONE-I BARIPADA

Sd/- Zone Officer-cum-L.A. Collector
S.I.P. Baripada Zone

OIPR : 24001/14/0186/2526

Sd/- Spl. Land Acquisition Officer
S.I.P. Baripada





ପ୍ରବଳ ବର୍ଷାରେ ଭୁବନେଶ୍ୱର ବମିଖାଲ ଓ ପୋଖରପୁଟ ଅଞ୍ଚଳ ଉବୁଟୁବୁ

## ଚାକିରି ଦେବାକୁ କହି ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚାକିରି ଦେବାକୁ କହି ଦେଢଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କା ଠକି ନେଇଥିବା ସୁପ୍ରଭାତ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଅଭିଯୁକ୍ତକୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଶୁଭଶ୍ରୀ ନାମକ ଜଣେ ଯୁବତୀ ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା ଆରମ୍ଭ କରିଥିଲା । ଅଭିଯୋଗକାରିଣୀଙ୍କ କହିବାନୁଯାୟୀ ତାଙ୍କ ବ୍ୟାଚ୍‌ମେଣ୍ଟ ସଂଘମିତ୍ରା ଓ ରତିକାନ୍ତ ନ୍ୟାସନାଲ ଏଭିଏସନ ଏକାଡେମୀ ପ୍ରାଇଭେଟ୍ ଲିମିଟେଡ୍‌ରେ ନାମ ଲେଖାଇଥିଲେ । ଗତ ମାର୍ଚ୍ଚ ୧୨ ତାରିଖରୁ ଏପ୍ରିଲ୍ ୮ ତାରିଖ ମଧ୍ୟରେ ତାଲିମ୍ ଅବଧି ସମୟରେ ଅଭିଯୁକ୍ତ ଶୁଭ୍ରକାନ୍ତ ପ୍ଲେସ୍‌ମେଣ୍ଟ କୋ-ଅର୍ଡିନେଟର ଥିବା ସେମାନେ ଜାଣିଥିଲେ । ଶ୍ରୁତିଦତ୍ତ ଏରିଆ ମ୍ୟାନେଜର ଏବଂ ପ୍ରତିଷ୍ଠାନର ଅନ୍ୟାନ୍ୟ ପରିଚାଳନା ଅଫିସରଙ୍କ ସହିତ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବା ପରେ ନିଯୁକ୍ତିର ପ୍ରତିଶ୍ରୁତି ମିଳିଥିଲା । ଏହି ବାହାନାରେ ଅଭିଯୁକ୍ତ ଶୁଭଶ୍ରୀଙ୍କ ଠାରୁ ୫୬ ହଜାର ୧୨୦ଟଙ୍କା ଏବଂ ସଂଘମିତ୍ରାଙ୍କ ଠାରୁ ୧ଲକ୍ଷ ୧୦ ହଜାର ଟଙ୍କା ନେଇଥିଲା । ପରେ ଜାଲ୍ କାଗଜପତ୍ର ଅଭିଯୁକ୍ତ ବ୍ୟବହାର କରିଥିବା ତଦନ୍ତରୁ ଜଣାପଡିଛି । ଅଭିଯୋଗକାରିଣୀ ଓ ଅନ୍ୟମାନଙ୍କୁ ଏହିପରି ଭାବେ ଠକେଇ କରିଥିବା ପୋଲିସ ଜାଣିବା ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ ବିଜେଡିର ବରିଷ୍ଠ ନେତା



ଭୁବନେଶ୍ୱର, (ସବ୍ୟୁ): ମୁମ୍ବାଇଠାରେ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡିର ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସାଧୀନ ଥିଲା ବେଳେ, ବୁଧବାର ତାଙ୍କୁ ବିଜେଡିର ବରିଷ୍ଠ ନେତାମାନେ ଭେଟିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜେଡିର ବରିଷ୍ଠ ନେତା ସଂଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ମାନ୍ୟବର ସାଂସଦ ମାନସ ମଙ୍ଗରାଜ, ମାନ୍ୟବର ବିଧାୟକ ସଂଜୀବ ମଲ୍ଲିକ, ସୁଶାନ୍ତ ରାଉତ, ବିଶ୍ୱ ରଂଜନ ମଲ୍ଲିକ, ଧ୍ରୁବଚରଣ ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଭେଟିଥିଲେ । ନବୀନ ପଟ୍ଟନାୟକଙ୍କ ବଡ ଭାଇ ପ୍ରେମ ପଟ୍ଟନାୟକ ଓ ନବୀନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଟିମ୍ ସହିତ ମଧ୍ୟ ଭେଟି ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଖୁବଶୀଘ୍ର ନବୀନ ପଟ୍ଟନାୟକ ସଂପୂର୍ଣ୍ଣ ସୁସ୍ଥ ହୋଇ ଓଡିଶାକୁ ଜୁଲାଇ ପ୍ରଥମ ସପ୍ତାହରେ ଫେରିବେ ବୋଲି ଦଳର ଉପସଭାପତି ତଥା ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ସଂଜୟ କୁମାର ଦାସବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ସମ୍ବିଧାନ ହତ୍ୟା ଦିବସ ପାଳିତ

ଭଦ୍ରକ, (ସବ୍ୟୁ) :ସଦର ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲିପ୍ ରାଉତରାୟଙ୍କ ଦ୍ୱାରା ପତାକା ହଲାଇ ୫ଟି ସୁସୋଜିତ ଗାଡ଼ିରେ ସମ୍ବିଧାନ ହତ୍ୟା ଦିବସ ଉପଲକ୍ଷେ ଜିଲ୍ଲାରୁ ୩୦ଜଣିଆ ପ୍ରତିନିଧିଙ୍କ ସହିତ ୨ଜଣ ମିଶା କାରାବନ୍ଦୀ ବାସୁଦେବପୁର ବ୍ଲକ୍‌ର କମଳାକାନ୍ତ ସାହୁ ଓ ଧାମନଗର ବ୍ଲକର ଦ୍ୱୀଦେଶ୍ କୁମାର୍ ଦେବତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ହେବା ପାଇଁ ପ୍ରେରଣ କରାଯାଇଅଛି । ଏଇ କାଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡେପୁଟୀ କଲେକଟର ତଥା ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଏବଂ ସହଯୋଗ କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିଂ । ଏସ୍କର୍ଟ ଅଧିକାରି ଭାବରେ ସହାୟକ ଜିଲ୍ଲାପାଳ ଶାଶ୍ୱତ କୁମାର ପଟ୍ଟନାୟକ ଭୁବନେଶ୍ୱର ଗସ୍ତ କରିଛନ୍ତି ।

# ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ନିରଞ୍ଜନ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର, (ସବ୍ୟୁ): ସମାଜ ଖବରକାଗଜର ପୂର୍ବତନ ସମ୍ପାଦକ, ପ୍ରକାଶକ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କର ବିୟୋଗରେ 'ବିଶ୍ୱଓଡ଼ିଆ ପରିବାର' ତରଫରୁ ଆଜି ଭୁବନେଶ୍ୱର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପରିବାରର ଅଧକ୍ଷ ସଜ୍ଜନ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ନିଜର ମହାନ କାର୍ଯ୍ୟ ପାଇଁ ସ୍ୱର୍ଗତ ରଥ ଚିରସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ କହିଥିଲେ । ଜଣେସାଧାରଣ ମଣିଷ, ମିଷ୍ଟଭାଷୀ, ପରୋପକାରୀ ତଥା ବିଭିନ୍ନସ୍ତରରେ ଉଚ୍ଚ ପଦବୀରେ ଥାଇ ମଧ୍ୟ ତାଙ୍କର ଜୀବନ ଶୈଳୀ ଥିଲା ଅତ୍ୟନ୍ତ ସରଳ । ବିଶେଷ କର 'ବିଶ୍ୱଓଡ଼ିଆ ପରିବାର' ସହିତ ତାଙ୍କର ସମ୍ପର୍କ ଅତି ନିବିଡ଼ ଥିଲା ।

ଅନୁଷ୍ଠିତ ସ୍ମୃତି ସଭାରେଡଃ ପ୍ରୀତି ପ୍ରତିଭା ଭୋଳ, ରୀନା ରଥ, ଅପର୍ଣ୍ଣା ନାୟକ, ଆରତୀ ମିଶ୍ର, ସଂଗୀତ ମାଝୀ, ରାଜ ମିତ୍ରା ପ୍ରହରାଜ, ରାଜ ମିତ୍ରା ପ୍ରହରାଜ, ସ୍ୱାଗତିକା ଧଳ, କୁଳମଣୀ ରାଉତ, ଡଃ ହାଡ଼ିବନ୍ଧୁ ପାଣିଗ୍ରାହୀ, ସାଧୁଚରଣ ବେହେରା, ବିଜୟ କୁମାର ସ୍ୱାଇଁ, ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ସୁବ୍ରତ ନାୟକ, ଡାକ୍ତର ପ୍ରତାପ ପାଣି ପ୍ରମୁଖ ସ୍ୱର୍ଗତ ରଥଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ ।

## ବଜାଜ ଅଟୋ ମଡେଲ ୨୯୦୩ର ଏକ ଅପଗ୍ରେଡ ଭାବରେ ଚେତକ ୩୦୦୧କୁ ଲଞ୍ଚ କଲା

ଭୁବନେଶ୍ୱର (ସବ୍ୟୁ): ଦୁଇ ଚକିଆ ଏବଂ ତିନି ଚକିଆ ଗାଡି ତିଆରି କରୁଥିବା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କମ୍ପାନୀ ବଜାଜ ଅଟୋ ଲିମିଟେଡ ଆଜି ନୂତନ ଚେତକ ୩୦୦୧ ଲଂଚ କରିଛି, ଯାହା ଅତ୍ୟନ୍ତ ଲୋକପ୍ରିୟ ମଡେଲ ଚେତକ ୨୯୦୩ର ଏକ ଅପଗ୍ରେଡ ମଡେଲ ଏବଂ ଅତ୍ୟନ୍ତ ସଫଳ ହୋଇଥିବା ଚେତକ ୩୫ ସିରିଜ ପରି ସମାନ ଅତ୍ୟାଧୁନିକ ଇଭି ପ୍ଲାଟଫର୍ମ ବ୍ୟବହାର କରାଯାଇଥିବା ଏହି ଚେତକ ୩୦୦୧ରେ ଫ୍ଲୋରବୋର୍ଡ-ମାଉଂଟେଡ ୩.୦କିଲୋୱାଟ ବ୍ୟାଟେରୀ ମଧ୍ୟ ରହିଛି ଯାହା ଅଧିକ ଷ୍ଟୋରେଜ ସ୍ପେସ ଏବଂ ରେଞ୍ଜ ବୃଦ୍ଧିକାରୀ ପ୍ରଯୁକ୍ତିବିଦ୍ୟା ସହିତ ଅଧିକ ଅଭିଜ୍ଞ ଭାବରେ ଗାଡ଼ି ଚଳାଇବାର ଅନୁଭୂତି ପ୍ରଦାନ କରେ। ଚେତକ ୩୦୦୧ ଏକ ନୂତନ ପ୍ଲାଟଫର୍ମରେ ନିର୍ମିତ, ବାସ୍ତବ ଜୀବନର ଅନୁଭୂତି ପାଇଁ ପ୍ରସ୍ତୁତ ଯଉଁଥିରେ ନୂତନ ଫ୍ଲୋରବୋର୍ଡ ବ୍ୟାଟେରୀ ଢାଂଚା ଉତମ ସ୍ଥିରତା, ଅଧିକ ସ୍ଥାନ, ନିମ୍ନ ଗୁରୁତ୍ୱାକର୍ଷଣ କେନ୍ଦ୍ର। ଏହି ବର୍ଗରେ ସର୍ବୋତମ ୧୨୭ କିଲୋମିଟର ରେଞ୍ଜ ପ୍ରଦାନ କରୁଛି। ବୃହତ ୩୫ ଲିଟର ବୁଟ ସ୍ପେସ - ହେଲମେଟଠାରୁ ଆରମ୍ଭ କରି ସଉଦା ବ୍ୟାଗ ପର୍ଯ୍ୟନ୍ତ ବିଭିନ୍ନ ଜିନିଷ ରହିପାରିବ। ଦ୍ରୁତ ଚାର୍ଜ ପାଇଁ ୭୫୦ଡ ଚାର୍ଜର - ମାତ୍ର ୩ ଘଂଟା ୫୦ ମିନିଟରେ ୦% ରୁ ୮୦% ଚାର୍ଜ ହୋଇପାରିବ ।

## ଉନ୍ନତ ସଂଚୟ ଏବଂ ସଫି ସୁବିଧା ନେଇଆସିଛି ଫ୍ଲିପକାର୍ଟ 'ପ୍ଲସ୍'

ଭୁବନେଶ୍ୱର, (ସବ୍ୟୁ) : ଭାରତର ଘରୋଇ ଇ-କମର୍ସ ବଜାର, ଫ୍ଲିପକାର୍ଟ ଏହାର ଅପଗ୍ରେଡେଡ୍ ଲୟାଲ୍ଟି ପ୍ରୋଗ୍ରାମ୍ 'ଫ୍ଲିପକାର୍ଟ ପ୍ଲସ୍' ଉନ୍ମୋଚନ କରିଛି। ଏହା ଉନ୍ନତ ସଂଚୟ ଏବଂ ସଫିଂ ସୁବିଧା ପ୍ରଦାନ କରୁଛି ଯାହା ଗ୍ରାହକମାନଙ୍କୁ ସ୍ମାର୍ଟ ଭାବରେ ସଫିଂ କରିବାକୁ ସକ୍ଷମ କରିଥାଏ। କାର୍ଯ୍ୟକ୍ରମର ମୂଳରେ ରହିଛି ସୁପରକଏନ୍, ଯାହା ହେଉଛି ପୁରସ୍କାର ମୁଦ୍ରା ଯାହା ପ୍ରଥମ ଥର ପାଇଁ ସମସ୍ତ ଫ୍ଲିପକାର୍ଟ ଉତ୍ପାଦରେ ଅତିରିକ୍ତ ୫% ରିହାତି ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମ ଅତିରିକ୍ତ ବ୍ୟାଙ୍କ ଅଫର, ସମସ୍ତ ପ୍ରମୁଖ ସଫିଂ ଇଭେଂଟ ପାଇଁ ସ୍ୱତନ୍ତ୍ର ଉପଲବ୍ଧତା ଏବଂ ଅର୍ଡର ପରବର୍ତୀ ସରପ୍ରାଇଜ 'ଟ୍ରିଟ୍ସ' (ଯେପରିକି ଗିଫ୍ଟ କାର୍ଡ ଏବଂ କୁପନ୍) ଭଳି ସୁବିଧା ପ୍ରଦାନ କରି ଗ୍ରାହକଙ୍କୁ ସିଧାସଳଖ ପୁରସ୍କୃତ କରୁଛି।

## ଓଡ଼ିଶାରେ ନାରୀ ଅସୁରକ୍ଷିତ

# ରାଜ୍ୟବ୍ୟାପୀ ବିଶ୍ୱବିଦ୍ୟାଳୟ, କଲେଜରେ ଛାତ୍ର ବିଜେଡିର ପ୍ରତିବାଦ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ନାରୀ ଆଉ ନାହାଁନ୍ତି ସୁରକ୍ଷିତ । ପ୍ରତ୍ୟେକ ଦିନ ନାରୀ ହେଉଛି ନିର୍ଯାତିତ । ଏହା




ବିରୋଧରେ ଆଜି(ବୁଧବାର) ରାଜ୍ୟର ସବୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ବିଜେଡ଼ିର ଛାତ୍ର ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛି

ଛାତ୍ର ସଂଗଠନର କହିବାନୁସାରେ, ଓଡ଼ିଶାରେ ନାରୀ ଅସୁରକ୍ଷିତ । ରାଜ୍ୟରେ ବଢି ଚାଲିଥିବା ମହିଳା ନିର୍ଯାତନା, ଦୁଷ୍କର୍ମ, ହତ୍ୟା ଓ ଅନ୍ୟ ଅପରାଧ ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି । ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ହେଉଥିବା ବେଳେ ଭୁବନେଶ୍ୱରର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ରଣହୁଙ୍କାର ଦେଖିବାକୁ ମିଳିଛି । ଏହି କ୍ରମରେ ଭୁବନେଶ୍ୱର ରାଜଧାନୀ କଲେଜରେ ଛାତ୍ରଛାତ୍ରୀ ଏକାଠି ହୋଇ ରାଜ୍ୟବ୍ୟାପି ମହିଳା ହିଂସାର ପ୍ରତିବାଦ କରୁଛନ୍ତି ।

ମହିଳାଙ୍କୁ ସୁରକ୍ଷା, ନ୍ୟାୟ ଓ ସମ୍ମାନ ସହ ମହିଳା ବିରୋଧୀ ଅପରାଧ ତୁରନ୍ତ ରୋକିବାକୁ ଦାବି ହୋଇଛି । ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରିବା ସହ କଳା ବ୍ୟାଜ୍ ପରିଧାନ କରି ପିକେଟିଂ କରୁଛନ୍ତି । ରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି । ଅଞ୍ଜନା ମିଶ୍ର ଘଟଣାରୁ ବଳି ଯାଇଛି ଗୋପାଳପୁର ଛାତ୍ରୀ ଗଣଦୁଷ୍କର୍ମ ଘଟଣା । ଯାହା ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ନିନ୍ଦିତ କରିଛି । ପ୍ରତିଦିନ ୧୫ରୁ ଅଧିକ ମହିଳା ଦୁଷ୍କର୍ମ ଓ ନିର୍ଯାତନାର ଶିକାର ହେଉଛନ୍ତି । ବିଜେପି ସରକାରକୁ ଆସିବ ଦିନଠାରୁ ଅସୁରକ୍ଷିତ ହୋଇପଡ଼ିଛନ୍ତି ମହିଳା । ଏହା ବିରୋଧରେ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପ୍ରତିବାଦ କରୁଛି ବିଜେଡି ।

## ଶିଶୁଭବନରେ ପାରାପିଟ୍ ଭୁଶୁଡ଼ିଲା

# ଭାଙ୍ଗିଛି ୧୦ରୁ ଅଧିକ ଗାଡି, ଘଟଣା ସ୍ଥଳରେ ଜିଲ୍ଲାପାଳଙ୍କ ଅନୁଧ୍ୟାନ



କଟକ(ସବ୍ୟୁ): ବର୍ଷା ପ୍ରଭାବରେ କଟକ ଶିଶୁଭବନ ନୂତନ କୋଠା ଦ୍ୱିତୀୟ ମହଲାର ପାରାପିଟ୍ ଭୁଶୁଡ଼ି ପଡ଼ିଛି । କୋଠାର ବାହାର ପାର୍ଶ୍ୱର ୫ ଇଞ୍ଚିଆ ଏହି ପାରାପିଟ୍ ଭାଙ୍ଗିବା ଯୋଗୁଁ ତଳେ ରହିଥିବା ୧୦ରୁ ଅଧିକ ଗାଡି ଭାଙ୍ଗିରୁଜି ଯାଇଛି । ସୌଭାଗ୍ୟବଶତଃ ଉକ୍ତ ପାରାପିଟ୍ ତଳେ କୌଣସି ବ୍ୟକ୍ତି ଆଶ୍ରୟ ନେଇନଥିଲେ । ନଚେତ୍ ଏକ ବଡଧରଣର ଅଘଟଣ ଘଟିଥାନ୍ତା । ଶିଶୁଭବନର ଏହି ନୂତନ କୋଠା ଗତ ଫେବୃୟାରୀ ମାସରୁ ରୋଗୀ ସେବାରେ ବ୍ୟବହୃତ ହେଉଥିବା ବେଳେ ଏପ୍ରିଲ ମାସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ ।

ଶିଶୁଭବନ ନୂତନ କୋଠାର ପାରାପିଟ୍ ଭୁଶୁଡ଼ିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ୧୨୭ କୋଟି ୩୫ ଲକ୍ଷ ୫୦,୫୦୯ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଇଥିଲା । ମାତ୍ର ଗୋଟିଏ ବର୍ଷ ନପୁରୁଣୁ ପାରାପିଟ୍ ଭୁଷୁଡିବା ସହ ବର୍ଷା ଜଳ ୱାର୍ଡ ଏବଂ କାଜୁଆଲିଟିରେ ପଶିଥିବା ଦେଖିବାକୁ ମିଳିଛି । ନୂତନ କୋଠାରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରୁନାହିଁ । ଯଦ୍ୱାରା ଆଜି ଲିଫ୍ଟ ଏବଂ କାଜୁଆଲିଟିରେ ବର୍ଷା ପାଣି ପ୍ରବେଶ କରିଥିଲା । ପାରାପିଟ୍ ଭାଙ୍ଗିଥିବା ଜଣାପଡ଼ିବା ପରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଘଟଣାସ୍ଥଳକୁ ଯାଇଥିଲେ । କୋଠାର ଅନ୍ୟ ପାରାପିଟ୍ ଗୁଡ଼ିକର ଅନୁଧ୍ୟାନ କରିବା ନିମନ୍ତେ ଯନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହ ବର୍ଷା ଜଳ ନିଷ୍କାସନରେ ଉପୁଜୁଥିବା ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଯନ୍ତ୍ରୀଙ୍କୁ କୁହାଯାଇଛି । ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଥିବା ବେଳେ ଏହି ଘଟଣାର ବିଭାଗୀୟ ତଦନ୍ତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି । ଅନ୍ୟପକ୍ଷରେ ଶିଶୁଭବନରେ ଏଭଳି ଅଘଟଣ ଘଟିଥିବା ବେଳେ ଅଧୀକ୍ଷକ ଉପସ୍ଥିତ ନଥିଲେ । ଏ ବାବଦରେ ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି ।

## ଦଳିତଙ୍କ ଉପରେ ଆକ୍ରମଣ, ମହିଳା ନିର୍ଯାତନା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦର ସ୍ୱର

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଜ୍ୟରେ ଦଳିତଙ୍କ ଉପରେ ଅମାନୁଷିକ ଆକ୍ରମଣ, ମହିଳା ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଓଡ଼ିଆ ଅସ୍ମିତାର ଦୂରାବସ୍ଥା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଘେରାଉ କରିଥିଲେ । ଯୁବ କଂଗ୍ରେସକର୍ମୀ ମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଲାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା । ଏହାପରେ ପୋଲିସ ସମସ୍ତ ଯୁବ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇନେଇଥିଲା । ଶ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ଭାବରେ ଭୁଷୁଡ଼ି ପଡ଼ିଛି । ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଟାଙ୍ଗି ଦିଆଗଲା । ଯଦି ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ନାରୀମାନେ ଅସୁରକ୍ଷିତ ତାହାଲେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାର ନାମକରଣ କ'ଣ ପାଇଁ କରିଥିଲେ । ଗଞ୍ଜାମ ଜିଲ୍ଲାର




ଅସୁରକ୍ଷିତ । ଗୋପାଳପୁର ଠାରେ ଯେଉଁଭଳି ଭାବରେ ଗଣଦୁଷ୍କର୍ମ ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦୁଝରରେ ଦୁଷ୍କର୍ମକରି ଜଣେ ମହିଳାଙ୍କୁ ଗଛରେ ଧରାକୋଟ ଥାନା ଅନ୍ତର୍ଗତ ସିଙ୍ଗପୁର ଗ୍ରାମରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଭାବରେ ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ କରାଗଲା ଏହା ଦୁର୍ଭାଗ୍ୟଜନକ । ଅତ୍ୟାଚାର ସେତିକିରେ ରହିଲା ନାହିଁ । ସେମାନଙ୍କୁ ଅଧାଲଣ୍ଡା କରି ନର୍ଦ୍ଦମା ପାଣି ପିଆଯାଇଥିଲା ଓ ଘାସ ମଧ୍ୟ ଖୁଆଯାଇଥିଲା । ସେମାନେ ତାଙ୍କର ଝିଅ ବିବାହରେ ଯୌତୁକ ଦେବାପାଇଁ ଗାଈ କିଣି ନେଉଥିଲା ବେଳେ କଥାକଥିତ ଗୋରକ୍ଷକ ସଂଗଠନ ସେମାନଙ୍କୁ ଗୋଚାଲାଣକାରୀ ଆଖ୍ୟା ଦେଇ ବଟି ମାଗିଦେଇଥିଲେ । ସେମାନେ ବଟି ଦେବାପାଇଁ ମନା କରିଦେବାରୁ ସେମାନଙ୍କୁ କଥାକଥିତ ଗୋ ରକ୍ଷକ ସଂଗଠନର ସଭ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯ୍ୟାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି । କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକୟାସିର ନଓ୍ୱାଜ ଯୋଗଦେଇ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସହ ଓଡ଼ିଆ ଅସ୍ମିତା ସଂକଟରେ ପଡ଼ିଛି । ପାଖାପାଖି ୯୦ ଶତକଡ଼ାରୁ ଅଧିକ ଅଣଓଡ଼ିଆ ଠିକାଦାରମାନେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଗୃହ ବିଭାଗକୁ ଚଳାଇବାପାଇଁ ଅକ୍ଷମ ମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ଯୁବ କଂଗ୍ରେସ ଦାବି କରିଛି । ଯଦି ସେ ଇସ୍ତଫା ନଦିଅନ୍ତି ତେବେ ତାଙ୍କର ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବ । କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦିପ ସାମଲ, ଅଜୟ ସାହୁ, ମହମ୍ମଦ ପରଭେଜ, ମହମ୍ମଦ ଗୁଲଫାମ, ବଟକୃଷ୍ଣ ରାଉତରାୟ, ଗୋପନ ମାର୍ଥା, ଜାଭେଦ ଅକତର ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର (ସବ୍ୟୁ): ଆଇଆରସି ଭିଲେଜ ସ୍ଥିତ ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନ ର ଦ୍ୱିବାର୍ଷିକ ସାଧାରଣ ବୈଠକ, ସଂଘ ର ସଭାପତି ଡ଼କ୍ଟର ଅରୁଣ କୁମାର ରଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ଆରମ୍ଭରେ ପହେଲଗାଁ ରେ ଆତଙ୍କବାଦୀ ଆକ୍ରମଣ ରେ, ଅହମଦାବାଦ ମର୍ମନ୍ତୁଦ ବିମାନ ଦୁର୍ଘଟଣା ରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷ ତଥା ଅଂଚଳ ର ସମସ୍ତ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ଦୁଇବର୍ଷ ପାଇଁ ବିଭିନ୍ନ ପଦବୀ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ସଭାପତି ଭାବେ ଶରତ ଚନ୍ଦ୍ର ଭଦ୍ର,ଉପସଭାପତି ଭାବେ ସଂଜୀବ କୁମାର ପତି,ସମ୍ପାଦକ ଭାବେ ଦେବାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ମହାନ୍ତି ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ପ୍ରଣବ କୁମାର ମହାନ୍ତି ଙ୍କୁ ଚୟନ କରାଯାଇଛି । ଶେଷରେ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭା ରେ ଆଇଆରସି ଭିଲେଜ ର ଶତାଧିକ ସଦସ୍ୟ ଯୋଗ ଦେଇ ଅଞ୍ଚଳ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଆତଙ୍କୀଙ୍କ ଗୁଳିରେ ପାକ୍ ମେଜର ନିହତ



ନୂଆଦିଲ୍ଲୀ: ଓ୍ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଦ୍ଧମାନଙ୍କୁ ୨୦୧୯ରେ ହେପାଜତକୁ ନେଇଥିବା ନେଇ ଦାବି କରିଥିବା ପାକିସ୍ତାନ ସେନାର ମେଜର ମୋଇଜ୍ ଆବାସ ଶାହଙ୍କ ମୃତ୍ୟୁ ହୋଇଛି । ପାକିସ୍ତାନର ଦକ୍ଷିଣ ଓ୍ୱାଜିରିସ୍ତାନ ଅଞ୍ଚଳରେ ତେହରିକ୍-ଏ-ତାଲିବାନ୍ (ଟିଟିପି) ସହିତ ଏନକାଉଣ୍ଟର ସମୟରେ ମେଜର ମୋଇଜ୍ ଆବାସ ଶାହଙ୍କ ମୃତ୍ୟୁ ହୋଇଛି ।ପାକିସ୍ତାନୀ ସେନା ଅନୁଯାୟୀ, ମେଜର ମୋଇଜ୍ ଆବାସ ଶାହଙ୍କ ନେତୃତ୍ୱରେ ପାକିସ୍ତାନୀ ସେନା ଦକ୍ଷିଣ ଓ୍ୱାଜିରିସ୍ତାନର ସରଗୋଧା ଅଞ୍ଚଳରେ ତେହରିକ୍-ଏ-ତାଲିବାନ୍ ପାକିସ୍ତାନ ବିରୋଧରେ ଏକ ଅପରେସନ୍ କରୁଥିଲା ।ଏହି ସମୟରେ, ପାକିସ୍ତାନୀ ସେନା ଏବଂ ତେହରିକ୍-ଏ-ତାଲିବାନ୍ ମଧ୍ୟରେ ଗୁଳି ବିନିମୟରେ ହୋଇଥିଲା । ଆତଙ୍କବାଦୀଙ୍କ ଗୁଳିରେ ପାକିସ୍ତାନୀ ସେନାର ମେଜର ମୋଇଜ୍ ଆବାସ ଶାହ ଏବଂ ଲାନ୍ସ ନାୟକ ଜିବ୍ରାନୁଲ୍ଲାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା ।ପାକିସ୍ତାନୀ ସେନା ଅନୁଯାୟୀ, ସ୍ପେଶାଲ୍ ସର୍ଭିସ୍ ଗ୍ରୁପ୍ (ଏସଏସଜି)ରେ ମେଜର ପଦବୀରେ ନିଯୁକ୍ତ ଥିବା ମୋଇଜ୍ ଆବାସ ଶାହ ପାକିସ୍ତାନର ଚକଓ୍ୱାଲ୍ ଜିଲ୍ଲାର ବାସିନ୍ଦା ଥିଲେ । ତାଙ୍କର ବୟସ ୩୭ ବର୍ଷ ପାଖାପାଖି ଥିବା କୁହାଯାଉଛି ।. ପାକିସ୍ତାନ ଯେଉଁ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇଥିଲା, ତାଲିମ ଦେଇଥିଲା ଏବେ ସେମାନେ ପାକିସ୍ତାନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି । ଯାହାର ସର୍ବୋତ୍ତମ ଉଦାହରଣ ହେଉଛି ତେହେରିକ୍-ଏ-ତାଲିବାନ୍ ପାକିସ୍ତାନ ।

# ଘାତକ ପରମାଣୁ କ୍ଷେପଣାସ୍ତ୍ର ବିକଶିତ କରୁଛି ପାକିସ୍ତାନ

ଓ୍ୱାଶିଂଟନ: ପାକିସ୍ତାନ ଗୁପ୍ତ ଭାବରେ ଏକ ଆନ୍ତଃମହାଦେଶୀୟ ନ୍ୟୁକ୍ଲିୟର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ) ନିର୍ମାଣ କରିବା ପାଇଁ ଦ୍ରୁତ ଗତିରେ କାମ କରୁଛି । ଯଦି ପାକିସ୍ତାନ ଏହି କ୍ଷମତା ହାସଲ କରେ, ତେବେ ଏହା ଆମେରିକା ଉପରେ ପରମାଣୁ ବୋମା ପକାଇବା ପାଇଁ ସକ୍ଷମ ଦେଶ ହୋଇଯିବ । ବୈଦେଶିକ ବ୍ୟାପାର ରିପୋର୍ଟରେ ଦାବି କରାଯାଇଛି ଯେ, ଭାରତ ସହିତ ଯୁଦ୍ଧ ପରେ, ପାକିସ୍ତାନ ଏବେ ଚୀନ୍ ସହିତ ନିଜର ପରମାଣୁ ଭଣ୍ଡାରକୁ ଆଗକୁ ବଢ଼ାଇବା ପାଇଁ କାମ କରୁଛି ।ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି, ଯଦି ପାକିସ୍ତାନ ଏପରି କ୍ଷେପଣାସ୍ତ୍ର ନିର୍ମାଣ କରେ, ତେବେ ଓ୍ୱାଶିଂଟନ ତାକୁ 'ପରମାଣୁ ଶତ୍ରୁ' ଘୋଷଣା କରିବ । ପରମାଣୁ ଅସ୍ତ୍ର ଥିବା ଯେକୌଣସି ଦେଶ, ଯାହାକୁ ଆମେରିକା ପାଇଁ ଏକ ସମ୍ଭାବ୍ୟ ବିପଦ କିମ୍ବା ଶତ୍ରୁ ବୋଲି ଅନୁମାନ କରାଯାଏ, ତାହାକୁ ସାଧାରଣତଃ ଆମେରିକା ପକ୍ଷରୁ ପରମାଣୁ ବିରୋଧୀ ବୋଲି ବିବେଚନା କରାଯାଇଥାଏ । ବର୍ତ୍ତମାନ, ରୁଷିଆ, ଚୀନ୍ ଏବଂ ଉତ୍ତର କୋରିଆକୁ ଆମେରିକାର ଶତ୍ରୁ ବୋଲି ବିବେଚନା କରାଯାଉଛି ।

ପାକିସ୍ତାନ ସର୍ବଦା ଦାବି କରିଆସୁଛି ଯେ, ଆମର ପରମାଣୁ କାର୍ଯ୍ୟକ୍ରମ କେବଳ ଭାରତକୁ ରୋକିବା ପାଇଁ ।ଏପର୍ଯ୍ୟନ୍ତ ପାକିସ୍ତାନର କ୍ଷେପଣାସ୍ତ୍ର ନୀତି ମଧ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଦୂରଗାମୀ କ୍ଷମତା ପର୍ଯ୍ୟନ୍ତ ସୀମିତ ରହିଛି । ବର୍ତ୍ତମାନ ପାକିସ୍ତାନ ପାଖରେ କୌଣସି ଆଇସିବିଏମ ନାହିଁ ।



# ପୁଣି କର୍ମଚାରୀଙ୍କୁ ଛଟେଇ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ: ପୁଣି କିଛି କର୍ମଚାରୀଙ୍କ ଛଟେଇ କରିବାକୁ ଯାଉଛି ମାଇକ୍ରୋସଫଟ । କମ୍ପାନି ଆଉ ଏକ ପର୍ଯ୍ୟାୟ ଚାକିରି କାଟଛାଣ୍ଟ ଯୋଜନା କରୁଛି । ଗତ ୧୮ ମାସ ମଧ୍ୟରେ ଏହା ହେଉଛି ମାଇକ୍ରୋସଫଟର ଚତୁର୍ଥ ପ୍ରମୁଖ ଛଟେଇ ଅଭିଯାନ । ଏହି ଛଟେଇ ଅନେକଙ୍କ ଆର୍ଥିକ ଅବସ୍ଥାକୁ ଗଭୀର ଭାବରେ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି । ଯଦିଓ କେତେ ଜଣ ଚାକିରି ହରାଇବେ ତାହାର ସଠିକ୍ ସଂଖ୍ୟା ଅସ୍ପଷ୍ଟ ରହିଛି, ତଥାପି ଏହି ପଦକ୍ଷେପ ଯଥେଷ୍ଟ ଲୋକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି ।

ଜୁନ୍ ୩୦ ରେ ମାଇକ୍ରୋସଫଟର ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ, ଆସନ୍ତା ସପ୍ତାହର ପ୍ରାରମ୍ଭରେ ଏହି ଛଟେଇ ଘୋଷଣା ହେବାର ସମ୍ଭାବନା ଅଛି । ଏହା ଏପରି ଏକ ସମୟ ଯେତେବେଳେ କମ୍ପାନୀ ସାଧାରଣତଃ ପ୍ରମୁଖ ଆଭ୍ୟନ୍ତରୀଣ ପରିବର୍ତ୍ତନ କରିଥାଏ ଏବଂ ବିଭାଗ ମଧ୍ୟରେ ଦଳଗୁଡ଼ିକୁ ପୁନଃସଂଗଠିତ କରିଥାଏ ।




ମାଇକ୍ରୋସଫଟର ଗେମିଂ କନସୋଲ, ଗେମ୍ ଡେଭଲପମେଣ୍ଟ ଷ୍ଟୁଡିଓ ଏବଂ ଗେମ୍ ପାସ୍ ଭଳି ଡିଜିଟାଲ୍ ସେବା ପରିଚାଳନା କରୁଥିବା ଏକ୍ସବକ୍ସ ବିଭାଗ ଗତ ବର୍ଷ ମଧ୍ୟରେ ଅନେକ ଥର ଛଟେଇ କରିସାରିଛି । କେବଳ ୨୦୨୩ ମସିହାରେ, ମାଇକ୍ରୋସଫଟ ଏହାର କିଛି ଗେମିଂ ସହାୟକ କମ୍ପାନୀକୁ ବନ୍ଦ କରିଦେଇଥିଲା ଏବଂ ଏକ୍ସବକ୍ସ ମଧ୍ୟରେ ପ୍ରମୁଖ କର୍ମଚାରୀ ପରିବର୍ତ୍ତନ କରିଥିଲା ।

# ଖେଡ଼୍‌ଗେ-ଥରୁର ମୁହାଁମୁହିଁ


ନୂଆଦିଲ୍ଲୀ, ୨୫।୬: ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରି ଏକ ଲେଖା ଲେଖିବା ପରେ ଏବେ କଂଗ୍ରେସ ଭିତରେ ହିଁ ବିରୋଧୀର ଶିକାର ହେଉଛନ୍ତି। କଂଗ୍ରେସ ସଭାପତି ମଲିକାର୍ଜୁନ ଖଡଗେ ନାଁ ନନେଇ ଥରୁରଙ୍କୁ କଟାକ୍ଷ କରିଛନ୍ତି। ଥରୁର ମଧ୍ୟ ତୁରନ୍ତ ସୋସିଆଲ ମିଡ଼ିଆରେ ଏହାର ଜବାବ ଦେଇଛନ୍ତି।

ଖଡଗେ କହିଥିଲେ ଯେ ସେ ଇଂରାଜୀ ବୁଝନ୍ତି ନାହିଁ। ତାଙ୍କର (ଥରୁର) ଭାଷା ଉପରେ ଭଲ ନିୟନ୍ତ୍ରଣ ରହୁଛି। ଏଥିଲାଗି ତାଙ୍କୁ ସିଡବ୍ଲ୍ୟୁସିରେ ରଖାଯାଇଛି। ଆମେ ଭାରତୀୟ ସେନାକୁ ସମର୍ଥନ ଦେଇଥିଲୁ। ଆମେ କହିଥିଲୁ ଯେ ଦେଶ ପ୍ରଥମ ଆସେ, କିଛି ଲୋକେ ବିଶ୍ୱାସ କରନ୍ତି ଯେ ମୋଦି ପ୍ରଥମେ ଆସନ୍ତି। ଖଡଗେଙ୍କ ଏହି ବୟନର କିଛି ଘଣ୍ଟା ପରେ ଥରୁର୍ ଏକ ପୋଷ୍ଟ କରିଛନ୍ତି। ତାଙ୍କର ପୋଷ୍ଟର ଅର୍ଥ ହେଉଛି ଯେ ଉଡିବା ପାଇଁ ଅନୁମତି ମାଗ ନାହିଁ। ଡେଣା ଆପଣଙ୍କ ଓ ଆକାଶ କାହାର ନୁହେଁ। ଏହାର ଅର୍ଥ ହେଉଛି ଯେ ଅନ୍ୟର ଅନୁମତି ନନେଇ ବ୍ୟକ୍ତି ବିଶେଷ ତାର ଲକ୍ଷ୍ୟ ହାସଲ ଲାଗି ପ୍ରୋତ୍ସାହିତ ହେବା। ପୂର୍ବରୁ ଥରୁର ଅପରେସନ୍ ସିନ୍ଦୂର ପରେ ସର୍ବଦଳୀୟ ପ୍ରତିନିଧି ଦଳରେ ନେତୃତ୍ୱ ନେଇ ବିଦେଶ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭାରତର ପ୍ରମୁଖ ସମ୍ପତ୍ତି ବୋଲି କହିଥିଲେ। ଏହାକୁ ନେଇ ଏକ ବିବାଦ ଦେଖାଦେଇଥିଲା। କଂଗ୍ରେସ ମୁଖ୍ୟ କହିଛନ୍ତି ଯେ ଅପରେସନ୍ ସିନ୍ଦୂର ସମ୍ପର୍କରେ ବିଶ୍ୱରେ ବାର୍ତ୍ତା ଦେବାର ଲକ୍ଷ୍ୟ ନୁହେଁ ଯେ ବିଜେପିର କୋଳରେ ସାମିଲ ହେବା। ଜାତୀୟ ଏକତା, ଦେଶର ସ୍ୱାର୍ଥ ଲାଗି ଭାରତ ପାଇଁ ଠିଆ ଦେବା ଆବଶ୍ୟକ। ଖଡଗେ କହିଛନ୍ତି ଯେ ବିଜେପି ଆମର ସମ୍ବିଧାନ ଯାତ୍ରାକୁ ଭୟ କରୁଛି। ୫୦ ବର୍ଷ ପୂର୍ବର ଜରୁରୀ କାଳୀନ ବିଷୟରେ କହିଛନ୍ତି। ଯେଉଁମାନଙ୍କ ପାଖରେ ବେକାରୀ, ମହଙ୍ଗା, ବିମୁଦ୍ରିକରଣ କୌଣସି ଉତ୍ତର ନାହିଁ। ସେମାନେ ମିଛକୁ ଲୁଚାଇବାକୁ ଏହି ନାଟକ କରୁଛନ୍ତି। ତେବେ ଶଶୀ ଥରୁର ତାଙ୍କ ଲେଖାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶକ୍ତି, ସକ୍ରିୟତା ଏବଂ ବିଶ୍ୱସ୍ତରରେ ଆଲୋଚନା ଉପରେ ଭାରତର ପ୍ରମୁଖ ସମ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି।



# ଭାରତ ସହ କଥାହେବାକୁ ମଧ୍ୟସ୍ଥ ଖୋଜୁଛନ୍ତି ସରିଫ

ନୂଆଦିଲ୍ଲୀ: ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଭାରତ ସହିତ କଥାବାର୍ତ୍ତା କରିବାକୁ ଏବଂ ଆତଙ୍କବାଦ, ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀର (Pକ୍ୱରଓ) ଏବଂ ବାଣିଜ୍ୟ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି । ସେ ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ ଅବଦୁଲ ଅଜିଜ୍ ଅଲ୍ ସୌଦଙ୍କୁ କହିଛନ୍ତି ଯେ ସେ ଭାରତ ସହିତ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ । ଶାହବାଜ ସରିଫ ମହମ୍ମଦ ବିନ୍ ସଲମାନଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ଏହି ସମୟରେ ସେ ସାଉଦି ଆରବକୁ କହିଥିଲେ ଯେ ପାକିସ୍ତାନ ପିଓକେ, ସିନ୍ଧୁ ଜଳ ଚୁକ୍ତି, ବାଣିଜ୍ୟ ଏବଂ ଆତଙ୍କବାଦ ଉପରେ ଭାରତ ସହିତ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ ।୨୨ ଏପ୍ରିଲ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପାକିସ୍ତାନ ବିରୁଦ୍ଧରେ କଠୋର ପଦକ୍ଷେପ ନେଇଥିଲା, ଯେଉଁଥିରେ ପାକିସ୍ତାନୀ ନାଗରିକଙ୍କୁ ତାଙ୍କ ଦେଶକୁ ଫେରାଇଦେବା, ଅଟାରୀ ଓ୍ୱାଘା ସୀମା ବନ୍ଦ କରିବା, ପାକିସ୍ତାନୀମାନଙ୍କୁ ସାର୍କ ଭିସା ଛାଡ଼ ବନ୍ଦ କରିବା, ପାକିସ୍ତାନ ହାଇକମିସନରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବ ।ଭାରତର ମତ ସ୍ପଷ୍ଟ ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ଏବଂ ପିଓକେ ସମସ୍ୟାର ସମାଧାନ ନ କରେ, ସେପର୍ଯ୍ୟନ୍ତ ଏହା ସହିତ ଅନ୍ୟ କୌଣସି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ନାହିଁ ।



# ଦିଲ୍ଲୀରେ ଭୟାବହ ଅଗ୍ନିକାଣ୍ଡ : ୪ ମୃତ

ନୂଆଦିଲ୍ଲୀ : ଦିଲ୍ଲୀର ରିଥାଲା ମେଟ୍ରୋ ଷ୍ଟେସନ୍ ନିକଟବର୍ତ୍ତୀ ଏକ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣଙ୍କର ମୃତ୍ୟୁ ଘଟିଛି। ନିଆଁକୁ ଆୟତ୍ତ କରିବା ପାଇଁ ୧୬ଟି ଦମକଳ ଗାଡିକୁ ନିୟୋଜିତ କରାଯାଇଛି। ଏହି କାରଖାନାର ଆଖପାଖ ଅଞ୍ଚଳରେ ଜନବସତି ରହିଥିବାରୁ ଅଗ୍ନିଶମ କର୍ମଚାରୀଙ୍କୁ ନିଆଁ ଲିଭାଇବାକୁ ନାକେଦମ ହେବାକୁ ପଡିଛି । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ମୃତକମାନଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲକୁ ନେଇଛି । ସେମାନଙ୍କୁ ଚିହ୍ନଟ କରାଯାଇଛି । ଏହି ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବହୁତଳ ବିଶିଷ୍ଟ ଏହି କୋଠାରେ କାରଖାନା ଚାଲିଥିଲା ।

## କଏଦୀଙ୍କୁ ମୁକ୍ତ କରିବାରେ ବିଳମ୍ବ

# ୟୁପି ସରକାରଙ୍କୁ ୫ ଲକ୍ଷର ଜରିମାନା

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ଶୁକ୍ରବାର (ଜୁନ୍ ୨୭, ୨୦୨୫) ସୁଦ୍ଧା କଏଦୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏହି ମାମଲାର ତଦନ୍ତ ଗାଜିଆବାଦର ପ୍ରମୁଖ ଜିଲ୍ଲା ବିଚାରପତିଙ୍କୁ ହସ୍ତାନ୍ତର କରି କହିଛନ୍ତି, "ଯଦି ତଦନ୍ତରେ କୌଣସି ଅଧିକାରୀ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କଠାରୁ କ୍ଷତିପୂରଣ ରାଶି ଆଦାୟ କରାଯିବ ।' ଘଟଣାଟି ହେଉଛି ୨୦୨୪ ଜାନୁଆରି ୩ ତାରିଖରେ ଗାଜିଆବାଦର ଓ୍ୱେଭ୍ ସିଟି ପୁଲିସ ଷ୍ଟେସନରେ ଆଫତାବ ନାମକ ଜଣେ ବ୍ୟକ୍ତିଙ୍କ ବିରୋଧରେ ଆଇପିସିର ଧାରା ୩୬୬ (ନାବାଳିକା ଝିଅକୁ ଅପହରଣ) ଏବଂୟୁପି ଅବୈଧ ଧର୍ମାନ୍ତରୀକରଣ ନିଷେଧ ଆଇନର ଧାରା ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା । ସୁପ୍ରିମକୋର୍ଟ ୨୦୨୫ ଏପ୍ରିଲ ୨୯ରେ ଆଫତାବଙ୍କ ଜାମିନ ପାଇଁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ତାଙ୍କୁ ମୁକ୍ତ କରାଯାଇ ନଥିଲା ।ଏହାପରେ ଆଫତାବ ଏକ ଆବେଦନ ଦାଖଲ କରି କହିଥିଲେ," ଯେ ଜେଲର ତାଙ୍କୁ ବୈଷୟିକ ଆଧାରରେ ମୁକ୍ତ କରିବାକୁ ମନା କରି ଦେଇଛନ୍ତି । ମଙ୍ଗଳବାର ସୁପ୍ରିମକୋର୍ଟ କହିଥିଲେ ଯେ ଗାଜିଆବାଦ ଜେଲର ଜୁନ ୨୫ ବୁଧବାର ଦିନ ବ୍ୟକ୍ତିଗତ ଭାବରେ କୋର୍ଟରେ ହାଜର ହେବା ଉଚିତ । ଉତ୍ତର ପ୍ରଦେଶର ଜେଲ ମହାନିର୍ଦ୍ଦେଶକ ମଧ୍ୟ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଣାଣିରେ ଉପସ୍ଥିତ ରହିବା ଉଚିତ ।

ବୁଧବାର ଶୁଣାଣି ଆରମ୍ଭ ହେବା ମାତ୍ରେୟୁପି ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଗରିମା ପ୍ରସାଦ କୋର୍ଟଙ୍କୁ କହିଥିଲେ ଯେ," କଏଦୀ ଅଫତାବଙ୍କୁ ଗତ ମଙ୍ଗଳବାର ରାତି ୮.୪୦ ରେ ମୁକ୍ତ କରାଯାଇଥିଲା । ଗରିମା ପ୍ରସାଦ କଏଦୀଙ୍କୁ ବିଳମ୍ବରେ ମୁକ୍ତ କରିବାର କାରଣକୁ ବ୍ୟାଖ୍ୟା କରି କହିଥିଲେ ଯେ ଏପ୍ରିଲ ୨୯ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କଏଦୀ ମଇ ୨୭ରେ ଜାମିନ ବଣ୍ଡ ଏବଂ ଜାମିନଦାର ଦାଖଲ କରିଥିଲେ । ଏହାପରେ ମଇ ୨୭ରେ ନିମ୍ନ ଅଦାଲତ ଦ୍ୱାରା ଅଫତାବଙ୍କୁ ମୁକ୍ତ କରିବାର ନିର୍ଦ୍ଦେଶ ଜାରି କରାଯାଇଥିଲା, କିନ୍ତୁ ଏହି ନିର୍ଦ୍ଦେଶରେ ଆଇନର ଏକ ଉପ-ଧାରାର ଉଲ୍ଲେଖ ନଥିଲା । ତେଣୁ ମଇ ୨୮ରେ ଜେଲର ନିମ୍ନ ଅଦାଲତକୁ ନିର୍ଦ୍ଦେଶ ସଂଶୋଧନ କରିବାକୁ ଅନୁରୋଧ କରିଥିଲେ । ନିମ୍ନ ଅଦାଲତ ଏପରି କରିବାରେ ବିଳମ୍ବ କରି ଦେଇଥିଲେ ।

# ହସିନାଙ୍କୁ ଫାଶୀ ବିବାଦ : ବାଂଲା ଟ୍ରିବ୍ୟୁନାଲ୍ ଆଇନଜୀବୀଙ୍କୁ ବହିଷ୍କାର କଲେ

ଢାକା: ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି-ବିଡି) ଏକ ବିବାଦ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପାଇଁ ନିଯୁକ୍ତ ରାଜ୍ୟ ପ୍ରତିରକ୍ଷା ଆଇନଜୀବୀଙ୍କୁ ହଟାଇ ଦେଇଛନ୍ତି । ଆଇନଜୀବୀ ଅମିନୁଲ୍ ଗନି ଟିଟୁଙ୍କୁ ସମ୍ପ୍ରତି ଶେଖ ହସିନାଙ୍କ ପାଇଁ ସରକାରୀ ଆଇନଜୀବୀ ଭାବରେ ନିଯୁକ୍ତ କରାଯାଇଥିଲା । କିନ୍ତୁ ତାଙ୍କର ଏକ ପୁରୁଣା ଫେସବୁକ୍ ପୋଷ୍ଟ ଯୋଗୁ ବିବାଦ ସୃଷ୍ଟି ହୋଇଛି ।ଯେଉଁଥିରେ ସେ ହସିନାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ ।

ଏହି ଘଟଣା ଏପରି ଏକ ସମୟରେ ଆସିଛି ଯେତେବେଳେ ଶେଖ ହସିନାଙ୍କ ଆଓ୍ୱାମୀ ଲିଗ୍ ସରକାର ପ୍ରାୟ ୧୬ ବର୍ଷ ଧରି କ୍ଷମତାରେ ଥିଲା । ଗତବର୍ଷ ଏକ ହିଂସାତ୍ମକ ଛାତ୍ର ଆନ୍ଦୋଳନ ପରେ ୫ ଅଗଷ୍ଟ, ୨୦୨୪ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ହସିନା ଦେଶ ଛାଡିବାକୁ ବାଧ୍ୟ ହୋଇଥିଲେ । ଶେଖ ହସିନା ବର୍ତ୍ତମାନ ଭାରତରେ ଅଛନ୍ତି, ଯେତେବେଳେ ତାଙ୍କର ଅନେକ ସହଯୋଗୀ, ପୂର୍ବତନ ମନ୍ତ୍ରୀ ଏବଂ ଅଧିକାରୀ ଦେଶ ଛାଡି ସାରିଛନ୍ତି କିମ୍ବା ଜେଲରେ ଅଛନ୍ତି ।

ନିଯୁକ୍ତିର ଗୋଟିଏ ଦିନ ପରେ ଟ୍ରିବ୍ୟୁନାଲ୍ ଟିଟୁଙ୍କୁ ପଦରୁ ହଟାଇ ଦେଇଥିଲେ । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟିଟୁ ସ୍ୱୀକାର କରିଥିଲେ ଯେ, ସେ ଶେଖ ହସିନାଙ୍କୁ କ୍ଷମତାରୁ ବାହାର କରିବାର କିଛି ଘଣ୍ଟା ପୂର୍ବରୁ ୫ ଅଗଷ୍ଟ ୨୦୨୪ରେ ଏକ ଫେସବୁକ୍ ପୋଷ୍ଟରେ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ । ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ, ଯଦି ତାଙ୍କୁ ତାଙ୍କ କାମ ଜାରି ରଖିବାକୁ ଅନୁମତି ଦିଆଯାଏ, ତେବେ ସେ ଏହାକୁ ବୃତ୍ତିଗତ ଭାବରେ କରିଥାନ୍ତେ ।


ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ଏବେ ଶେଖ ହସିନାଙ୍କ ପାଇଁ ନୂତନ ରାଜ୍ୟ ପ୍ରତିରକ୍ଷା ଆଇନଜୀବୀ ଭାବରେ ଆଇନଜୀବୀ ଆମିର ହୁସେନଙ୍କୁ ନିଯୁକ୍ତ କରିଛନ୍ତି । ଏହା ସହିତ, ହସିନା ସରକାରରେ ଗୃହମନ୍ତ୍ରୀ ଥିବା ଅସଦୁଜ୍ଜମାନ ଖାନ କମଲଙ୍କୁ ମଧ୍ୟ ସମାନ ମାମଲାରେ ରାଜ୍ୟ ଦ୍ୱାରା ନିଯୁକ୍ତ ଆଇନଜୀବୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଶେଖ ହାସିନାଙ୍କ ବିରୁଦ୍ଧରେ ଜୁଲାଇ-ଅଗଷ୍ଟ ୨୦୨୪ ମଧ୍ୟରେ ମାନବତା ବିରୋଧୀ ଅପରାଧ, ଗଣହତ୍ୟା ଏବଂ ବଳପୂର୍ବକ ଲୋକଙ୍କୁ ନିଖୋଜ କରାଯାଇଥିବା ଅଭିଯୋଗ ଆସିଛି । ଏହି ଅଭିଯୋଗ ଅନୁଯାୟୀ ତାଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହୋଇଛି । ୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧ ସମୟରେ ହୋଇଥିବା ଯୁଦ୍ଧ ଅପରାଧର ବିଚାର ପାଇଁ ୨୦୧୦ ମସିହାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରାଯାଇଥିଲା । ସେତେବେଳେ, ଟ୍ରିବ୍ୟୁନାଲଟି ପାକିସ୍ତାନୀ ସାମରିକ ବାହିନୀ ଏବଂ ସେମାନଙ୍କର ସ୍ଥାନୀୟ ସହଯୋଗୀମାନଙ୍କୁ ଦଣ୍ଡିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ବର୍ତ୍ତମାନ ଟ୍ରିବ୍ୟୁନାଲ ଶେଖ ହସିନା ଏବଂ ତାଙ୍କ ସରକାରଙ୍କ ଅଧିକାରୀଙ୍କ ବିରୁଦ୍ଧରେ ନୂତନ ମାମଲା ଶୁଣାଣି କରୁଛି



# ଦ୍ୱିତୀୟ ବିବାହ କରିବେ ଆମାଜନ ମାଲିକ

ଭେନିସ୍: ଆମାଜନ ମାଲିକ ଏବଂ ବିଶ୍ୱର ତୃତୀୟ ସବୁଠାରୁ ଧନୀ ବ୍ୟକ୍ତି ଜେଫ୍ ବେଜୋସ୍ ଦ୍ୱିତୀୟ ଥର ପାଇଁ ବିବାହ କରିବାକୁ ଯାଉଛନ୍ତି । ସେ ତାଙ୍କ ଗର୍ଲଫ୍ରେଣ୍ଡ ଲରେନ୍ ସାଞ୍ଚେଜ୍‌ଙ୍କୁ ବିବାହ କରିବେ । ଏହି ବିବାହ ଇଟାଲୀର ସୁନ୍ଦର ସହର ଭେନିସରେ ହେବାକୁ ଯାଉଛି, ଯାହାକୁ 'ଶତାବ୍ଦୀର ସବୁଠାରୁ ବଡ଼ ଧରଣର ଭବ୍ୟ ବିବାହ ବୋଲି କୁହାଯାଉଛି । ୬୧ ବର୍ଷୀୟ ଜେଫ୍ ବେଜୋସ୍ ଏବଂ ତାଙ୍କ ୫୫ ବର୍ଷୀୟ ଗର୍ଲଫ୍ରେଣ୍ଡ ଲରେନ୍ ସାଞ୍ଚେଜ୍ ଚଳିତ ସପ୍ତାହରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ଏହି ବିବାହ ଜୁନ୍ ୨୮ ମଧ୍ୟରେ ଅନୁଷ୍ଠିତ ହେବ ।ଏହି ମେଗା ଇଭେଣ୍ଟରେ ବ୍ୟବସାୟ, ରାଜନୀତି, ହଲିଉଡ୍ ଏବଂ ଅର୍ଥ ଜଗତର ୨୦୦-୨୫୦ ଜଣ ଭିଆଇପି ଅତିଥି ଯୋଗଦେବେ ।



କିନ୍ତୁ ସ୍ଥାନୀୟ ଲୋକମାନେ ଏହା ଜାଣିବା ମାତ୍ରେ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲେ । 'ନୋ ସ୍ପେସ୍ ଫର୍ ବେଜୋସ୍' ଅଭିଯାନ ମାଧ୍ୟମରେ ପ୍ରତିବାଦକାରୀମାନେ ରାସ୍ତା, କେନାଲ ଏବଂ ସେତୁରେ ହଙ୍ଗାମା କରିବା ଆରମ୍ଭ କରିଥଲେ । ଫଳସ୍ୱରୂପ, ବେଜୋସ୍‌ଙ୍କୁ ତାଙ୍କ ବିବାହ ସ୍ଥାନ ପରିବର୍ତ୍ତନ କରିବାକୁ ପଡିଥିଲା । ଏବେ ଏହି ବିବାହ ଭେନିସ୍ର ପୂର୍ବ କାଷ୍ଟେଲୋ ଜିଲ୍ଲାରେ ଅବସ୍ଥିତ ଆର୍ସେନାଲରେ ହେବ । ଏହା ୧୪ ଶତାବ୍ଦୀର ଏକ ବିଶାଳ କମ୍ପ୍ଲେକ୍ସ, ଯାହାର ଚାରିପାଖ ପାଣି ଏବଂ ସୁଦୃଢ଼ କାନ୍ଥ ଦ୍ୱାରା ଘେରି ରହିଛି ।

# ଚୀନ୍ ସହିତ ସମ୍ପର୍କ ଭାଙ୍ଗିଲା ଆଇଫୋନ କମ୍ପାନି !

## ଭାରତରେ ୨୨ ବିଲିୟନ ଡଲାର ନିବେଶ ହେବ

ବେଜିଂ: ବିଶ୍ୱର ସର୍ବବୃହତ ଇଲେକ୍ଟ୍ରୋନିକ୍ସ ଉତ୍ପାଦନକାରୀ କମ୍ପାନି ଫକ୍ସକନ୍ ଯାହାକୁ ହୋନ୍ ହାଇ ମଧ୍ୟ କୁହାଯାଇଥାଏ, ଏବେ ଭାରତ ଏବଂ ଆମେରିକାରେ ୨.୨ ବିଲିୟନରୁ ଅଧିକ ନିବେଶ କରିବାକୁ ନିଷ୍ପତ୍ତି ନେଇଛି । କମ୍ପାନି ଆଇଫୋନ୍ ଏବଂ ଏହାର ବିଭିନ୍ନ ପାର୍ଟସ୍ ତିଆରି କରିବା ପାଇଁ ଭାରତରେ ଏକ ବଡ଼ କାରଖାନା ସ୍ଥାପନ କରିବାକୁ ଯାଉଛି । ସେହିପରି ଡାଟା ସେଣ୍ଟର ଏବଂ ସର୍ଭର ଆସେମ୍ବଲି ପାଇଁ ଆମେରିକାରେ ଏକ ନୂତନ କମ୍ପାନି ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି ।ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି ଯେତେବେଳେ ବାଣିଜ୍ୟକୁ ନେଇ ଆମେରିକା ଏବଂ ଚୀନ୍ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି । ଫକ୍ସକନ୍ ଏବେ ଧୀରେ ଧୀରେ ଚୀନରୁ ନିଜର କାରଖାନା ସ୍ଥାନାନ୍ତର କରୁଛି ଏବଂ ଭାରତକୁ ନୂତନ ଉତ୍ପାଦନ ସ୍ଥାନ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରୁଛି ।

ଫକ୍ସକନ୍ ତାଇଓ୍ୱାନ ଅନୁଯାୟୀ, ଫକ୍ସକନ୍ ଦୁଇଟି ପ୍ରମୁଖ ନିବେଶ ପାଇଁ ତାଇଓ୍ୱାନ ସରକାରଙ୍କ ଅର୍ଥନୈତିକ ବ୍ୟାପାର ମନ୍ତ୍ରଣାଳୟଠାରୁ ଅନୁମୋଦନ ପାଇଛି । ଏହି ନିବେଶ ମଧ୍ୟରୁ ଗୋଟିଏ ପ୍ରାୟ ୧.୪୯ ବିଲିୟନ, ଯାହା ଫକ୍ସକନକୁ ସିଙ୍ଗାପୁରୟୁନିଟ୍ ମାଧ୍ୟମରେ ଭାରତରେ ନିବେଶ କରାଯିବ । ଏହି ଟଙ୍କା ଫକ୍ସକନକୁ ଭାରତୀୟ କମ୍ପାନିୟୁଜାହାନ୍ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ନିବେଶ କରାଯିବ ।

ଫକ୍ସକନ୍ ପୂର୍ବରୁ ଭାରତରେ ଆଇଫୋନ୍ ଆସେମ୍ବ୍ଲି କରୁଛି କିନ୍ତୁ ଏବେ କମ୍ପାନି ଏଠାରେ ଆଇଫୋନର ଜରୁରୀ ଅଂଶ ତିଆରି କରିବାକୁ ପ୍ରସ୍ତୁତ ହେଉଛି । ମେ' ମାସରେ, କମ୍ପାନି ୧.୫ ବିଲିୟନ ଡଲାର ଖର୍ଚ୍ଚ କରି ଚେନ୍ନାଇ ନିକଟରେ ଏକ ନୂତନ ଯନ୍ତ୍ରପାତି ଉତ୍ପାଦନ କାରଖାନା ଖୋଲିବାକୁ ଘୋଷଣା କରିଥିଲା । ଏହି ସମ୍ପୂର୍ଣ୍ଣ ନିବେଶକୁ ଭାରତକୁ ବିଶ୍ୱର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ବିବେଚନା କରାଯାଉଛି ।

ଫକ୍ସକନ୍ ଏବେ ଆମେରିକାରେ ମଧ୍ୟ ନିଜର ସ୍ଥିତିକୁ ମଜବୁତ କରିବାକୁ ନିଷ୍ପତ୍ତି ନେଇଛି । କମ୍ପାନିକୁ ତାଇଓ୍ୱାନ ସରକାରଙ୍କଠାରୁ ୩୭୫ ନିୟୁତ ଡଲାର ନିବେଶ ପାଇଁ ଅନୁମୋଦନ ମିଳିଛି ।



# ସେମି ଦୌଡରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ

ମୁମ୍ବାଇ, ୨୫।୬(ଏଜେନ୍ସି) : ଜିଏମଆର୍ ରଗ୍‌ବୀ ପ୍ରିମିୟର ଲିଗ୍‌ର ୨୩ତମ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପ୍ରଭାବଶାଳୀ ପ୍ରଦର୍ଶନ କରି ମୁମ୍ବାଇ ଡ୍ରିମ୍ସକୁ ୩୩-୫ ବ୍ୟବଧାନରେ ପରାସ୍ତ କରିଛି। ଏହି ପୂର୍ଣ୍ଣାଙ୍ଗ ବିଜୟ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ବୋନସ୍ ପଏଣ୍ଟ ସହ ବ୍ଲାକ୍ ଟାଇଗର୍ସ ସେମିଫାଇନାଲ୍ ଦୌଡରେ ରହିଛି। ଏ ପର୍ଯ୍ୟନ୍ତ ଦଳ ଖେଳିଥିବା ୮ ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରିଛି। ଆଉ ଗୋଟିଏ ପଏଣ୍ଟ ହାସଲ କରିପାରିଲେ ଦଳ ଶ୍ରେଷ୍ଠ ୪ରେ ପହଞ୍ଚିଯିବ। ଲିଗ୍ ପର୍ଯ୍ୟାୟରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଆଉ ଦୁଇଟି ମ୍ୟାଚ୍ ଖେଳିବ। ଯଦି ଏଥିରେ ଦଳ ବିଜୟ ହୁଏ ତେବେ ସେମିଫାଇନାଲ୍ ସମ୍ଭାବନା ନିଶ୍ଚିତ ହେବ। ପୂର୍ବ ମ୍ୟାଚ୍‌ରେ ମୁମ୍ବାଇ ଡ୍ରିମ୍ସ ଏବଂ କଳିଙ୍ଗ ବ୍ଲାକ୍ ଟାଇଗର୍ସ ମଧ୍ୟରେ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ସହ ୧୭-୧୭ ରେ ଅମିମାଂସିତ ରହିଥିଲା। ସେହି ଫଳାଫଳ ଟାଇଗର୍ସ ଦଳକୁ ମଜଭୁତ ଭାବେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବଳ ଯୋଗାଇଥିଲା।

ମ୍ୟାଚ୍‌ର ଶେଷ ମୂହୂର୍ତ୍ତଗୁଡିକ ବେଶ୍ ରୋମାଞ୍ଚକର ଥିଲା। ଆମେରିକୀୟ ତାରକା ଲୁକାସ୍ ଦୁଇଟି ପ୍ରୟାସ କରିଥିଲେ। ଉଭୟଙ୍କୁ ମରିସ ଲଙ୍ଗବଟମ୍ ରୂପାନ୍ତରିତ କରିଥିଲେ। ପ୍ରଥମଟି ଏକ ଦମଦାର ଆକ୍ରମଣ ପ୍ରଚେଷ୍ଟାରୁ ଆସିଥିବା ବେଳେ ଦ୍ୱିତୀୟ ଲଙ୍ଗବଟମ୍ ନିଜ ଦକ୍ଷତା ସହାୟତାରେ ପଏଣ୍ଟ ହାସଲ କରିଥିଲେ। ୩୩-୫ ଅଗ୍ରଣୀ ସହିତ କେବିଟି ତାର ପୂର୍ବ ଡ୍ରର କେବଳ ପ୍ରତିଶୋଧ ନେଇଥିଲା। ତା ସହିତ ଅଧିପତ୍ୟ ବିସ୍ତାରକାରୀ ଢଙ୍ଗରେ ଆଗକୁ ବଢିଥିଲା। କଳିଙ୍ଗ ବ୍ଲାକ୍ ଟାଇଗର୍ସ ପରବର୍ତ୍ତୀ ମ୍ୟାଚ୍‌ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟସ୍‌କୁ ୨୫ ତାରିଖରେ ଭେଟିବ।



# ଜାତୀୟ ଆକ୍ୱାଟିକ୍ : ସୃଷ୍ଟିଙ୍କୁ ବ୍ରୋଞ୍ଜ୍

ଭୁବନେଶ୍ୱର,୨୫।୬ (ସବ୍ୟୁ) : ୭୮ ତମ ଜାତୀୟ ଆକ୍ୱାଟିକ୍ ଚାମ୍ପିଅନ୍‌ସିପ୍‌ରେ ଓଡିଶାର ସୃଷ୍ଟି ଉପାଧ୍ୟାୟ ନିଜର ଦ୍ୱିତୀୟ ପଦକ ଜିତିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍ କେନ୍ଦ୍ରରେ ଅନୁଷ୍ଠିତ ମହିଳା ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ୨୩ ବର୍ଷୀୟ ଏହି ଖେଳାଳି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ତାଙ୍କୁ ବ୍ରୋଞ୍ଜ୍ ପଦକ ପ୍ରଦାନ କରିଥିଲେ। ପୂର୍ବରୁ ୧୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ନୂଆ ଟିମ୍, ପୁରୁଣା ସମସ୍ୟା



ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି) : ଶୁଭମନ ଗିଲ୍ ଅଧିନାୟକ ଭାବେ ଭାରତୀୟ ଦଳର ମଙ୍ଗ ଧରି ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଲିଡ୍ସ ପ୍ରଥମ ଟେଷ୍ଟରେ ଭାରତ ଉଚ୍ଚକୋଟିର ପ୍ରଦର୍ଶନ ସତ୍ତ୍ୱେ ବିଜୟ ହାତଛଡ଼ା କରିଛି। ଏହି ମ୍ୟାଚ୍‌କୁ ଭାରତ ଅତି ସହଜରେ ଜିତିପାରିଥାନ୍ତା। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଭାରତ ନିହାତି ଜିତିବାର ଥିଲା। ଦୁଇ ଇନିଂସରେ ଭାରତ ୮୦୦ରୁ ଅଧିକ ରନ କରିଥିଲା। ୪ ଜଣ ବ୍ୟାଟର ୫ଟି ଶତକ ହାସଲ କରିଥିଲେ। ନିଜର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ୫ ୱିକେଟ ମଧ୍ୟ ନେଇଥିଲେ। ତଥାପି ଭାରତ ମ୍ୟାଚ୍ ହାତଛଡ଼ା କରିଛି। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଟେଷ୍ଟ କ୍ରିକେଟର ନୂଆ ଯୁଗ ଆରମ୍ଭ ହୋଇଛି। କିନ୍ତୁ ଭାରତୀୟ ଦଳ ନିଜର ପୁରୁଣା ଦୁର୍ବଳତା ପାଇଁ ପ୍ରଥମ ଟେଷ୍ଟ ହାରିଛି। ଇଂଲଣ୍ଡ ବେଶ୍ ଚମତ୍କାର ଢଙ୍ଗରେ ୩୭୧ ରନର ଟାର୍ଗେଟ୍‌କୁ ଶେଷ ଦିନରେ ହାସଲ କରିନେଇଥଲା। ଫଳରେ ଇଂଲଣ୍ଡ ଦଳ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ୧-୦ରେ ଆଗୁଆ ହୋଇଛି।

ଆକ୍ରାମକ ଶୈଳୀର କ୍ରିକେଟ ପାଇଁ ପରିଚିତ ଇଂଲଣ୍ଡ ଟେଷ୍ଟ ଇତିହାସର ଦ୍ୱିତୀୟ ସର୍ବାଧିକ ରନ ଚେଜ୍‌କୁ ହାସଲ କରିନେଇ କୀର୍ତ୍ତିମାନ ରଚିଛି। ବାଜ୍ ବଲ୍ କ୍ରିକେଟ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଇଂଲଣ୍ଡ ଶେଷ ଦିନରେ ୩୫୦ ରନ ହାସଲ କରି ଭାରତକୁ ୫ ୱିକେଟରେ ଧରାଶାୟୀ କରିଥିଲା। ମ୍ୟାଚ୍‌ର ଅସଲ ମୋଡ଼ରେ ଭାରତ ତ୍ରୁଟି କରିବାରୁ ଇଂଲଣ୍ଡ ବାଜି ମାରିବାରେ ସଫଳ ହୋଇଛି। ବେନ୍ ଡକେଟ ଆବଶ୍ୟକ ବେଳେ ଅର୍ଥାତ ୪ର୍ଥ ଇନିଂସରେ ୧୪୯ ରନର ଇଂନିସ ଖେଳିବାରୁ ଇଂଲଣ୍ଡ ୪.୩୮ ହାରରେ ରନ ସଂଗ୍ରହ କରି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି।

ବ୍ରେଣ୍ଡନ ମ୍ୟାକ୍ ମିଲନ ଓ ବେନ୍ ଷ୍ଟୋକ୍ସ ଯୋଡ଼ିଙ୍କ ସମୟରେ ୨୫୦ କିମ୍ବା ତା'ଠୁ ଅଧିକ ରନ୍‌କୁ ବେଶ୍ ସଫଳତାର ସହ ହାସଲ କରିନେଇଛି। ଟେଷ୍ଟ କ୍ରିକେଟରେ ରନ୍‌କୁ ପିଛା କରି ଜିତିବା ପାଇଁ ଇଂଲଣ୍ଡ ସବୁବେଳେ ଚାହେଁ। ତାହା ମଧ୍ୟ ଲିଡ୍ସ ଟେଷ୍ଟରେ ପ୍ରମାଣିତ ହୋଇଛି। ଭାରତ ମ୍ୟାଚ୍‌ରେ ୫ ସ୍ପେଶାଲିଷ୍ଟ ବୋଲରଙ୍କୁ ନଖେଳାଇବାର ପରିଣାମ ଏବେ ସାମ୍ନାକୁ ଆସିଛି। ଏପରି ହୋଇଥିଲେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କ ଉପରେ ଚାପ କମିଥାନ୍ତା। ନିଜର ପ୍ରଥମ ଟେଷ୍ଟ ଅଧିନାୟକତ୍ୱରେ ଶୁଭମନ ଗିଲ୍‌ଙ୍କ ଲାଗି ସମ୍ପୂର୍ଣ୍ଣ ୫ ଦିନ ବେଶ୍ ରୋମାଞ୍ଚକର ରହିଥିଲା। ହେଡିଂଲେରେ ୫ ଦିନ ମ୍ୟାଚ୍‌ର ମୋଡ଼ ପ୍ରତିଟି ସେସନ୍‌ରେ ବଦଳୁଥିଲା। ଟେଷ୍ଟ କ୍ରିକେଟର ଅସଲ ଖେଳ କ'ଣ ସେ କଥା ସମସ୍ତେ ଏହି ମ୍ୟାଚ୍‌ରେ ଅନୁଭବ କରିଥିଲେ। ଭାରତର ଆଗଧାଡ଼ିର ଦମ୍‌ଦାର ବ୍ୟାଟିଂ ମ୍ୟାଚ୍‌ର ରୋଚକତାକୁ ବଢ଼ାଇଥିଲା। ଶୁଭମନ ଗିଲ୍ ଇଂଲଣ୍ଡ ମାଟିରେ ନିଜ ପ୍ରଥମ ଶତକ ହାସଲ କରିଥିଲେ। ରିଷଭ ପନ୍ତ ଉଭୟ ଇନିଂସ୍‌ରେ ଶତକ ହାସଲ କରି ବିଶ୍ୱ କୀର୍ତ୍ତିମାନ ବି କରିଛନ୍ତି। ବୋଲିଂ ବାହିନୀ ସାମୁହିକ ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇନାହିଁ। ଫିଲ୍ଡରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ତଥା ନିମ୍ନ ମଧ୍ୟମ କ୍ରମ ବ୍ୟାଟର ଏପରି ଆଉଟ ହୋଇଥିଲେ, ଯେମିତି କୌଣସି ଖେଳାଳି ପଡ଼ିଆକୁ ପାଣି ନେଇ ଆସି ଚାଲିଯାଉଥିଲା ଭଳି ଲାଗିଥିଲା।

ଗିଲ୍ ସ୍ୱୀକାର କରିଛନ୍ତି, ନିମ୍ନକ୍ରମର ବିପର୍ଯ୍ୟୟ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତୀୟ ଦଳ ପ୍ରଥମ ଇନିଂସ୍‌ରେ ଏକଦା ୩ ୱିକେଟ ହରାଇ ୪୩୦ ରନ କରିଥିଲା। କିନ୍ତୁ ଶେଷ ୭ ୱିକେଟ ୪୧ ରନ ମଧ୍ୟରେ ଝଡ଼ିଥିଲା। ତେଣୁ ଭାରତର ପ୍ରଥମ ଇନିଂସ ୪୭୧ରେ ଅଟକି ଯାଇଥିଲା। ଦ୍ୱିତୀୟ ଇନିଂସ୍‌ରେ ଭାରତୀୟ ଦଳର ସ୍କୋର ୪ ୱିକେଟରେ ୩୩୩ ରନ୍ ଥିଲା। ହେଲେ ଭାରତୀୟ ଟିମ୍ ୩୬୪ ରନର ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସ୍‌ରେ ଭାରତ ଭଲ ଖେଳି ପାଳି ଘୋଷଣା କରିବାକୁ ଯୋଜନା କରିଥିଲା। କିନ୍ତୁ ୨୦ରୁ ୨୫ ରନ ମଧ୍ୟରେ ୬ ୱିକେଟ ଝଡ଼ିଯିବା ଆଦୌ ଠିକ୍ ହୋଇନି ବୋଲି ଗିଲ୍ କହିଛନ୍ତି। ଶେଷ ଦିନ ଇଂଲଣ୍ଡର ଭଲ ପ୍ରଦର୍ଶନ କରିଥିଲେ। ଏହାପରେ ମୁଁ ଭାବିଥିଲି ଯେ ଆମ ପାଇଁ ସୁଯୋଗ ସୃଷ୍ଟି ହୋଇଛି। କିନ୍ତୁ ମ୍ୟାଚ୍ ଆମ ସପକ୍ଷରେ ଗଲା ନାହିଁ ବୋଲି ଗିଲ୍ କହିଛନ୍ତି।

## ବୁମ୍ରାଙ୍କ ଉପରେ ଚାପ



ବର୍ଡ଼ର-ଗାଭାସ୍କର ଟ୍ରଫିରେ ରୋହିତ ଶର୍ମା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ଅଧିକ ବ୍ୟବହାର କରି ସମାଲୋଚନାର ଶିକାର ହୋଇଥିଲେ। ଏବେ ନୂଆ ଅଧିନାୟକ ଗିଲ୍ ମଧ୍ୟ ବୁମ୍ରାଙ୍କ ଉପରେ ଅଧିକ ନିର୍ଭରଶୀଳ ଜଣାପଡୁଛନ୍ତି। ସେ ବୁମ୍ରାଙ୍କ ଉପରେ ଚାପ ପକାଉଥିବାରୁ ଅନ୍ୟମାନଙ୍କ ପ୍ରଭାବ ଶୂନ୍ୟ ରହିଛି। ଆଇପିଏଲ୍‌ରେ ଦମ୍‌ଦାର ଶିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଇଂଲଣ୍ଡ ଟେଷ୍ଟ ଖେଳିବାକୁ ଦଳ ସହ ଅଛନ୍ତି। କିନ୍ତୁ ଉଭୟ ପ୍ରଥମ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ ଦେଖାଇପାରି ନାହାନ୍ତି। ଚୂଡ଼ାନ୍ତ ଏକାଦଶରେ ସାର୍ଦ୍ଦୁଲ ଠାକୁରଙ୍କ ଚୟନ ଭାରତୀୟ ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି। ସେ ଉଭୟ ବ୍ୟାଟ୍ ଓ ବଲ୍‌ରେ କମାଲ ଦେଖାଇପାରି ନାହାନ୍ତି। ଗିଲ୍ ମଧ୍ୟ ସାର୍ଦ୍ଦୁଲଙ୍କୁ ଜଣେ ବୋଲର ଭାବେ ନେଇପାରି ନାହାନ୍ତି। ଏଥିପାଇଁ ପ୍ରଥମ ଇନିଂସ୍‌ରେ କେବଳ ତାଙ୍କୁ ୬ ଓଭର ପକାଇବାକୁ ସୁଯୋଗ ଦିଆଯାଇଥିଲା। ଦ୍ୱିତୀୟ ଇନିଂସ୍‌ରେ ୱିକେଟ ନଝଡ଼ିବାରୁ ସାର୍ଦ୍ଦୁଲ ଅଧିକ ଓଭର ପକାଇଥିଲେ। ଏହାର ଫାଇଦା ଉଠାଇ ବେନ୍ ଡକେଟ ଓ ହ୍ୟାରି ବ୍ରୁକ୍‌ଙ୍କୁ କ୍ରମାଗତ ଦୁଇଟି ବଲ୍‌ରେ ଆଉଟ କରିଥିଲେ।

ପ୍ରଥମ ଟେଷ୍ଟର ଶେଷ ଦିନ ଭାରତୀୟ ବୋଲର ଲକ୍ଷ୍ୟରେ ଥିବାପରି ଲାଗୁନଥିଲେ। ଦିନ ତମାମ ବୋଲିଂ କରି ଇଂଲଣ୍ଡର ମାତ୍ର ୫ ଜଣ ବ୍ୟାଟରଙ୍କୁ ଆଉଟ କରିପାରିଥିଲେ। ପ୍ରଥମ ଇନିଂସ୍‌ରେ ୫ ୱିକେଟ ସଫଳତା ହାସଲ କରିଥିବା ବୁମ୍ରା ଦ୍ୱିତୀୟ ଇନିଂସ୍‌ରେ ଆଦୌ ୱିକେଟ ଝଡ଼ାଇପାରି ନଥିଲେ। ଏ ଦୃଷ୍ଟିରୁ ଭାରତର ସମସ୍ୟା ବଢ଼ିଯାଇଥିଲା। ସେ ୱିକେଟ ନପାଇବାରୁ ଇଂଲଣ୍ଡ ୫ ୱିକେଟରେ ବିଜୟୀ ହୋଇଥିଲା। ୧୮୮ ରନର ଭାଗିଦାରୀ ପରେ ଇଂଲଣ୍ଡ ଲଗାତାର କିଛି ୱିକେଟ ହରାଇଥିଲା। କିନ୍ତୁ ଜୋ ରୁଟ୍ ସ୍ଥିତି ସମ୍ଭାଳି ଅପରାଜିତ ୫୩ ରନର ଇନିଂସ୍ ଖେଳି ଇଂଲଣ୍ଡକୁ ବିଜୟ ଭେଟି ଦେଇଥିଲେ।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଆଦୌ ସୁଯୋଗର ହାତଛଡ଼ା କରି ନଥିଲା। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ଖେଳାଳି ଆଦୌ ହାର୍ ମାନି ନଥିଲେ। ଆହତ ଯୋଗୁ ଯୋଫ୍ରା ଆର୍ଚ୍ଚର, ମାର୍କ ଉଡ୍ ଓ ଗସ୍ ଆଟକିନସନ୍‌ଙ୍କ ଭଳି ପ୍ରମୁଖ ବୋଲରଙ୍କୁ ଇଂଲଣ୍ଡ ମିସ୍ କରିଥିଲା। କିନ୍ତୁ ଅଭିଜ୍ଞ କ୍ରିସ୍ ୱକ୍ସଙ୍କ ଉପସ୍ଥିତି ଓ ଷ୍ଟୋକ୍ସଙ୍କ ନେତୃତ୍ୱରେ ଯୁବ ବାହିନୀ ଭାରତର ସମସ୍ତ ୨୦ ୱିକେଟ ନେବାକୁ ସକ୍ଷମ ହୋଇଥିଲେ। ଷ୍ଟୋକ୍ସ ପ୍ରଥମ ଇନିଂସ୍‌ରେ ୪ଟି ଓ ଦ୍ୱିତୀୟ ଇନିଂସ୍‌ରେ ଗୋଟିଏ ୱିକେଟ ନେଇଥିଲେ। ଜୋସ୍ ଟଙ୍ଗ ଓ ବ୍ରେଣ୍ଡମ୍ କାସ୍ ଦ୍ୱିତୀୟ ଇନିଂସ୍‌ରେ ଗୁରୁତ୍ୱପୂର୍ଣ୍ଣ ୱିକେଟ ଦଖଲ କରିବା ସହ ଭାରତର ରନ ଗତିରେ ଅଙ୍କୁଶ ଲଗାଇ ପାରିଥିଲେ। ଏହି ମ୍ୟାଚ୍‌ରେ ଟଙ୍ଗ ୭ ୱିକେଟ ନେଇ ଦକ୍ଷତାର ପରିଚୟ ଦେଇଛନ୍ତି।

ଏହି ମ୍ୟାଚ୍ ହାରିବା ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଉପରେ ଚାପ ବଢ଼ିଯାଇଛି। କାରଣ ସେ ଦାୟିତ୍ୱ ନେବାପରେ ଭାରତ ଖେଳିଥିବା ୧୧ଟି ମ୍ୟାଚ୍‌ରୁ ୬ଟି ହାରିଛି। ଆଗକୁ ଜୁଲାଇ ୨ରୁ ବର୍ମିଂହାମ୍ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ଗିଲ୍ ଓ ଗମ୍ଭୀରଙ୍କ ଯୋଡ଼ି ଏହି ମ୍ୟାଚ୍‌ରେ କିଭଳି ଦଳକୁ ଦିଶା ନିର୍ଦ୍ଦେଶ କରିବେ, ତା'ଉପରେ ସମସ୍ତଙ୍କ ନଜର ରହିବ।



# ହର୍ଷିତ ରାଣା ଦଳରୁ ମୁକ୍ତ

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ହାରିବା ପରେ ଯୁବ ଦ୍ରୁତ ବୋଲ୍‌ର ହର୍ଷିତ ରାଣାଙ୍କୁ ଭାରତୀୟ ଦଳରୁ ମୁକ୍ତ କରାଯାଇଛି। ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ପିଇଁ ରାଣାଙ୍କୁ ଅତିରିକ୍ତ ବୋଲର ଭାବେ ନିଆଯାଇଥିଲା। ବୁଧବାର ଟିମ୍ ମ୍ୟାନେଜ୍‌ମେଣ୍ଟ ତାଙ୍କୁ ମୁକ୍ତ କରିବା ନିଷ୍ପତ୍ତି ନେଇଛି। ୨୩ ବର୍ଷୀୟ ହର୍ଷିତ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ନିକଟତମ ଭାବେ ପରିଚିତ । ଅଷ୍ଟ୍ରେଲିଆରେ ଦୁଇଟି ଟେଷ୍ଟ ଖେଳିଥିଲେ। ସେଠାରେ ତାଙ୍କ ପ୍ରଦର୍ଶନ ମାମୁଲି ରହିଥିଲା। କ୍ୟାଣ୍ଟର ବେରିରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ଅନ୍‌ଅଫିସିଆଲ୍ ଟେଷ୍ଟ ଭାରତ ଏ ଦଳର ଅଂଶ ଥିଲେ ।୨୭ ଓଭର ବୋଲିଂ କରି ୯୯ ବ୍ୟୟରେ ଗୋଟିଏ ୱିକେଟ୍ ନେଇଥିଲେ। ବିସିସିଆଇର ଜଣେ ବରିଷ୍ଠ ଅଧିନାୟକ ହର୍ଷିତ ରାଣାଙ୍କୁ ଦଳରୁ ମୁକ୍ତ କରାଯାଇଛି। ସେ ବର୍ମିଂହାମ୍ ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ସହ ଯାତ୍ରା କରିନାହାଁନ୍ତି। ଗମ୍ଭର କହିଛନ୍ତି ଦଳର କିଛି ବୋଲରଙ୍କୁ ଆଘାତ ହେତୁ ହର୍ଷିତଙ୍କୁ ରଖାଯାଇଥିଲା। ବର୍ତ୍ତମା ସବୁ କିଛି ଠିକ୍ ଅଛି। ଆଲୋଚନା ପରେ ଆମେ ନିଷ୍ପତ୍ତି ନେବୁ।



# କ୍ରିକେଟ୍ ଦୁନିଆରେ ସଲମାନ୍‌ଙ୍କ ଏଣ୍ଟ୍ରି

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି) : ଦେଶର ପ୍ରଥମ ଏବଂ ସର୍ବବୃହତ୍ତ ଟେନିସ୍ ବଲ୍ ଟି-୨୦ କ୍ରିକେଟ୍ ଲିଗ୍ ଇଣ୍ଡିଆନ୍ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ ଏବଂ ତୃତୀୟ ସିଜନ୍‌ରେ ବଲିଉଡ୍ ସୁପରଷ୍ଟାର ସଲମାନ୍ ପ୍ରବେଶ କରିଛନ୍ତି। ଆଇଏସ୍‌ପିଏଲ୍ ତୃତୀୟ ସିଜନର ନୂଆଦିଲ୍ଲୀ ଫ୍ରାଞ୍ଚାଇଜ୍‌ର ସେ ମାଲିକ ହେବାକୁ ଯାଉଛନ୍ତି। ଏହି ନୂଆଦଳକୁ ଆଇଏସ୍‌ପିଏଲ୍‌ରେ ଏପରି ସମୟରେ ସାମିଲ କରାଯାଇଛି ଯେତେବେଳେ ଲିଗ୍ ଦ୍ୱିତୀୟ ସିଜନରେ ରେକର୍ଡ ଭାଙ୍ଗି ଲୋକପ୍ରିୟତା ହାସଲ କରିଥିଲା। ଆଇଏସ୍‌ପିଏଲ୍ ସିଜନ୍ ୨ କୁ ଟିଭିରେ ୨.୮ କୋଟିରୁ ଅଧିକ ଦର୍ଶକ ଦେଖିଥିଲେ। ପ୍ରଥମ ସିଜନ୍ ତୁଳନାରେ ୪୭ ଶତକଡା ଲୋକପ୍ରିୟତା ବଢିଥିଲା। ଆଇଏସ୍‌ପିଏଲ୍‌କୁ ଦେଶର ସବୁଠାରୁ ବଡ କ୍ରିଡା ଏବଂ ମନୋରଞ୍ଜନ୍ ମହୋତ୍ସବ ଭାବେ ବିବେଚନା କରାଯାଉଛି। ଦର୍ଶକଙ୍କୁ କ୍ରିକେଟ୍ ସହିତ ସଂଗୀତ ଏବଂ ତାରକାର ସଙ୍ଗମର ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିଛି। ସଲମାନ୍ ଖାନ୍‌ଙ୍କ ସମ୍ପୃକ୍ତି ଦିଲ୍ଲୀ ଦଳକୁ ମଜଭୁଦ କରିବା ସହ ସମଗ୍ର ଲିଗ୍‌କୁ ଏକ ନୂତନ ଉତ୍ସାହ ଭରିଦେବ। ଅମିତାଭ ବଚ୍ଚନ ମିଟଲ୍ ମୁମ୍ବାଇ, ସଏଫ୍ ଅଲିଖାନ୍ ଏବଂ କରିନା କାପୁର ଟାଇଗର୍ସ ଅଫ୍ କୋଲକାତା, ଅକ୍ଷୟ କୁମାର ଶ୍ରୀନଗର କେ ବୀର, ସୂର୍ଯ୍ୟା ଚେନ୍ନାଇ ସିଂଙ୍ଗମ୍, ହିର୍ତ୍ତିକ ରୋସନ ବାଙ୍ଗାଲୋର ଷ୍ଟ୍ରାଇଗର୍ସ ଏବଂ ରାମଚରଣ ଫାଲକନ୍ ରାଇଜର୍ସ ହାଇଦ୍ରାବାଦ ଆଦି ଦଳର ମାଲିକ ଅଛନ୍ତି।

# ବ୍ୟକ୍ତିଗତ ଉପଲବ୍ଧି ସକରାତ୍ମକ : ଗମ୍ଭୀର

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଲିଡ୍ସ ଟେଷ୍ଟ ପରାଜୟ ପରେ ବ୍ୟକ୍ତିଗତ ଉପଲବ୍ଧିକୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସକରାତ୍ମକ ଭାବେ ଗ୍ରହଣ କରିଛନ୍ତି। କିନ୍ତୁ ଆମେ ମ୍ୟାଚ୍ ହାରିଛୁ। ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ତାହାକୁ ଟିମ୍ ହାସଲ କରିପାରିଲା ନାହିଁ। ପରେ ପନ୍ତଙ୍କ ଦୁଇଟ ଶତକକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ଗମ୍ଭୀର ରାଗି ଯାଇଥିଲେ। ସେ କହିଥିଲେ ଆହୁରୀ ତିନୋଟି ଶତକ ହୋଇଥିଲା ।ଏ ସବୁ ସକରାତ୍ମକ କଥା ।ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଶତକ, ଶୁଭମନ୍ ଗିଲ୍‌ଙ୍କ ଅଧିନାୟକ ଡେବ୍ୟୁରେ ଶତକ କଥା ପଚାରିଥିଲେ ଭଲ ହୋଇଥାନ୍ତା। ରାହୁଲ ମଧ୍ୟ ଶତକ ମାରିଛନ୍ତି। ରିଷଭ ପନ୍ତ ଦୁଇଟି ଇନିଂସରେ ଦୁଇଟି ଶତକ ଲଗାଇଛନ୍ତି। ଗୋଟିଏ ଟେଷ୍ଟରେ ୫ଟି ଶତକ ବଡ କଥା । ଯଦି ଟିମ୍ ହାରେ ତେବେ ବ୍ୟକ୍ତିଗତ ଉପଲବ୍ଧିର କୌଣସି ମୂଲ୍ୟ ନଥାଏ। ବୁମରା ୫ ୱିକେଟ୍ ନେଇଥିଲେ କିନ୍ତୁ ଆମେ ବିଜୟୀ ହୋଇପାରିଲୁ ନାହିଁ। ଆମେ ଶୀର୍ଷ ୬ ଜଣଙ୍କଠାରୁ ଭଲ ଇନିଂସ ଆଶା କରିଥିଲୁ। ଶେଷରେ ଆମେ ଟେଷ୍ଟ ମ୍ୟାଚ୍ ଜିତିପାରିଲୁ ନାହିଁ। ଏଥିରୁ ଆମେ ଶିକ୍ଷା ନେଇ ଆଗକୁ ବଢିବୁ। ଦଳର ଅଧିକାଂଶ ବୋଲର କ୍ୟାରିୟରର ଆରମ୍ଭରେ ଅଛନ୍ତି। ସେମାନଙ୍କୁ କିଛି ସମୟ ଦେବାକୁ ପଡିବ। ସେମାନଙ୍କୁ ୪୦ ଅଧିକ ଟେଷ୍ଟ ମ୍ୟାଚ୍‌ର ଅନୁଭବ ନାହିଁ। ଦିନିକିଆ ଟି-୨୦ ମ୍ୟାଚ୍‌ର ପ୍ରଭାବ ପଡିନଥାଏ କିନ୍ତୁ ଅଷ୍ଟ୍ରେଲିଆ, ଇଂଲଣ୍ଡ କିମ୍ବା ଦ. ଆଫ୍ରିକା ଟେଷ୍ଟ ଖେଳିବା ପାଇଁ ଅନୁଭବ ଅଧିକ ଗୁରୁତର । ଯଦି ଆମେ ପ୍ରତ୍ୟେକ ଟେଷ୍ଟ ମ୍ୟାଚ୍ ପରେ ଆମ ବୋଲରଙ୍କ ମୂଲ୍ୟାଙ୍କନ କରିବା ତେବେ ଏକ ଭଲ ବୋଲିଂ ଆଟାକ୍ ପାଇପାରିବୁ। ବୁମରା ଏବଂ ସିରାଜଙ୍କ ବ୍ୟତିତ ଦ୍ରୁତ ବୋଲିଂ ଅଧିକ ଅଭିଜ୍ଞାତା ନାହିଁ। ଅନ୍ୟମାନଙ୍କ ପାଖରେ ପ୍ରତିଭା ଅଛି। ସେଥିପାଇଁ ସେମାନେ ଭାରତୀୟ ଦଳରେ ଅଛନ୍ତି।

## ୧୯ ବର୍ଷରୁ କମ୍ ଶୃଙ୍ଖଳା

# ଭାରତ ୫୦ ଓଭରରେ ୪୪୨ ରନ୍

ଲଣ୍ଡନ, ୨୫।୬(ଏଜେନ୍ସି) : ଇଂଲଣ୍ଡରେ ଭାରତୀୟ ଯୁବ କ୍ରିକେଟ୍ ଦଳ ଦମଦାର ବିଜୟ ହାସଲ କରିଛି। ୧୯ ବର୍ଷରୁ ଭାରତୀୟ ଦଳ ୫୦ ଓଭରରେ ୪୪୨ ରନ୍‌ର ବିଶାଳ ସ୍କୋର କରି ଇଂଲଣ୍ଡ ୟଙ୍ଗ୍ ଲାୟନ୍ସକୁ ହରାଇ ଦେଇଛି। ଏହି ଟ୍ରୁର୍ ମ୍ୟାଚକୁ ଯୁବ ବାହିନୀ ୨୩୧ ରନ୍ ବ୍ୟବଧାନରେ ଜିତିଛି । ଭାରତୀୟ ଦଳର ନେତୃତ୍ୱ ଆୟୁଷ ମହାତ୍ରେ ନେଇଛନ୍ତି। ଏହା ପରେ ଇଂଲଣ୍ଡ ଟ୍ରୁର୍ ପାଇଁ ତାଙ୍କ ନେତୃତ୍ୱ ଭାରତୀୟ ୧୯ ବର୍ଷରୁ କମ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଦଳ ଏବେ ବିଦେଶରେ ଦମ୍ ଦେଖାଇଛି। ଆଇପିଏଲ୍‌ରେ କମାଲ କରିଥିବା ମହାତ୍ରେ କିମ୍ବା ବୈଭବ ସୂର୍ଯ୍ୟବଂଶୀ କୌଣସି ଜଲୱା ଦେଖାଇପାରିନାହାଁନ୍ତି। ଦଳ ବିଜୟରେ ୧୮ ବର୍ଷୀୟ ହରି ବଂଶ ପଙ୍ଗାଲିଆ ସିଂ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହାତ୍ରେ କେବଳ ୧ ରନ୍ କରିଥିଲା। ବୈଭବ ୧୭ ରନ୍ କରିବାକୁ ସକ୍ଷମ ହୋଇଥିଲେ। ହରିବଂଶ ୫୨ ବଲ୍‌ରେ ଅପରାଜିତ ୧୦୩ ରନ୍‌ର ଇନିଂସ ଖେଳିଥିଲେ। ସେ ତାଙ୍କ ଇନିଂସରେ ୮ ଟି ଚୌକା ଓ ୯ ଟି ବିଶାଳ ଛକା ମାରିଥିଲେ। ରାହୁଲ କୁମାର ମଧ୍ୟ ୬୦ ବଲରୁ ୭୩ ରନ୍ କରିଥିଲେ। କନିସ୍କ ଚୌହାନ୍ ୬୭ ବଲରୁ ୭୯ ରାନ୍ ଓ ଆର୍‌ଏସ୍ ଆମ୍ରିସ୍ ୪୭ ବଲରେ ୭୨ ରନ୍ କରିବାରୁ ଭାରତ ୫୦ ଓଭରରେ ୪୪୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ସୌରାଷ୍ଟ ପାଇଁ ଜୁନିୟର ବର୍ଗରେ ହରିବଂଶ ବେଶ୍ କିଛି ବର୍ଷ ହେଲା ଖେଳିଆସୁଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ୟୁଥ୍ ଟେଷ୍ଟରେ ସେ ଦମ୍‌ଦାର ହାସଲ କରିଥିଲେ। ନିଜ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରି ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ହରିବଂଶଙ୍କ ବାପା ଜଣେ ଟ୍ରକ୍ ଚାଳକ । କିଛି ବର୍ଷ ତଳେ ହରିବଂଶଙ୍କୁ ଭାରତ ଛାଡି କାନାଡା ଯିବାର ବିକଳ୍ପ ମିଳିଥିଲା। କିନ୍ତୁ ସେ କାନାଡା ବଦଳରେ ଭାରତରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବାପା ଦମନଦୀପ ସିଂ କାନାଡାରେ ଟ୍ରକ୍ ଚଳାନ୍ତି। ସେଠାରେ ସେ ରହିବା ସହ ପରିବାରର ଅନ୍ୟ ସଦସ୍ୟ ରୁହନ୍ତି। ହରିବଂଶ କ୍ରିକେଟ୍ ସ୍ୱପ୍ନକୁ ପୂରଣ କରିବା ପାଇଁ ପରିବାରଠାରୁ ଅଲଗା ରହୁଛନ୍ତି। ଏବେ କ୍ରିକେଟରୁ କିଛି ମାତ୍ରାରେ ତାଙ୍କୁ ସଫଳତା ମିଳିଛି।



# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍ : ସପ୍ତମ ସ୍ଥାନକୁ ଉଠିଲେ ପନ୍ତ

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି) : ଲିଡ୍ସ ଟେଷ୍ଟରେ ଦୁଇଟି ଶତକ ହାସଲ କରିଥିବା ରିଷଭ ପନ୍ତଙ୍କ ଟେଷ୍ଟ ମାନ୍ୟତାରେ ଉନ୍ନତି ହୋଇଛି। ପନ୍ତ ଟେଷ୍ଟ ବ୍ୟାଟର ତାଲିକାର ସପ୍ତମ ସ୍ଥାନକୁ ଉଠିଛନ୍ତି। ସେ ୮୦୧ ପଏଣ୍ଟ ସହ ଏହି ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ୧୦ ମଧ୍ୟରେ ଭାରତର ଅନ୍ୟତମ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ନାଁ ରହିଛି। ସେ ୮୫୧ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଲିଡ୍ସ ଟେଷ୍ଟରେ ପ୍ରଥମ ଇନିଂସରେ ଶତକ ମାରିଥିଲେ। ଅଧିନାୟକ ଶୁଭମନ୍ ଗିଲ୍ ଏହି ତାଲିକାର ଶ୍ରେଷ୍ଠ ୨୦ ମଧ୍ୟରେ ରହିଛନ୍ତି। ସେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୧୪୭ ରନ୍ କରିଥିଲେ। ଦ୍ୱିତୀୟ ପାଳିରେ ୧୩୭ ରନ୍ କରିଥିବା ଲୋକେଶ ରାହୁଲ ୧୦ ଟି ସ୍ଥାନ ଉପରକୁ ଉଠି ୩୮ ନମ୍ବରରେ ପହଞ୍ଚିଛନ୍ତି। ବ୍ୟାଟ୍‌ର ତାଲିକାର ଶୀର୍ଷରେ ଇଂଲଣ୍ଡର ଜୋ ରୁଟ୍ ଅଛନ୍ତି। ସେ ୮୮୯ ପଏଣ୍ଟ ପାଇଥିବା ହ୍ୟାରି ବ୍ରୁକ୍ ୮୭୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଲିଡ୍ସରେ ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ପ୍ରଥମ ଇନିଂସରେ ବ୍ରୁକ୍ ୯୯ ରନ୍ ଇନିଂସ୍ ଖେଳିଥିଲେ। ଦ୍ୱିତୀୟ ଇନିଂସରେ ୧୪୯ ରନ୍ କରିଥିଲେ। ଇଂଲଣ୍ଡ ବିଜୟରେ ସେ ବଡ ଭୂମିକା ଗ୍ରହଣ କରିଥିଲେ। ବେନ୍ ଡକେଟ୍ ଟେଷ୍ଟ ର୍‍ୟାଙ୍କିଂରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ପ୍ରଥମ ଇନିଂସରେ ସେ ୬୨ ରନ୍ କରିଥିଲେ। ଇଂଲଣ୍ଡର ଓଲି ପୋପ୍ ୧୯ ତମ ସ୍ଥାନରେ ରହିଛନ୍ତି। ସେ ଭାରତ ପକ୍ଷରେ ୧୦୬ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍ ତୃତୀୟ, ଅଷ୍ଟ୍ରେଲିଆର ଷ୍ଟିଭେନ୍ ସ୍ମିଥ୍ ପଞ୍ଚମ ଦ. ଆଫ୍ରିକାର ତେମ୍ବା ବଭୁମା ଶ୍ରେଷ୍ଠ, ଶ୍ରୀଲଙ୍କାର କାମେନ୍ଦୁ ମେଣ୍ଡିସ୍ ନବମ ଏବଂ ପାକିସ୍ତାନ ସଉଦ ସକିଲ୍ ଦଶମ ସ୍ଥାନରେ ରହିଛନ୍ତି।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି